# ଧରିତ୍ରୀ
DHARITRI

ବାଲେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୦/୨୦୨୨ (୧୬ ପୃଷ୍ଠା) | Balasore, Tuesday, December 20/2022 | Page 16 ₹ 7.00 ★★★★

୪୯ଶ ଭାଗ ୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 27 | ମୂଲ୍ୟ ₹୭/-




**ରେହାନଙ୍କୁ ୫ ଉଇକେଟ ସଫଳତା**

ପାକିସ୍ତାନ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ସର୍ବକନିଷ୍ଠ ପଦାର୍ପଣକାରୀ ବୋଲର ଭାବେ ୫ ଉଇକେଟ ହାସଲ କରିଛନ୍ତି ଇଂଲଣ୍ଡର ରେହାନ ଅହମଦ।

୧୩

୧୧

**ରିମେକ୍ ଫିଲ୍ମରେ ଅଲିଜେହ**

ବେଲ୍‌ଜିୟମ୍ ଫିଲ୍ମ 'ଲା ଫାମିଲେ ବେଲିଅର'ର ହିନ୍ଦୀ ରିମେକ୍ ଜରିଆରେ ଅଲିଜେହ ଅଗ୍ନିହୋତ୍ରୀ ବଲିଉଡ୍‌ରେ ଡେବ୍ୟୁ କରିବେ।



କର୍ନାଟକ-ମହାରାଷ୍ଟ୍ର ବିବାଦ: ବେଲଗାଭିରେ ୧୪୪ ଧାରା

ପୃଷ୍ଠା-୧୨

# ଫସଲ ବଢ଼ିଆ, ଚାଷୀ କାନ୍ଦୁଛି

**ଆଜିର ସମ୍ପାଦକୀୟ**

**'ଡ୍ୟୁଟି' କରୁଛନ୍ତି**

**ଆଜିର ମନ୍ତବ୍ୟ**

" ଭାରତ ଯୋଡ଼ୋ ଯାତ୍ରା ମାଧ୍ୟମରେ ଘୃଣାର ବଜାରରେ ପ୍ରେମର ଦୋକାନ ଖୋଲିଛି। ପଦଯାତ୍ରାକୁ ନେଇ ପ୍ରଶ୍ନ ଉଠାଉଥିବା ଭାଜପା ନେତାମାନେ ଏଭଳି ପଦକ୍ଷେପ ନିଅନ୍ତୁ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**






*ରୋଗପୋକ, ବାତ୍ୟା, ବନ୍ୟାଜନିତ କ୍ଷୟକ୍ଷତି ସତ୍ତ୍ୱେ ଚାଷରୁ ପରିବାର ପ୍ରତିପୋଷଣର ଆଶା ଛାଡୁନାହାନ୍ତି ଓଡ଼ିଶାର ଚାଷୀ। କ୍ଷତିଭରଣା ଏବଂ ଲାଭ ପାଇବା ନିମନ୍ତେ ସେମାନେ ଫସଲ ଅନୁକୂଳ ସମୟରେ ଧାରକରଜ କରି ଚାଷ କରୁଛନ୍ତି। ଶେଷରେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଫସଲର ଅଣ୍ଡରରେଟ୍ ସେମାନଙ୍କୁ ତଳିତଳାନ୍ତ କରିଦେଉଛି। ଏହା କୌଣସି ନୂଆ କଥା ନୁହେଁ, ପ୍ରତିବର୍ଷ ଏହି ସମସ୍ୟା। କିନ୍ତୁ ପରିତାପର ବିଷୟ, ସ୍ଥିତିରେ ପରିବର୍ତ୍ତନ ଆସୁନାହିଁ। ଫସଲର ସଂରକ୍ଷଣ ଏବଂ ଉପଯୁକ୍ତ ମୂଲ୍ୟରେ ବିକ୍ରି ବ୍ୟବସ୍ଥା ସମ୍ଭବ ହୋଇପାରୁନାହିଁ। ଫଳସ୍ୱରୂପ କ୍ଷେତରେ ଫସଲ ହସିଲାବେଳେ ଚାଷୀ ଆଖିରୁ ଲୁହ ଗଡ଼ିଯାଉଛି।*

ବରଗଡ ଅଫିସ/ ରସୁଲପୁର (ଡି.ଏନ୍.ଏ.),୧୯।୧୨

## କୋବି ଚାଷରେ ଟ୍ରାକ୍ଟର ମଡ଼ାଇଦେଲେ



ବରଗଡ଼ ସହର ଉପକଣ୍ଠ ଗଞ୍ଜିଆଟିକ୍ରା ଗ୍ରାମରେ ଚାଷୀ କୋବି ଫସଲ ନଷ୍ଟ କରୁଛନ୍ତି।

ରାଜ୍ୟରେ ସମ୍ପ୍ରତି କ୍ଷେତଗୁଡ଼ିକରେ ଧାନ, ପରିବା ଭରିଯାଇଛି। ହେଲେ ଶୀତଳଭଣ୍ଡାର ନ ଥିବାରୁ ସେଗୁଡ଼ିକୁ ସାଇତି ରଖି ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବା ସମ୍ଭବ ହୋଇପାରୁନାହିଁ। ଏଥିଯୋଗୁ ଚାଷୀଙ୍କ କଷ୍ଟୋପାର୍ଜିତ ଫସଲର ମୂଲ୍ୟ ଅତି ନଗଣ୍ୟ ହୋଇଯାଇଛି। ତାହାକୁ ଅମଳ କରି ବଜାରକୁ ଆଣିବା ଖର୍ଚ୍ଚ ମଧ୍ୟ ବାହାରୁନାହିଁ। ଏଭଳି ଦୁର୍ଦ୍ଦିନରେ ଘାଣ୍ଟି ହେଉଥିବା ଚାଷୀ ନିଜ ଫସଲକୁ ନଷ୍ଟ କରିବାକୁ ଶ୍ରେୟସ୍କର ମନେ କରୁଛନ୍ତି। ଉଦାହରଣ ଭାବେ ବରଗଡ଼ ଜିଲାକୁ ନିଆଯାଇପାରେ, ଯେଉଁଠି ଧାନ ସାଙ୍ଗକୁ ପନିପରିବାର ଅଭାବୀ ବିକ୍ରି ଲାଗି ରହିଛି। ଏହା ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଏଭଳି ସ୍ଥିତିରେ ଚାଷୀ ବହୁ ଟଙ୍କା ଖର୍ଚ୍ଚ କରି ଲାଭ ଆଶାରେ କରିଥିବା ପରିବା ଫସଲକୁ କ୍ଷେତରେ ନଷ୍ଟ କରିଦେଉଛନ୍ତି। ଏହି କ୍ରମରେ ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ପଞ୍ଚାୟତ ଗଞ୍ଜିଆଟିକ୍ରା ଅଞ୍ଚଳର କେତେଜଣ ଚାଷୀ ନିଜ କ୍ଷେତରେ ବନ୍ଧାକୋବି ଫସଲରେ ଟ୍ରାକ୍ଟର ମଡ଼ାଇ ନଷ୍ଟ କରିବା ଭଳି ଘଟଣା ସାମ୍ନାକୁ ଆସିଛି।

ଧାନର ବିକଳ୍ପ ଭାବେ ଚାଷୀଙ୍କୁ ଅଣଧାନ ଅର୍ଥାତ୍ ପନିପରିବା, ଶସ୍ୟଜାତୀୟ ଫସଲ କରିବା ପାଇଁ କୃଷି ବିଭାଗ ଉତ୍ସାହିତ କରୁଛି। କିନ୍ତୁ ପନିପରିବାର ଅଭାବୀ ବିକ୍ରି ଚାଷୀଙ୍କୁ ଚିନ୍ତାରେ ପକାଇଛି। ଗଞ୍ଜିଆଟିକ୍ରା ଗ୍ରାମର ଚାଷୀମାନେ ଧାନ ପରିବର୍ତ୍ତେ

### ପନିପରିବାର ଅଭାବୀ ବିକ୍ରି

ପରିବା ଫସଲରେ ଅଧିକ ଲାଭ ମିଳିବ ବୋଲି ଆଶା ବାନ୍ଧିଥିଲେ। ତେଣୁ ସେମାନେ ବହୁ ଏକର ଜମିରେ କୋବି ଚାଷ କରିଥିଲେ। କିନ୍ତୁ ଅମଳ ପରେ ବେପାରୀମାନେ କୋବି କିଲୋଗ୍ରାମ ପ୍ରତି ୨ରୁ ୩ଟଙ୍କା ଦର କରିବାକୁ କହିଥିଲେ। ଏହି ଦରରେ ଚାଷରେ ନିୟୋଜିତ ଶ୍ରମିକଙ୍କ ଖର୍ଚ୍ଚ ମଧ୍ୟ ବାହାରିବ ନାହିଁ। ଫଳରେ ଚାଷୀମାନେ କୋବି ନ ଅମଳ କରି ତାହାକୁ ନଷ୍ଟ କରିବା ପାଇଁ ବାଧ୍ୟ ହୋଇଛନ୍ତି ବୋଲି ଚାଷୀ ପ୍ରଶାନ୍ତ ସାହୁ କହିଛନ୍ତି। ସେହିପରି ଗଞ୍ଜିଆଟିକ୍ରାର ଆଉ ଜଣେ ଚାଷୀ ଗୋପାଳ ପ୍ରଧାନ କହିଛନ୍ତି, ସେ ୨ ଏକର ଜମିରେ ଫୁଲକୋବି ଏବଂ ବନ୍ଧାକୋବି ଚାଷ କରିଛନ୍ତି। ଏଥିରେ ସେ ପାଖାପାଖି ୧ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। କିନ୍ତୁ ବେପାରୀମାନେ କି.ଗ୍ରା. ପ୍ରତି ୨ଟଙ୍କା ଦରରେ ବନ୍ଧାକୋବି ମାଗୁଛନ୍ତି। ଶୀତଳଭଣ୍ଡାର ଥିଲେ ଏଭଳି ସମସ୍ୟା ଉପୁଜି ନ ଥାଆନ୍ତା ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ କୋବି ଫସଲରେ ଟ୍ରାକ୍ଟର ମଡ଼ାଇ ନଷ୍ଟ କରିଥିବା ☞ପୃଷ୍ଠା-୪

## ଭୁବନେଶ୍ୱର ସମେତ ଆଉ ୨୫ ବିମାନବନ୍ଦରକୁ ଲିଜ୍‌ରେ ଦିଆଯିବ

### କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲିଜ୍‌ରେ ଦିଆଯିବ। ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ଦ୍ୱାରା ପରିଚାଳିତ ଏହି ବିମାନବନ୍ଦର ସମେତ ଦେଶର ଆଉ ୨୫ଟି ବିମାନବନ୍ଦରକୁ ଲିଜ୍‌ରେ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ବିମାନବନ୍ଦରଗୁଡ଼ିକ ହେଲା ବାରାଣସୀ, ଅମୃତସର, ତାମିଲନାଡୁର ତ୍ରିଚି, ଇନ୍ଦୋର, ରାଏପୁର, କେରଳର କାଲିକଟ୍, କୋଏମ୍ବାଟୁର, ନାଗପୁର, ପାଟଣା, ମଦୁରାଇ, ସୁରଟ, ରାଞ୍ଚି, ଯୋଧପୁର, ଚେନ୍ନାଇ, ବିଜୟୱାଡ଼ା, ଭଦୋଦରା, ଭୋପାଳ, ତିରୁପତି, କର୍ନାଟକର ହୁବ୍‌ଲି, ଇମ୍ଫାଲ, ଅଗରତାଲା, ଉଦୟପୁର, ଡେରାଡୁନ ଏବଂ ଆନ୍ଧ୍ରପ୍ରଦେଶର ରାଜାମୁଣ୍ଡ୍ରି। ଏଗୁଡ଼ିକୁ ପରିଚାଳନା ପାଇଁ ଆସନ୍ତା ୨୦୨୫ ସୁଦ୍ଧା ପର୍ଯ୍ୟାୟକ୍ରମେ ଘରୋଇ କମ୍ପାନୀଗୁଡ଼ିକୁ ଲିଜ୍‌ରେ ଦିଆଯିବ। କେନ୍ଦ୍ର ସରକାରଙ୍କ ନ୍ୟାଶନାଲ ମନେଟାଇଜେଶନ ପାଇପ୍‌ଲାଇନ (ଏନ୍ଏମ୍‌ପି) ଅନୁସାରେ ☞ପୃଷ୍ଠା-୪

# ତିବ୍ବତ ଏୟାରବେସ୍‌ରେ ଡ୍ରୋନ୍, ଯୁଦ୍ଧବିମାନ ମହଜୁଦ

## ଚାଇନାର ଆକ୍ରମଣ ପ୍ରସ୍ତୁତି

ନୂଆଦିଲ୍ଲୀ,୧୯।୧୨




ଚାଇନାର ପ୍ରାୟ ୩୦୦ ସୈନ୍ୟ ଗତ ୯ ତାରିଖରେ ଅରୁଣାଚଳ ପ୍ରଦେଶର ତାୱାଙ୍ଗ୍‌ରେ ପ୍ରବେଶ କରି ଉକ୍ତ ଅଞ୍ଚଳକୁ ନିଜର ବୋଲି ଦାବି କରିଥିଲେ। ଭାରତୀୟ ସେନା ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ସଂଘର୍ଷ ଘଟି ଅନେକ ସୈନ୍ୟ ଆହତ ହୋଇଥିଲେ। ସଂଘର୍ଷ ପରେ ଚାଇନା ସୈନ୍ୟ ଫେରିଯାଇଥିଲେ ହେଁ ପୁନର୍ବାର ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି। ତିବ୍ବତୀୟ ଏୟାରବେସ୍‌ଗୁଡ଼ିକରେ ଚାଇନା ବହୁସଂଖ୍ୟାରେ ଡ୍ରୋନ୍ ଏବଂ ଲଢୁଆ ବିମାନ ଠୁଳ କରିଥିବା ହାଇରିଜଲ୍ୟୁଶନ ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି।

ସୀମାରେ ଚାଇନା ବିମାନ ଓ ଡ୍ରୋନ୍ ପଇଁତରା ବଢ଼ିବାରୁ ଅରୁଣାଚଳ ପ୍ରଦେଶ ଉପରେ ଭାରତୀୟ ବାୟୁସେନା ଏୟାର ପାଟ୍ରୋଲ ଆରମ୍ଭ କରିଛି। କିଛିଦିନ ପୂର୍ବରୁ ଅରୁଣାଚଳ ଉପରେ ଭାରତୀୟ ବାୟୁସୀମା ଲଂଘନ କରିଥିବା ଚାଇନାର ଦୁଇଟି ଯୁଦ୍ଧବିମାନକୁ ଭାରତୀୟ ଯୁଦ୍ଧବିମାନ ତଡ଼ିଥିଲା। ଅରୁଣାଚଳ ପ୍ରଦେଶଠାରୁ ୧୫୦ କିଲୋମିଟର ଉତ୍ତର-ପୂର୍ବରେ ଅବସ୍ଥିତ ଚାଇନାର ବାଙ୍ଗ୍‌ଡ଼ା ଏୟାରବେସ୍‌ର ସାଟେଲାଇଟ୍ ଚିତ୍ର ଏକ ଗଣମାଧ୍ୟମର ହସ୍ତଗତ ହୋଇଛି। ସେଠାରେ ଚାଇନାର ଅତ୍ୟାଧୁନିକ ଡବ୍ଲ୍ୟୁଜେଡ୍- 'ସୋରିଙ୍ଗ୍ ଡ୍ରାଗନ' ଡ୍ରୋନ୍ ମହଜୁଦ ରହିଥିବା ଦେଖାଯାଇଛି। ଏହି ଡ୍ରୋନ୍‌ଗୁଡ଼ିକ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ନ ଅଟକି ଉଡ଼ିପାରିବ। ଗୋଇନ୍ଦା, ସାମରିକ ପର୍ଯ୍ୟବେକ୍ଷଣ ଓ ତଦାରଖ ଲାଗି ଏହି ଡ୍ରୋନ୍‌କୁ ଡିଜାଇନ୍ କରାଯାଇଛି। ଏହା ଶତ୍ରୁପକ୍ଷର ଗତିବିଧି ଏବଂ ମିଶାଇଲ୍ ଟାର୍ଗେଟ ସ୍ଥଳ ସମ୍ପର୍କରେ ଚାଇନାକୁ ତଥ୍ୟ ପ୍ରେରଣ କରିପାରିବ। ଭାରତ ପାଖରେ ଏଭଳି ଡ୍ରୋନ୍ ନାହିଁ। ଏଭଳି ଡ୍ରୋନ୍ ଓ ଯୁଦ୍ଧବିମାନ ମହଜୁଦ ରଖିବା ଘଟଣାରୁ ଚାଇନା ଏକ ସକ୍ରିୟ ତଥା ପୂର୍ଣ୍ଣ କାର୍ଯ୍ୟକ୍ଷମ ନେଟ୍‌ୱର୍କ ପରିବେଶ ସୃଷ୍ଟି କରୁଥିବାର ସୂଚନା ଦେଉଛି। ଅକ୍ସାଇ ଚୀନ୍ ଏବଂ ଉତ୍ତରପୂର୍ବାଞ୍ଚଳରେ ଥିବା ମାକ୍‌ମହୋନ ଲାଇନ ଅଞ୍ଚଳ ପାଇଁ ଏହା ଏକ ସପୋର୍ଟ ମିଶନ ବୋଲି ବାୟୁସେନାର ପୂର୍ବତନ ପାଇଲଟ ତଥା ନ୍ୟୁଜ୍ୱେସ୍ କମ୍ପାନୀର ମୁଖ୍ୟ ସମୀର ଜୋଷୀ କହିଛନ୍ତି।

ଗତ ନଭେମ୍ବର ୨୭ରେ ଚାଇନା ଶିଗାତ୍‌ସେ ଏୟାରପୋର୍ଟରେ ୧୦ଟି ଫ୍ଲାଙ୍କର ଟାଇପ୍ ଯୁଦ୍ଧବିମାନ ସହ କେଜି-୫୦୦ ଏୟାରକ୍ରାଫ୍ଟ ମୁତୟନ କରିଥିଲା। ବାଙ୍ଗ୍‌ଡା ଏୟାରବେସ୍ ଫ୍ଲାଇଟ୍‌ଲାଇନରେ ଦୁଇଟି ଫ୍ଲାଙ୍କର ଟାଇପ୍ ଯୁଦ୍ଧବିମାନ ରହିଥିବା ଡିସେମ୍ବର ୧୪ର ସାଟେଲାଇଟ୍ ଫଟୋରେ ଦେଖିବାକୁ ମିଳିଥିଲା। ଗତ ସପ୍ତାହରେ ଅରୁଣାଚଳ ପ୍ରଦେଶରେ ☞ପୃଷ୍ଠା-୪




କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବକ୍ସ ଅଫିସରୁ ହକି ବିଶ୍ୱକପ ଟିକେଟ କିଣିବା ପାଇଁ ସୋମବାର ଦର୍ଶକଙ୍କ ଗହଳି। (ରିପୋର୍ଟ: ଖେଳପୃଷ୍ଠା)

# ଆହତଙ୍କ ସହ ମଦ ପିଇଲେ ଆମ୍ବୁଲାନ୍ସ ଚାଳକ

ଜଗତ୍‌ସିଂହପୁର ଅଫିସ, ୧୯।୧୨





■ ସାମାଜିକ ଗଣମାଧ୍ୟମରେ ଭିଡିଓ ଭାଇରାଲ

■ ଗଛରୁ ପଡ଼ି ଆହତ ବ୍ୟକ୍ତିଙ୍କୁ କଟକ ନିଆଯାଉଥିଲା

■ ଫେରିଲାବେଳକୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଆମ୍ବୁଲାନ୍ସ

ରାସ୍ତା ପାର୍ଶ୍ୱରେ ଆମ୍ବୁଲାନ୍ସ ଅଟକାଇ ଚାଳକ ଗ୍ଲାସରେ ମଦ ପିଉଥିବାବେଳେ ଆହତଙ୍କ ପାଇଁ ପେଗ୍ ବନାଉଛନ୍ତି। ଗାଡ଼ିର ପଛ ସିଟ୍‌ରେ ଜଣେ ମହିଳା ଓ ଝିଅ ମଧ୍ୟ ବସିଛନ୍ତି। ଏଭଳି ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ପରେ ଆମ୍ବୁଲାନ୍ସଟି ଆହତଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଛାଡ଼ି ଫେରୁଥିବାବେଳେ ଚାଉଳିଆଗଞ୍ଜ ନିକଟରେ ଏକ ସ୍କୁଟର ସହ ଧକ୍କା ହୋଇଥିଲା। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ପହଞ୍ଚି ଆମ୍ବୁଲାନ୍ସକୁ ନେଇ ଚାଉଳିଆଗଞ୍ଜ ଥାନାରେ ରଖିଛି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏହି ଭିଡିଓ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସାରଳା ରୋଡ ମଦ ଦୋକାନ ନିକଟବର୍ତ୍ତୀ ଅଞ୍ଚଳର ବୋଲି ଜଣାପଡ଼ିଛି। ପାରାଦୀପରୁ ଜଣେ ଆହତଙ୍କ ଚିକିତ୍ସା ପାଇଁ ଆମ୍ବୁଲାନ୍ସ (ନଂ. ଓଡି-୨୧-ଏନ୍-୩୮୮୬) ଯୋଗେ କଟକ ନିଆଯାଉଥିଲା। ଆମ୍ବୁଲାନ୍ସଟି ରଘୁନାଥପୁର ବ୍ଲକ ରେଡ୍ଡୁଆ ମୋହନପୁର ଗ୍ରାମର ଦିଲୀପ କୁମାର ରଥଙ୍କ ନାମରେ ରହିଛି। ସେ ନିଜେ ଏହାକୁ ଚଳାଉଛନ୍ତି। ଏ ସମ୍ପର୍କରେ ରଥଙ୍କୁ ପଚାରିବାରୁ କହିଛନ୍ତି, ଆହତ ଜଣକ ହେଉଛନ୍ତି କେନ୍ଦୁଝର ଜିଲାର ଜଣେ ଆଦିବାସୀ ବ୍ୟକ୍ତି। ତାଙ୍କ ନାମ କୈଳାସ ଦେହୁରୀ। ସେ ଦୀର୍ଘ ବର୍ଷ ହେବ ପରିବାର ସହ ପାରାଦୀପରେ ରହି ମଜୁରି ଲାଗି ପରିବାର ଭରଣପୋଷଣ କରନ୍ତି। ୧୦ ବର୍ଷ ହେବ ଦେହୁରୀଙ୍କ ସହ ତାଙ୍କର ପରିଚୟ ରହିଛି। ପାରାଦୀପ ତାରେଣୀଗଡ଼ା ଓ ମ୍ୟୁନିସିପାଲିଟି ହାଇସ୍କୁଲ ନିକଟରେ ରଥଙ୍କ ପୃଥକ୍ ଘର ରହିଛି। ତାରେଣୀଗଡ଼ା ନିକଟ ଘରେ ସେ ପରିବାର ସହ ରହୁଥିବାବେଳେ ମ୍ୟୁନିସିପାଲିଟି ହାଇସ୍କୁଲ ପାଖ ଘର ଭଡା ସୂତ୍ରରେ ଦେଇଛନ୍ତି। ଗତ ୧୮ ତାରିଖରେ ରଥଙ୍କ ମ୍ୟୁନିସିପାଲିଟି ହାଇସ୍କୁଲ ନିକଟ ଜମିରେ ଥିବା ଚାକୁଣ୍ଡା ☞ପୃଷ୍ଠା-୪

# ରାଜସ୍ଥାନରେ ୫୦୦ ଟଙ୍କାରେ ମିଳିବ ଏଲ୍‌ପିଜି

## ଅଶୋକ ଗେହଲଟ୍‌ଙ୍କ ଘୋଷଣା

ଜୟପୁର ,୧୯।୧୨

ରାଜସ୍ଥାନରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଏବଂ ଉଜ୍ଜ୍ୱଳା ଯୋଜନା ହିତାଧିକାରୀମାନଙ୍କୁ ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ ଯୋଗାଇଦେବା ଲାଗି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସୋମବାର ଘୋଷଣା କରିଛନ୍ତି। ଆସନ୍ତା ବର୍ଷ ରାଜସ୍ଥାନ ବିଧାନସଭା ନିର୍ବାଚନ ଥିବାବେଳେ ଏହା ପୂର୍ବରୁ କଂଗ୍ରେସ ବଡ଼ ଘୋଷଣା କରିଛି। ମୁଖ୍ୟମନ୍ତ୍ରୀ ଏହି ଘୋଷଣା କଲାବେଳେ ପାଖରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉପସ୍ଥିତ ଥିଲେ। ଗରିବ ପରିବାର ଏବଂ ଉଜ୍ଜ୍ୱଳା ହିତାଧିକାରୀମାନଙ୍କୁ ବର୍ଷକୁ ୧୨ଟି ସିଲିଣ୍ଡର ଅଧାରୁ କମ୍ ଦାମ୍‌ରେ ଯୋଗାଇ ଦିଆଯିବ। ଆସନ୍ତା ମାସରେ ଏଥିପାଇଁ ବଜେଟ ବ୍ୟବସ୍ଥା କରାଯିବ ବୋଲି ଗେହଲଟ୍ କହିଛନ୍ତି। ☞ପୃଷ୍ଠା-୪

# ୫ଦିନ ପରେ ବନ୍ଦ କୋଠରିରୁ ଉଦ୍ଧାର ହେଲେ ଅମ୍ରିତ

ନୟାଗଡ଼ ଅଫିସ/ ଓଡ଼ଗାଁ, ୧୯।୧୨(ସ୍ୱ.ପ୍ର.)



ଉଦ୍ଧାର ପରେ ଅମ୍ରିତ

■ ପାଣି ନେବାକୁ ଆସିଥିବା ମହିଳା ଦେବଦୂତ ସାଜିଲେ

■ ଅପହରଣକାରୀ ଫେରାର, ୪ ଅଟକ

■ ପୋଲିସ, ସନ୍ଧାନୀ କୁକୁର ତଦନ୍ତରେ ବିଫଳ

■ ଅପହରଣର ଗୁମର ଖୋଲିପାରିନି ପୋଲିସ

ଅପହରଣର ୫ ଦିନ ପରେ ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅଧୀନ କୁରାଳ ସୁବୁଦ୍ଧିସାହିର ୭ମଶ୍ରେଣୀର ଛାତ୍ର ଅମ୍ରିତ ପାତ୍ର(୧୨)ଙ୍କୁ ସୋମବାର ସ୍ଥାନୀୟ ପଣ୍ଡିତ ସାହିରେ ଥିବା ଏକ ବନ୍ଦ କୋଠରିରୁ ଉଦ୍ଧାର କରାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ କୁରାଳ ଗାଁ ସହ ନୟାଗଡ଼ ଜିଲାରେ ଖୁସିର ଲହରୀ ଖେଳିଯାଇଛି। ଅପହରଣକାରୀ କୌଣସି କାରଣରୁ ଅମ୍ରିତଙ୍କୁ ଗାଁ ବାହାରକୁ ନେଇ ପାରି ନ ଥିଲେ। ତାଙ୍କୁ ଉକ୍ତ କୋଠରିରେ ତାଲା ପକାଇ ରଖିବା ପରେ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି। ତେବେ ଅମ୍ରିତଙ୍କ ଉଦ୍ଧାର ପାଇଁ ଜଣେ ମହିଳା ଦେବଦୂତ ସାଜିଥିଲେ। ସୋମବାର ସକାଳ ପ୍ରାୟ ୮ଟାରେ ସମ୍ପୃକ୍ତା ମହିଳା ପାଣି ନେବାକୁ ଆସିଥିଲେ। ତାଙ୍କୁ ଦେଖି ଅମ୍ରିତ ପାଟି କରି ଡାକିବାରୁ ସେ ତାଙ୍କୁ ସେହି ବନ୍ଦ କୋଠରିରୁ ଉଦ୍ଧାର କରିଥିଲେ। ଏସମ୍ପର୍କରେ ସମ୍ପୃକ୍ତା ମହିଳା ସ୍ଥାନୀୟ ସରପଞ୍ଚ ଓ ଗାଁଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଓଡ଼ଗାଁ ଥାନା ପୋଲିସ ପହଞ୍ଚି ଅମ୍ରିତ, ତାଙ୍କ ବାପା, ମା'ଙ୍କୁ ନିଜ ହେପାଜତକୁ ନେଇ ପଚରାଉଚୁରା କରୁଛି। ଘରଠାରୁ ମାତ୍ର ୫ଶହ ମିଟର ଦୂରରେ ଅମ୍ରିତ ସେହି ବନ୍ଦ କୋଠରିରେ ବନ୍ଦୀ ଥିଲେ। ହେଲେ ପୋଲିସ କିମ୍ବା ସନ୍ଧାନୀ କୁକୁର ତାଙ୍କର ଟେର ପାଇ ନ ପାରିବା ସେମାନଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷେ ଅମ୍ରିତ ଉଦ୍ଧାର ହେବା ପରେ ସେହି ଘରୁ ପୋଲିସ ପୁଣି ଥରେ ତଦନ୍ତ ଆରମ୍ଭ କରିଛି। ସନ୍ଧାନୀ କୁକୁର ଉକ୍ତ ବନ୍ଦ କୋଠରିରୁ ଅପହରଣ ସ୍ଥଳ ବାଉଁଶବୁଦା ମୂଳ ଦେଇ ହାଇସ୍କୁଲ ଛକ ପର୍ଯ୍ୟନ୍ତ ଯାଇ ଅଟକି ଯାଇଥିଲା। ପୁଣିଥରେ ସନ୍ଧାନୀ କୁକୁର ପଣ୍ଡିତ ସାହିକୁ ଫେରି ଜଗନ୍ନାଥ ମନ୍ଦିର ଫେରିବା ବାଟରେ ଅଟକି ରହିଥିଲା। ଅପହରଣକାରୀ ଓ ଅପହରଣ ନେଇ ପୋଲିସ ମୁହଁ ଖୋଲି ନାହିଁ। ଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କ ସୂଚନା ଅନୁଯାୟୀ, ଅମ୍ରିତର ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି। ଅପହରଣକାରୀ ତାକୁ ଖାଇବାକୁ ଦେଉଥିଲେ। ପ୍ରଥମ ଦିନ ପକୁଡି ଖାଇବାକୁ ଦେଇଥିଲେ। ତେବେ ଅମ୍ରିତ ବିଭିନ୍ନ କଥା କହୁଛନ୍ତି। କେତେବେଳେ କହୁଛନ୍ତି ହାତ ବାନ୍ଧି ରଖିଥିଲେ, ☞ପୃଷ୍ଠା-୪

ଆଶା, ଆଶାରେ ରହିଗଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ଲାଗିଥିଲା ବଡ ଝଟକା। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପଦ୍ମପୁର ବିଧାୟକଙ୍କ ସମେତ ପଶ୍ଚିମ ଓଡ଼ିଶାର ବହୁ ରାଜନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ପରଲୋକ ଘଟିଥିଲା। ପଦ୍ମପୁର ଓ ବ୍ରଜରାଜନଗର ଉପନିର୍ବାଚନ ଭରି ଦେଇଥିଲା ରାଜନୈତିକ ଉଷ୍ମତା। କରୋନା କଟକଣା ହଟିବା ପରେ ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଲାଗି କଂସ ଚୟନ, ରାଜ୍ୟରେ ପ୍ରଥମକରି ସ୍ୱାସ୍ଥ୍ୟସେବାରେ ଡ୍ରୋନ୍ ବ୍ୟବହାର କଳାହାଣ୍ଡିରେ ଶୁଭାରମ୍ଭ, ଧରିତ୍ରୀ ଖବରଦାତାଙ୍କୁ ମାଓବାଦୀଙ୍କ ହତ୍ୟା, ପଦ୍ମପୁର ସମେତ ଟିଟିଲାଗଡ଼, ଧର୍ମଗଡ଼ ଓ ବଣାଇ ଉପଖଣ୍ଡକୁ ଜିଲା ମାନ୍ୟତା ଦାବି ଆନ୍ଦୋଳନ ବର୍ଷର ଗୁରୁତ୍ୱପୂର୍ଣ୍ଣ ଘଟଣା। ସେହିପରି ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ ବାଘ ଦେଖାଦେବା ବନ୍ୟପ୍ରାଣୀପ୍ରେମୀଙ୍କ ମନରେ ଭରି ଦେଇଥିଲା ଉତ୍ସାହ। ପଶ୍ଚିମ ଓଡ଼ିଶାର ଏଭଳି କିଛି ଘଟଣାକ୍ରମକୁ ନେଇ ଏଥରର ବର୍ଷାନ୍ତ ଆଲେଖ୍ୟ।



## ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ

ପ୍ରାୟ ୫ବର୍ଷ ପରେ ସମ୍ବଲପୁରର ଡେବ୍ରିଗଡ଼ ଅଭୟାରଣ୍ୟରେ ମହାବଳ ବାଘ ଦେଖାଦେଇଥିଲା। ଏହା ପ୍ରାପ୍ତବୟସ୍କ ଓ ଅଣ୍ଡିରା ବୋଲି ବନ ବିଭାଗ ସୂଚନା ଦେଇଥିଲା। ସଫାରି ଗାଡିରେ ପର୍ଯ୍ୟଟକ ଓ ଗାଇଡ୍ ବୁଲିବା ସମୟରେ ଡିସେମ୍ବର ୩ରେ ମୋବାଇଲ ଭିଡିଓରେ କଏଦ କରିଥିଲେ। ବିଭିନ୍ନ ସ୍ଥାନରେ ଲାଗିଥିବା ସିସି ଟିଭି କ୍ୟାମେରାରେ ବାଘର ଗତିବିଧି ନଜରକୁ ଆସିବା ପରେ ବନ ବିଭାଗ ସ୍ପଷ୍ଟ କରିଥିଲା।

## ଖାକିରେ ଦାଗ



ସେପ୍ଟେମ୍ବର ୧୫ରେ କଣ୍ଟାବାଞ୍ଜି ଅନ୍ନପୂର୍ଣ୍ଣା ଲଜ୍‌ରେ ପୋଲିସ ଚଢ଼ାଉ କରି ୫୮ଲକ୍ଷ ଟଙ୍କା ଜବତ ସହ ୭ଜଣଙ୍କୁ ଗିରଫ କରିଥିଲା। ସେମାନେ ସେଠାରେ ଜୁଆ ଖେଳୁଥିଲେ ବୋଲି ଏସ୍‌ଡିପିଓ ହୃଷୀକେଶ ମେହେର ସୂଚନା ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ସେମାନେ ତେଲଙ୍ଗାନାର ଇଟାଭାଟି ମାଲିକ ଓ ଦାଦନ ସର୍ଦ୍ଦାର ବୋଲି ଜଣାପଡିଥିଲା। ଏସ୍‌ଡିପିଓ ମେହେର ଭୁଲ ସୂଚନା ଦେଇଥିଲେ। ସେମାନଙ୍କଠାରୁ ୫୮ଲକ୍ଷ ଜବତ ହୋଇଥିବା କୁହାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତଦନ୍ତ କରାଯିବାରୁ ପୋଲିସ ହେପାଜତରୁ ଅଧିକ ପ୍ରାୟ ୨୦ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏଥିପାଇଁ ଏସ୍‌ଡିପିଓ ମେହେରଙ୍କୁ ନିଲମ୍ବନ କରାଯାଇଥିଲା।

## ୨ମହିଳା ମାଓବାଦୀ ନିହତ

ବଲାଙ୍ଗୀର-ବରଗଡ଼ ଜିଲା ସୀମା ଗନ୍ଧମାର୍ଦ୍ଦନ ପାହାଡ଼ ଉପରେ ନଭେମ୍ବର ୨୪ ପୂର୍ବାହ୍ନରେ ମାଓବାଦୀ-ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ଦୁଇ ଜଣ ମହିଳା ମାଓବାଦୀ ନିହତ ହୋଇଥିଲେ। ନିହତ ଦୁଇ ମହିଳା ମାଓବାଦୀ ଛତିଶଗଡର ଗୀତା ଓ ରୋଜିତା ବୋଲି ଚିହ୍ନଟ କରାଯାଇଥିଲା। ସେମାନଙ୍କ ନାଁରେ ପୋଲିସ ପକ୍ଷରୁ ୪ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

## ପ୍ରଶାସନିକ ଅଧିକାରୀଙ୍କ ଜାଲିଆତି





ବଲାଙ୍ଗୀର ସହର ଉପକଣ୍ଠ ଧୁମାମରାର ଜଣେ ମୃତବ୍ୟକ୍ତିଙ୍କ ନାଁରେ ଜମି ହଡ଼ପ ମାମଲାରେ ରାଜ୍ୟ ସରକାର ଜୁଲାଇ ୬ରେ ବଲାଙ୍ଗୀର ତହସିଲଦାର ମଘବନ ବାଗ ଏବଂ ଅତିରିକ୍ତ ତହସିଲଦାର ହରେକୃଷ୍ଣ ରାଉତଙ୍କୁ ନିଲମ୍ବିତ କରିଥିଲେ। ଛୁଟିଦିନରେ ତହସିଲଦାର ବାଗଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରାଯାଇ ଜଣେ ମୃତବ୍ୟକ୍ତିଙ୍କ ଦେଢ଼ ଏକର ଜମିକୁ ହଡ଼ପ କରାଯାଇଥିବା ଏବଂ କ୍ରେତାଙ୍କୁ ପଟ୍ଟା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜମିକ୍ରେତା, ସାକ୍ଷୀ, ତହସିଲ ଅଫିସ ରେକର୍ଡ କିପର ଏବଂ ରେଜିଷ୍ଟ୍ରି ଅଫିସ କିରାଣି ମଧ୍ୟ ଗିରଫ ହୋଇଥିଲେ।



# ପଶ୍ଚିମକୁ ଝଟକା

୧୯୫୭ ମସିହାରୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ଦାବି ନେଇ ଚାଲିଆସୁଥିବା ଆନ୍ଦୋଳନ ବର୍ଷ ଶେଷ ଭାଗରେ ଅର୍ଥାତ୍ ଡିସେମ୍ବର ୧୨ରେ ଉଗ୍ରରୂପ ନେଇଥିଲା। ସମ୍ବଲପୁର ଜିଲା କୋର୍ଟ ଭିତରେ ଭଙ୍ଗାରୁଜା, ଗାଳିଗୁଲଜ ସହ ବିଚାରପତିଙ୍କୁ କୋର୍ଟ ପରିସରରୁ ବାହାର କରିଦିଆଯାଇଥିଲା। ଏହି ଘଟଣାରେ ୨୩ ଓକିଲଙ୍କ ସମେତ ୮ କିନ୍ନର, ଜଣେ ବାର୍ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା। ସୁପ୍ରିମକୋର୍ଟ ଏଥିରେ କ୍ଷୋଭ ପ୍ରକାଶ କରି ରାଜ୍ୟ ସରକାର ଓ ରାଜ୍ୟ ପୋଲିସ ବିଭାଗକୁ କଡା ସମାଲୋଚନା କରିଥିଲେ। ଏହାସହ ୪୩ ଓକିଲଙ୍କ ଲାଇସେନ୍ସ ୧୮ମାସ ପର୍ଯ୍ୟନ୍ତ ନିଲମ୍ବନ କରିଥିବା ବେଳେ ସମସ୍ତ ପ୍ରାୟ ୧୬ ଶହ ଲାଇସେନ୍ସକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ କରିଥିଲେ। ଘଟଣା ପାଇଁ ପଶ୍ଚିମ ଓଡ଼ିଶାର ସମ୍ବଲପୁର, ସୁନ୍ଦରଗଡ, ବଲାଙ୍ଗୀର, କଳାହାଣ୍ଡି, ବରଗଡ଼ ଏମ୍‌ପି ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ସଂସଦରେ ଏ ନେଇ ପ୍ରଶ୍ନ କରିଥିଲେ। ବିଜେଡି ଓ କଂଗ୍ରେସ ଦଳ ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପରେ ୪୩ ଜଣ ଓକିଲଙ୍କୁ ଛାଡି ଅନ୍ୟ ଓକିଲମାନଙ୍କ ଲାଇସେନ୍ସ କାର୍ଯ୍ୟକ୍ଷମ କରାଯାଇଥିଲା।

## ପଦ୍ମପୁର ଉପନିର୍ବାଚନ: ପ୍ରଥମ ବିଧାୟିକା



ବରଗଡ଼ ଜିଲା ପଦ୍ମପୁର ବିଧାୟକ ସ୍ୱର୍ଗତ ବିଜୟ ରଞ୍ଜନ ସିଂ ବରିହାଙ୍କ ଦେହାନ୍ତ ପରେ ଏହି ଆସନ ପାଇଁ ଡିସେମ୍ବର ୫ରେ ଉପନିର୍ବାଚନ ହୋଇଥିଲା। ୮ତାରିଖରେ ଭୋଟ୍ ଗଣତି ଏବଂ ଫଳାଫଳ ପ୍ରକାଶ ପାଇଥିଲା। ବିଜେଡ଼ି ପ୍ରାର୍ଥିନୀ ବର୍ଷା ସିଂ ବରିହା ସର୍ବାଧିକ ୧ଲକ୍ଷ ୨୦ହଜାର ୮୦୭ଖଣ୍ଡ ଭୋଟ୍ ପାଇ ବିଜୟିନୀ ହୋଇଥିଲେ। ଏହି ଉପନିର୍ବାଚନ ବିଜୟ ପରେ ବର୍ଷା ଏଠାରେ ପ୍ରଥମ ବିଧାୟିକା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

## ଅଲକା ମହାନ୍ତିଙ୍କ ବାଜିମାତ୍



ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ କିଶୋର ମହାନ୍ତିଙ୍କ ଅକାଳ ବିୟୋଗ ପରେ ଗତ ମେ ୩୧ରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ପ୍ରାର୍ଥିନୀ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସ୍ତ୍ରୀ ଅଲକା ମହାନ୍ତି ୯୩,୯୫୩ ଭୋଟ୍ ପାଇ ବିଜୟୀ ହୋଇଥିଲେ। କଂଗ୍ରେସ ଦଳର ପ୍ରାର୍ଥୀ ପୂର୍ବତନ ବିଧାୟକ କିଶୋର ପଟେଲ ୨୭,୮୩୧ ଓ ଭାଜପା ପ୍ରାର୍ଥିନୀ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ୨୨,୬୩୦ ଭୋଟ୍ ପାଇଥିଲେ।

## ଅସ୍ତମିତ ବ୍ୟକ୍ତିତ୍ୱ


ହେମାନନ୍ଦ ବିଶ୍ୱାଳ, ପୂର୍ବତନ ମୁଖ୍ୟମନ୍ତ୍ରୀ


ରିପୁନାଥ ସେଠ୍ ପୂର୍ବତନ ମନ୍ତ୍ରୀ


ବିଜୟ ରଞ୍ଜନ ସିଂବରିହା ପୂର୍ବତନ ମନ୍ତ୍ରୀ


ଦୁର୍ଯ୍ୟୋଧନ ମାଝି ପୂର୍ବତନ ମନ୍ତ୍ରୀ


ନୀହାର ପ୍ରଧାନ, ବୈଜ୍ଞାନିକ ଇସ୍ରୋ


ରୋହିତ ବିଶ୍ୱାଳ, ଧରିତ୍ରୀ ଖବରଦାତା


ଶ୍ରେୟସ ପୂଜାରୀ ଶିଶୁ କଳାକାର


ମଙ୍ଗୁଲୁ ଚରଣ ବିଶ୍ୱାଳ, ସାହିତ୍ୟିକ

## ବଦଳିଲେ କଂସ



କରୋନା ମହାମାରୀ ଯୋଗୁ ୨ ବର୍ଷ ଧରି ବରଗଡ଼ ଧନୁଯାତ୍ରା ବନ୍ଦ ରହିଥିଲା। କରୋନା କଟକଣା ହଟିବା ପରେ ଚଳିତବର୍ଷ ଧୁମ୍‌ଧାମ୍‌ରେ ଏହି ମହୋତ୍ସବ ହେବ। ଏହି କ୍ରମରେ ଗତ ନଭେମ୍ବର ୧୦ତାରିଖ କଂସ ସମେତ ଅନ୍ୟ ପାର୍ଶ୍ୱ କଳାକାରଙ୍କ ଚୟନ ପ୍ରକ୍ରିୟା ହୋଇଥିଲା। ହୃଷୀକେଶ ଭୋଇ ପୁଣିଥରେ କଂସ ଚରିତ୍ରରେ ଅଭିନୟ ପାଇଁ ମନୋନୀତ ହୋଇଛନ୍ତି। ଏହାପୂର୍ବରୁ ସେ ୯ଥର ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରିଥିଲେ। ତେବେ ଧର୍ମଶାଳା ମହୋତ୍ସବରେ କଂସ ଅଭିନୟ କରି ସେ ବିବାଦୀୟ ହୋଇ ପଡ଼ିଥିଲେ ଏବଂ ପରବର୍ତ୍ତୀ ଚୟନ ପ୍ରକ୍ରିୟାରେ ସେ ଭାଗ ନେଇଥିଲେ ହେଁ କଂସ ମନୋନୀତ ହୋଇପାରି ନ ଥିଲେ।

## ଭିସୁଟ୍‌ରେ ରାଗିଂ



ସମ୍ବଲପୁର ବୁର୍ଲା ଭିସୁଟ୍‌ରେ ଦ୍ୱିତୀୟବର୍ଷ ଛାତ୍ରଙ୍କୁ ରାଗିଂ ହୋଇଥିଲା। ଏହି ଘଟଣାରେ ନଭେମ୍ବର ୨୯ରେ ଆଣ୍ଟି ରାଗିଂ ସେଲ୍ ତଦନ୍ତ କରି ୭ ଛାତ୍ରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ୪ଜଣଙ୍କୁ ୧ବର୍ଷ ପାଇଁ ବିଶ୍ୱବିଦ୍ୟାଳୟରୁ ବହିଷ୍କୃତ କରାଯାଇଥିଲା। ସେମାନେ ହେଲେ ମାନସ ଟୁଡୁ, ପ୍ରତିଶ ଏସ୍‌ଆର୍ ପଣ୍ଡା, ଶାନ୍ତି ସ୍ୱରୂପ ରାଉତ ଓ ପି. ଅରବିନ୍ଦ ସେନାପତି। ଅନ୍ୟ ୩ ଛାତ୍ରଙ୍କୁ ୫ ହଜାର ଟଙ୍କା ଲେଖାଏ ଜରିମାନା କରାଯାଇଥିଲା। ସେମାନେ ହେଲେ ଅଙ୍କିତ ମହାକୁଡ, ବି.ଆର୍. ସ୍ୱାଧୀନ ଓ ବିଶ୍ୱଜିତ ପଟେଲ।




## ଜିଲା ଗଠନ ଆଶା ଉଜ୍ଜୀବିତ

ଗତ ପଦ୍ମପୁର ଉପନିର୍ବାଚନର ଅବ୍ୟବହିତ ପୂର୍ବରୁ ପଦ୍ମପୁର ଉପଖଣ୍ଡକୁ ଜିଲା ଘୋଷଣା ଦାବି ଜୋର୍ ଧରିଥିଲା। ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରକୁ ଯାଇ ଉପନିର୍ବାଚନ ପରେ ବିଧିବଦ୍ଧ ଭାବେ ଜିଲା ଗଠନ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଘୋଷଣା କରିବା ପରେ ଆଶା ଉଜ୍ଜୀବିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଟିଟିଲାଗଡ଼, ଧର୍ମଗଡ଼ ଓ ବଣାଇ ଆଦି ଉପଖଣ୍ଡକୁ ଜିଲା କରିବା ପାଇଁ ମଧ୍ୟ ଦାବି ଉଠିଥିଲା।

## ସ୍ୱାସ୍ଥ୍ୟସେବାରେ ଡ୍ରୋନ

କଳାହାଣ୍ଡି ଜିଲା କେସିଙ୍ଗା ବିଦ୍ୟାପୀଠ ପଡ଼ିଆରୁ ମାର୍ଚ୍ଚ ୨୧ରେ ୧୫ଜଣ ରୋଗୀଙ୍କ ରକ୍ତ ନମୁନା ଡ୍ରୋନ ଯୋଗେ ପରୀକ୍ଷା ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଥିଲା। ଡ୍ରୋନ ଯୋଗେ ରକ୍ତ ନମୁନା ଗୋଟିଏ ସ୍ଥାନରୁ ଅନ୍ୟ ହସ୍ପିଟାଲକୁ ପଠାଯିବା ରାଜ୍ୟରେ ପ୍ରଥମ। ଆଦିବାସୀ ବହୁଳ ଅଞ୍ଚଳରେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ବିଶେଷ କରି ଯକ୍ଷ୍ମାରୋଗର ନିରାକରଣ ପାଇଁ ଡ୍ରୋନସେବାର ଶୁଭାରମ୍ଭ କରିଛନ୍ତି।



# ଏକାଦଶ, ଦ୍ୱାଦଶରେ ଉପସ୍ଥାନ କମିଲେ କାର୍ଯ୍ୟାନୁଷ୍ଠାନ

## ଆସନ୍ତା ବର୍ଷରୁ ଲାଗୁ ହେବ ନୂଆ ନିୟମ

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**

ରାଜ୍ୟର ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ସରକାର ପ୍ରୟାସ ଚଳାଇଛନ୍ତି। ଏବେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଉପସ୍ଥାନ ବୃଦ୍ଧି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନୂଆ ନିୟମ ଲାଗୁ କରିବାକୁ ଯାଉଛି। ଶ୍ରେଣୀ କକ୍ଷରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଶତପ୍ରତିଶତ ନ ରହିଲେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ଉପରେ ମଧ୍ୟ ପଦକ୍ଷେପ ନିଆଯିବ। ଦୈନିକ କଲେଜ ଛୁଟି ହେବା ପରେ ସବୁ ବିଷୟର ଆଟେଣ୍ଡାନ୍ସକୁ ଅଧ୍ୟକ୍ଷ ଯାଞ୍ଚ କରିବେ। ଯେଉଁ ଛାତ୍ରୀଛାତ୍ର କ୍ଲାସରେ ଅନୁପସ୍ଥିତ ଥିବେ, ବିଶେଷକରି ମାସରେ ୧୦ରୁ ଅଧିକ ଦିନ ଛୁଟିରେ ରହିଲେ, ସେମାନଙ୍କୁ କାରଣ ଦର୍ଶାଇବାକୁ ନୋଟିସ କରାଯିବ। ଛାତ୍ରୀଛାତ୍ର ଯେଉଁ ଉତ୍ତର ରଖିବେ, ସେଥିରେ ଉଭୟ ପିଲା ଓ ଅଭିଭାବକଙ୍କ ଦସ୍ତଖତ ରହିବ। ସନ୍ତୋଷମୂଳକ ଉତ୍ତର କିମ୍ବା କାରଣ ନ ଦର୍ଶାଇବା ପର୍ଯ୍ୟନ୍ତ ସେହି ପିଲାମାନେ କଲେଜ ଆସିଲେ ମଧ୍ୟ କୌଣସି କ୍ଲାସରେ ବସିପାରିବେ ନାହିଁ। ଆସନ୍ତା ଶିକ୍ଷାବର୍ଷରୁ ଏହି ନିୟମ ଲାଗୁ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟରେ ୨,୦୬୫ ଉଚ୍ଚ ମାଧ୍ୟମିକ ସ୍କୁଲ ରହିଛି। ମାତ୍ର ୫ବର୍ଷର ତଥ୍ୟକୁ ଦେଖିଲେ, ରାଜ୍ୟରେ ଯୁକ୍ତ୨ ଶେଷବର୍ଷ ପରୀକ୍ଷା ପୂର୍ବରୁ ବା ଫର୍ମପୂରଣ ସମୟରେ ସରକାରୀ କଲେଜଗୁଡ଼ିକରେ ପ୍ରାୟ ୪୫ ଭାଗ ପିଲାଙ୍କ ଉପସ୍ଥାନ ୩୫ ପ୍ରତିଶତ ତଳକୁ ଥିବାବେଳେ ଅନୁଦାନପ୍ରାପ୍ତ କଲେଜରେ ୭୦ ଭାଗରୁ ଅଧିକ ପିଲାଙ୍କ ଶ୍ରେଣୀ ଉପସ୍ଥାନ ୪୦ପ୍ରତିଶତ ରହିଛି। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷା




ବିଭାଗର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ପ୍ରାକ୍ଟିକାଲ ଶ୍ରେଣୀରେ ଶତପ୍ରତିଶତ ଉପସ୍ଥାନ ଦେଉଥିବା ବେଳେ ଥିଓରି ଲାଗି ପ୍ରାୟ ୬୫ପ୍ରତିଶତ ଉପସ୍ଥାନ ରହୁଛି। ପ୍ରାୟ ୪୦ପ୍ରତିଶତ ପିଲା ନିୟମିତ ଥିଓରି କ୍ଲାସରେ ଉପସ୍ଥିତ ଥିବାବେଳେ ୬୦ପ୍ରତିଶତ ପିଲା ଅନୁପସ୍ଥିତ ରହିଛନ୍ତି। ଟ୍ୟୁଶନ ଓ ବିଭିନ୍ନ କୋଚିଂ ଲାଗି ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରଙ୍କ ଶ୍ରେଣୀ ଉପସ୍ଥାନ ଶତପ୍ରତିଶତ ହେଉନାହିଁ। ସେହିଭଳି କଳାର ସର୍ବାଧିକ ୮୫ପ୍ରତିଶତ ଓ ବାଣିଜ୍ୟ ବିଭାଗର ୬୫ ପ୍ରତିଶତ ପିଲା ଶ୍ରେଣୀରେ ନିୟମିତ ଅନୁପସ୍ଥିତ ରହୁଛନ୍ତି। ଧନ୍ଦାମୂଳକଶିକ୍ଷା ପିଲାଙ୍କ ଉପସ୍ଥାନ ୫୦% ପାର ହେଉ ନ ଥିବା ଜଣାପଡ଼ିଛି। ଏହି ସମସ୍ୟାର ସମାଧାନ ଲାଗି ପୂର୍ବରୁ କୋଚିଂ ଓ ଟ୍ୟୁଶନ ଉପରେ ସରକାର ଅଙ୍କୁଶ ଲଗାଇଛନ୍ତି। କଲେଜ ସମୟରେ କୌଣସି କୋଚିଂ ସେଣ୍ଟରରେ ପାଠପଢ଼ା ହୋଇପାରିବ ନାହିଁ। ସେହିଭଳି ଶ୍ରେଣୀରେ ଶତପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। ପରୀକ୍ଷା ଫର୍ମ ପୂରଣ ଲାଗି ସର୍ବନିମ୍ନ ଉପସ୍ଥାନ ୭୫ପ୍ରତିଶତ ସରକାର ଧାର୍ଯ୍ୟ କରିଛନ୍ତି। ୭୫ପ୍ରତିଶତରୁ କମ୍ ଉପସ୍ଥାନ ଥିବା ପିଲାଙ୍କୁ ଫର୍ମ ପୂରଣରୁ ବାଦ୍ ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ମାତ୍ର ଶ୍ରେଣୀରେ ଉପସ୍ଥାନ ଖୁବ୍‌କମ୍ ରହୁଥିଲେ ମଧ୍ୟ ପିଲାଙ୍କର ଭବିଷ୍ୟତକୁ ଗୁରୁତ୍ୱ ଦେଇ ସରକାର ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଫର୍ମ ପୂରଣ ଲାଗି ସୁଯୋଗ ଦେଉଛନ୍ତି। ମାତ୍ର ଏହି ଅବ୍ୟବସ୍ଥାକୁ ଆଉ ସରକାର ବରଦାସ୍ତ କରିବେ ନାହିଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କଲେଜ ଅଧ୍ୟକ୍ଷ ଏ ଦିଗରେ ସର୍ବାଧିକ ଗୁରୁତ୍ୱ ଦେବା ସହ ଅନୁପସ୍ଥିତ ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼

**ବଡ଼ସାହି,୧୯।୧୨ (ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅନ୍ତର୍ଗତ କମଳାଶୂଳ ଗ୍ରାମକୁ ବିଲ୍ ଆଦାୟ କରିବାକୁ ଯାଇଥିବା ବେଳେ ଉପଭୋକ୍ତାଙ୍କ ମାଡ଼ରେ ସ୍ଥାନୀୟ ବିଦ୍ୟୁତ୍ ସେକ୍ସନର କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ପ୍ରଧାନ ଗୁରୁତର ହୋଇଛନ୍ତି। ସେହି ଗ୍ରାମର ବାପି ସିଂ, ଲଗ୍ନଦେବ ସିଂ ଏବଂ ଅନ୍ୟମାନେ ମିଳିତ ଭାବେ ଗୋଡ଼ାଇ ଗୋଡ଼ାଇ ଚେନ୍ ଓ ଠେଙ୍ଗା ଦ୍ୱାରା ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଯନ୍ତ୍ରୀ ଅଭିଯୋଗ କରିଛନ୍ତି। ମାମଲା (ନଂ.୩୩୮ / ୨୨) ରୁଜୁ କରି ପୋଲିସ ୨ଜଣଙ୍କୁ ଅଟକ ରଖିଛି।







## ୨୦ କଇଁଛ ଉଦ୍ଧାର



ଉଦ୍ଧାର କଇଁଛ।

**ପାରଳାଖେମୁଣ୍ଡି,୧୯।୧୨(ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜିଲା ମତ୍ସ୍ୟ ବିଭାଗ ପୋଖରୀରୁ କଇଁଛ ଚୋରାଚାଲାଣ ହେଉଥିବା ବେଳେ ବନବିଭାଗ ଉଦ୍ଧାର କରିଛି। ମତ୍ସ୍ୟବିଭାଗ ପୋଖରୀରେ ଦିନମଜୁରିଆ ଭାବେ କାମ କରୁଥିବା ଜଣେ ବ୍ୟକ୍ତି ରବିବାର ରାତିରେ ୨୦ଟି ପାଣି କଇଁଛ ଲୁନା (ଓଡି୨୦ ୮୧୮୪) ଯୋଗେ ନେଇ ଯାଉଥିବା ବେଳେ ଗ୍ରାମବାସୀ ଅଟକାଇଥିଲେ। ପରେ ସେମାନେ ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜର ଏନ୍.ଡି ଶର୍ମା ଘଟଣାସ୍ଥଳରେ ପହଞ୍ଚିବାରୁ ଲୁନା ଛାଡ଼ି ସମ୍ପୃକ୍ତ ବ୍ୟକ୍ତିଜଣକ ଫେରାର ହୋଇଯାଇଥିଲେ। ରେଞ୍ଜର ଶର୍ମା ଲୁନା ସହିତ କଇଁଛଙ୍କୁ ଜବତ କରିଥିଲେ। ତେବେ ଦିନମଜୁରିଆ ଜଣକ କିଏ ଏବଂ କାହିଁକି ସେ କଇଁଛ ଚାଲାଣ କରୁଥିଲେ ସେ ନେଇ ମତ୍ସ୍ୟବିଭାଗର କର୍ମଚାରୀମାନେ କିଛି କହିବାକୁ ମନା କରିଦେଇଥିଲେ। ଜବତ କଇଁଛଙ୍କୁ ବନବିଭାଗ ସ୍ଥାନୀୟ ରାମସାଗରରେ ଛାଡ଼ିଦେଇଛି। ଏ ନେଇ ମତ୍ସ୍ୟ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ। ରେଞ୍ଜର ଶର୍ମା କହିଛନ୍ତି, ଏହା ପାଣି କଇଁଛ ପ୍ରଜାତିର। ଏହାକୁ ଧରିବା କୌଣସି ଅପରାଧ ନୁହେଁ। ତଥାପି ଅଭିଯୁକ୍ତଙ୍କୁ ଖୋଜାଚାଲିଛି ବୋଲି ରେଞ୍ଜର କହିଛନ୍ତି।



## ବଢ଼ିଲା ଶୀତ ପ୍ରକୋପ: କେନ୍ଦୁଝର ୭.୬ ଡିଗ୍ରୀ

**୧୦ ଡିଗ୍ରୀ ତଳେ ୬ ସହର**

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)-ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ପାରଦ ତଳମୁହାଁ ହୋଇଛି। ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ତଳକୁ ଖସି ଯାଇଛି। ରାଜ୍ୟର ୬ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଉତ୍ତର ପୂର୍ବ ଦିଗରୁ ରାଜ୍ୟକୁ ଥଣ୍ଡା ବାୟୁ ପ୍ରବାହିତ ହୋଇଛି। ଏହାର ପ୍ରଭାବରେ ଶୀତ ବଢ଼ିଛି। ଗତ ଦୁଇଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୪ରୁ ୫ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ସୋମବାର କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୭.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୮, ଝାରସୁଗୁଡ଼ା ୮.୨, ସୁନ୍ଦରଗଡ଼ ୮.୫, କୋରାପୁଟ ୯, ଦାରିଙ୍ଗବାଡ଼ି ୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାତକୁ ସୁନ୍ଦର ନଖ;**
**ମୁହଁକୁ ସୁନ୍ଦର କଳି ତିଳକ,**
**ଏବେ ପଟା ଦାଢ଼ି ଦେଖ।**

ସମୟ ସହ ତାଳ ଦେଇ ସବୁକିଛି ବଦଳି ଯାଇଥାଏ। ଏହାହିଁ ଦୁନିଆର ରୀତି ବୋଲି ବୁଝିବାକୁ ହୋଇଥାଏ। ଯୁଗ ବଦଳିବା ସହ ମଣିଷର ବେଶ ପୋଷାକ ଓ ଚାଲିଚଳନରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ହକ କଥା, ନିମ୍ବ ତିଅଣ;**
**ଆଗ ପିତା ପଛକୁ ଗୁଣ।**

ସାଧାରଣତଃ ନିମ୍ବ ପାଟିକୁ ପିତା ଲାଗିଥାଏ। ତେବେ ପିତା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିଷ୍ଣୁଙ୍କୁ ବାହାହେଲେ ଯୁବତୀ

## ବିବାହ ଲାଗି ପରିବାର ପକାଉଥିଲା ଚାପ



ଜୟପୁର, ୧୯।୧୨

ବର୍ଷ ବର୍ଷ ଧରି ବାହାଘରକୁ ନେଇ ଥିବା ପୁରୁଣା ଚିନ୍ତାଧାରା ବଦଳିଯାଇଛି। ଊନବିଂଶ ଶତାବ୍ଦୀର ଯୁବପିଢ଼ିଙ୍କ ମଧ୍ୟରେ ବିବାହ ସମ୍ପର୍କିତ ମତ ସମ୍ପୂର୍ଣ୍ଣ ବଦଳିଯାଇଛି। ଅଧିକାଂଶ ଯୁବବର୍ଗ ବାହାଘର ଲାଗି ଅନାଗ୍ରହ ପ୍ରକାଶ କରୁଥିବାବେଳେ ଆଉ କେତେଜଣ ବାଧ୍ୟବାଧକତାରେ ବାହାହେବାକୁ ରାଜି ହେଉଛନ୍ତି। ତେବେ ଏ ପ୍ରକାର ଭିନ୍ନ ଚିନ୍ତାଧାରା ଉଭୟ ଝିଅ ଓ ପୁଅଙ୍କଠାରେ ଦେଖାଯାଉଛି। ତେବେ ଏପରି ବାହାଘରକୁ ନେଇ ରାଜସ୍ଥାନର ପୂଜା ସିଂ ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ୩୦ ବର୍ଷୀୟା ପୂଜାଙ୍କ ଘର ଜୟପୁରର ଗୋବିନ୍ଦଗଡ଼ ଅଞ୍ଚଳରେ। ପୂଜା ବାହାହୋଇ ଗୋଟିଏ ଜୀବନସାଥୀ ବାଛିବା ଲାଗି ପରିବାର ଲୋକେ ବହୁ ବର୍ଷ ଧରି ଚାପ ପକାଇ ଆସୁଥିଲେ। ଘରଲୋକ ଓ ସମାଜର ଗଞ୍ଜଣାରେ ଅତିଷ୍ଠ ହୋଇପଡ଼ିଥିବା ପୂଜା ଶେଷରେ ଏମିତି ଏକ ନିଷ୍ପତ୍ତି ନେଇଛନ୍ତି ଯେ, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ମୁଣ୍ଡ ଟେକିଛି।

ଚଳିତ ମାସ ପ୍ରଥମ ସପ୍ତାହରେ ପୂଜା ନିଜ ଘରେ ବୈଦିକ ରୀତିନୀତି ଅନୁସାରେ ଭଗବାନ ବିଷ୍ଣୁଙ୍କ ସହ ବାହାଘର ରଚିଛନ୍ତି। ପୂଜାଙ୍କ ବାହାଘରରେ ପରିବାର ଲୋକଙ୍କ ସମେତ ତାଙ୍କ ସମ୍ପର୍କୀୟ ମଧ୍ୟ ଯୋଗଦେଇଥିଲେ। ବାହାଘର ପରେ ଭଗବାନ ବିଷ୍ଣୁଙ୍କୁ ପୂଜା ନିଜ ସ୍ୱାମୀ ଭାବେ ସ୍ୱୀକାର କରିଛନ୍ତି। ପ୍ରତିଦିନ ଘରପାଖ ବିଷ୍ଣୁ ମନ୍ଦିର ଯାଇ ସ୍ୱାମୀଙ୍କ ପାଇଁ ଖାଦ୍ୟ ରୋଷେଇ କରୁଥିବା ସେ କହିଛନ୍ତି। ପୂଜାଙ୍କ ଏ ପ୍ରକାର କାର୍ଯ୍ୟକଳାପକୁ କେତେଜଣ ଉପହାସ କରୁଥିବାବେଳେ ଅନେକେ ତାଙ୍କୁ ସମର୍ଥନ ଜଣାଉଛନ୍ତି। ପୂଜାଙ୍କ ମତରେ ବାହାଘର ପାଇଁ ଜୀବନ ନଷ୍ଟ ହୋଇଯାଏ। ମା'ବାପାଙ୍କ ମଧ୍ୟରେ ରୀତିମତ ଝଗଡ଼ା ଲାଗିରହୁଥିବାବେଳେ ତାକୁ ଦେଖି ପୂଜା ଛୋଟବେଳୁ ହିଁ ବାହା ନ ହେବାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ପରବର୍ତ୍ତୀ ମୁହୂର୍ତ୍ତରେ ପରିବାର ଲୋକଙ୍କ ଚାପରେ ପୂଜା ବାହା ହେବାଲାଗି ରାଜି ହୋଇଥିଲେ। ଅନ୍ୟ କୌଣସି ଯୁବକ ବଦଳରେ ସେ ବିଷ୍ଣୁଙ୍କୁ ନିଜ ମନପସନ୍ଦର ଜୀବନସାଥୀ ଭାବେ ବାଛି ଏହି ବାହାଘର କରିଥିବା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ପୂଜାଙ୍କ ଏହି ନିଆରା ବାହାଘରର ଫଟୋ ଓ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ରାଉରକେଲା ବିମାନବନ୍ଦର କାମ ସରିଲାଣି

## ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ

- ମୁଖ୍ୟ, ଅଭ୍ୟାସ ପଡ଼ିଆ କାମ ବି ସରିଲାଣି
- ଉଡ଼ାଣ ଯୋଜନାରେ ଖେଳାଳିଙ୍କ ଲାଗି ରହିବ ୪ ବିମାନ
- ୨୪ରୁ ହେବ ୩ଟି ଅଭ୍ୟାସ ମ୍ୟାଚ୍
- ପୁରୁଷ ହକି ବିଶ୍ୱକପ୍‌ର ୨୦ଟି ମ୍ୟାଚ୍ ରାଉରକେଲାରେ ହେବ
- ବିମାନବନ୍ଦର କାମ ଶେଷ ଲାଇସେନ୍ସକୁ ଅପେକ୍ଷା

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ୫-ଟି ସଚିବ ଭି.କେ. ପାଣ୍ଡିଆନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ସହିତ ରାଉରକେଲା ବିମାନ ବନ୍ଦର ଏବଂ ବିଭିନ୍ନ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସୋମବାର ସମୀକ୍ଷା କରିଛନ୍ତି। ଏହି ସଚିବସ୍ତରୀୟ ଟିମ୍‌ରେ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ସଚିବ ଆର୍. ଭିନିଲକ୍ରିଷ୍ଣା ଏବଂ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ମଧ୍ୟ ଯୋଗଦେଇଥିଲେ।

ଏହି ଟିମ୍ ପ୍ରଥମେ ରାଉରକେଲା ବିପିୟୁଟି କ୍ୟାମ୍ପସରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ଅନୁଧ୍ୟାନ କରିଛନ୍ତି। ଉଭୟ ମୁଖ୍ୟ ଏବଂ ଅଭ୍ୟାସ ପଡ଼ିଆର ନିର୍ମାଣ କାର୍ଯ୍ୟ ଶେଷ ହୋଇସାରିଛି। ଷ୍ଟାଡିୟମର ୨ଟି ଯାକ ପିଚ୍ ଓ ହାଇମାଷ୍ଟ ଲାଇଟ ଯାଞ୍ଚ ପରେ ଖେଳ ପାଇଁ ଲାଇସେନ୍ସ ମିଳିଛି। ଏଠାରେ ଉଲେଖନୀୟ ଯେ, ପୁରୁଷ ହକି ବିଶ୍ୱକପର ୨୦ଟି ମ୍ୟାଚ ରାଉରକେଲାରେ ଖେଳାଯିବ। ପ୍ରଥମ ମ୍ୟାଚ ଜାନୁୟାରୀ ୧୩ରେ ଭାରତ ଓ ସ୍ପେନ ମଧ୍ୟରେ ଅନୁଷ୍ଠିତ ହେବ। ଏହାପୂର୍ବରୁ ଆସନ୍ତା ୨୪ରୁ ୩ଟି ଅଭ୍ୟାସ ମ୍ୟାଚ ଖେଳାଯିବ। ଏହି ଅଭ୍ୟାସ ମ୍ୟାଚରେ ଯଦି କିଛି ତ୍ରୁଟି ରହିଲା ତେବେ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ। ଏହାସହ ରାଉରକେଲା ବିମାନ ବନ୍ଦରର କାର୍ଯ୍ୟ ଶେଷ ହୋଇଛି ଏବଂ ଖୁବ୍‌ଶୀଘ୍ର ଆବଶ୍ୟକ ଲାଇସେନ୍ସ ମିଳିବା ନେଇ ମୁଖ୍ୟ ଶାସନ ସଚିବ କହିଛନ୍ତି। ଉଡ଼ାଣ ଯୋଜନାରେ ଖେଳାଳିଙ୍କ ପାଇଁ ୪ଟି ବିମାନ ସୁବିଧା ମିଳିବ।



ରାଉରକେଲାରେ ପ୍ରଥମ ଥର ପାଇଁ ହକି ବିଶ୍ୱକପ ହେବାକୁ ଯାଉଛି। ତେଣୁ ହକି ମ୍ୟାଚ୍ ଦେଖିବା ଲାଗି ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଦର୍ଶକ ରାଉରକେଲାକୁ ଆସିବେ। ତେଣୁ ଦର୍ଶକମାନଙ୍କ ଗାଡ଼ିଗୁଡ଼ିକୁ ସୁବିଧାରେ ରଖିବା ପାଇଁ ଷ୍ଟାଡିୟମ ଚାରିପଟେ ଆଧୁନିକ ପାର୍କିଂ ସ୍ଥଳ କରାଯାଉଛି। ଏହାଛଡ଼ା ଷ୍ଟାଡିୟମ ଭିତରେ ପାନୀୟ ଜଳ ଏବଂ ଶୌଚାଳୟ ଆଦି ସୁବିଧା କରାଯାଉଛି। ଯେଉଁ ଦର୍ଶକମାନେ ଷ୍ଟାଡିୟମ ବାହାରେ ରହିଥିବେ ସେମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଏଲଇଡି ବ୍ୟବସ୍ଥା ହୋଇଛି। ଏହି ସମୟରେ ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ରଙ୍କ ସହିତ ଜିଲା ପ୍ରଶାସନ ଏବଂ ରାଉରକେଲା ମହାନଗର ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ୨୦୨୩ ପୁରୁଷ ହକି ବିଶ୍ୱକପ ଓଡ଼ିଶାରେ ଖେଳାଯିବ। ଏହି ବିଶ୍ୱକପ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସହିତ ରାଉରକେଲାରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ହେବାକୁ ଯାଉଛି। ଏହି କ୍ରୀଡ଼ା ଭିତ୍ତିଭୂମି ଭାରତର ସବୁଠୁ ବଡ଼ ହକି ଷ୍ଟାଡିୟମର ରୂପ ନେବାକୁ ଯାଉଛି। ଏହି ଷ୍ଟାଡିୟମରେ ଏକା ସାଙ୍ଗରେ ୨୦ ହଜାରରୁ ଅଧିକ ଦର୍ଶକ ବସି ଖେଳ ଉପଭୋଗ କରିପାରିବେ।

# ନାବାଳିକା ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର,୧୯।୧୨(ସ୍ୱ.ପ୍ର.)

କେନ୍ଦୁଝର ସ୍ପେଶାଲ ଫାଷ୍ଟଟ୍ରାକ୍ କୋର୍ଟରେ ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ମାନସ ମିଶ୍ର ମାମଲାର ଶୁଣାଣି କରି ଅଭିଯୁକ୍ତ ରତନ ମୁଣ୍ଡା(୨୧)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ଆଦେଶ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ନଭେମ୍ବର ୨୪ରେ କେନ୍ଦୁଝର ସଦର ଥାନା ଅଞ୍ଚଳରେ ୪ ବର୍ଷର ନାବାଳିକା ଘରେ ଏକାକୀ ଥିବା ବେଳେ ସମ୍ପର୍କୀୟ କକା ରତନ ତାଙ୍କ ଘରକୁ ଡାକିଥିଲେ। ଘରକୁ ଯିବା ପରେ ରତନ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ସନ୍ଧ୍ୟାରେ ନାବାଳିକାଙ୍କ ମାଆ,ବାପା ଫେରି ଝିଅଠାରୁ ସମସ୍ତ ଘଟଣା ଜାଣିବା ପରେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୩୭୧/୨୦ ରେ ପୋକ୍ସୋ ଆଇନ୍‌ରେ ବଳାତ୍କାର ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲେ। ୨୧ଜଣ ସାକ୍ଷୀଙ୍କ ବୟାନ ଓ ତଦନ୍ତ ରିପୋର୍ଟକୁ ତର୍ଜମା କରି କୋର୍ଟ ଉପରୋକ୍ତ ଦଣ୍ଡାଦେଶ କରିଛନ୍ତି। ସେହିପରି ପୀଡ଼ିତା ନାବାଳିକାକୁ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ଜ୍ଞାନେନ୍ଦ୍ର ନାଥ ଜେନା ପରିଚାଳନା କରୁଥିଲେ।

# ଓଡ଼ିଶାର କୋଇଲା ଉତ୍ପାଦନ ବୃଦ୍ଧିକୁ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ରାଜ୍ୟରେ କୋଇଲା ଉତ୍ପାଦନ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ଉତ୍ତମ କାର୍ଯ୍ୟ, ଠିକ୍ ନୀତି ଓ ସହଯୋଗ ପାଇଁ ଓଡ଼ିଶାରେ କୋଇଲା ଉତ୍ପାଦନ କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ ବୃଦ୍ଧି ଘଟିଛି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ସୋମବାର କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ପାର୍ଲାମେଣ୍ଟରେ ଏହା କହିଛନ୍ତି।

ରାଜ୍ୟରେ କୋଇଲା ଉତ୍ପାଦନ ବଢୁଥିଲେ ମଧ୍ୟ ଓଡ଼ିଶା ସରକାରଙ୍କୁ ଏହା ଉପରେ ମିଳୁଥିବା ରୟାଲିଟିକୁ କେନ୍ଦ୍ର ସରକାର ବୃଦ୍ଧି କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଅନୁରୋଧ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଶନିବାର କୋଲ୍‌କାତାରେ ଅନୁଷ୍ଠିତ ୨୫ତମ ପୂର୍ବାଞ୍ଚଳ ଜୋନାଲ ପରିଷଦ ବୈଠକରେ ପାନୀୟଜଳ ମନ୍ତ୍ରୀ ପ୍ରଦୀପ ଅମାତ ଏ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ତିବ୍ବତ ଏୟାରବେସ୍‌ରେ...

ଭାରତୀୟ ବାୟୁସେନା ଯୁଦ୍ଧାଭ୍ୟାସ ଚଳାଇଥିବାବେଳେ ଚାଇନା ଏହା ଉପରେ ନଜର ରଖିବା ଲାଗି ଉଦ୍ୟମ କରିଥିଲା ବୋଲି ସାଟେଲାଇଟ ଚିତ୍ରରୁ ସ୍ପଷ୍ଟ ସୂଚନା ମିଳୁଛି। ୨୦୨୦ରୁ ଭାରତ ସହ ଚାଇନାର ସୀମା ବିବାଦ ବଢ଼ିଛି। ସେବେଠାରୁ ଚାଇନା ସୀମାନ୍ତ ଅଞ୍ଚଳରେ ଏହାର ଏୟାରବେସ୍ ଏବଂ ଲଢୁଆ ବିମାନ, ଡ୍ରୋନ୍, ଇଲେକ୍ଟ୍ରୋନିକ୍ ଯୁଦ୍ଧାସ୍ତ୍ର ଏବଂ ପର୍ଯ୍ୟବେକ୍ଷଣ ଉପକରଣ ବଢ଼ାଇବାରେ ଲାଗିଛି। ତିବ୍ବତ ହେଲିପୋର୍ଟରେ ବେଜିଂ ବିପୁଳ ପରିମାଣର ଏୟାର ଡିଫେନ୍ସ ମହଜୁଦ ରଖିବା ସହ ସୀମାରେ ରେଳଲାଇନ ଓ ଭିତ୍ତିଭୂମି ନିର୍ମାଣ ବଢ଼ାଇ ଚାଲିଛି।

## ଭୁବନେଶ୍ୱର ସମେତ...

ଏସବୁ ବିମାନବନ୍ଦରଗୁଡ଼ିକୁ ଲିଜ୍‌ରେ ଦିଆଯିବ ବୋଲି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜେନେରାଲ ଭି.କେ. ସିଂ ସୋମବାର ରାଜ୍ୟ ସଭାରେ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ବିମାନବନ୍ଦରଗୁଡ଼ିକୁ ଘରୋଇ କ୍ଷେତ୍ରର ନିବେଶ ଓ କାର୍ଯ୍ୟଦକ୍ଷତା ଆସିବା ପରେ ସେଗୁଡ଼ିକର ଉତ୍ତମ ପରିଚାଳନା ହୋଇପାରିବ। ପିପିପି ମୋଡ୍‌ରେ ବିମାନବନ୍ଦରଗୁଡ଼ିକର ବିକାଶ ହେଲେ ଯାତ୍ରୀ ଓ ରାଜ୍ୟ ସରକାରମାନେ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଏଏଆଇ ବର୍ତ୍ତମାନ ସୁଦ୍ଧା ୮ଟି ଅନ୍ତର୍ଜାତୀୟ ବିମାନବନ୍ଦରକୁ ଘରୋଇ କମ୍ପାନୀକୁ ଲିଜ୍‌ରେ ଦେଇସାରିଛି। ସେଗୁଡ଼ିକ ହେଲା ଦିଲ୍ଲୀର ଇନ୍ଦିରାଗାନ୍ଧୀ ବିମାନବନ୍ଦର, ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ବିମାନବନ୍ଦର, ଲକ୍ଷ୍ନୌର ଚୌଧୁରୀ ଚରଣ ସିଂ ବିମାନବନ୍ଦର, ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭ ଭାଇ ବିମାନବନ୍ଦର, ବେଙ୍ଗାଲୁରୁ ବିମାନବନ୍ଦର, ଜୟପୁର ବିମାନବନ୍ଦର, ଗୁଆହାଟୀର ଗୋପୀନାଥ ବର୍ଦ୍ଦୋଲୋଇ ବିମାନବନ୍ଦର ଏବଂ ଥିରୁଅନନ୍ତପୁରମ ବିମାନବନ୍ଦର।

## ଫସଲ ବଢ଼ିଆ...

ଚାଷୀ କାଶୀନାଥ ପ୍ରଧାନ କହିଛନ୍ତି, କୋବି ଚାଷରୁ ଭଲ ଲାଭ ମିଳିବ ବୋଲି ସେ ଏହି ଚାଷ କରୁଥିଲେ। ହେଲେ କୋବି ଦର ଏଭଳି କମିଗଲା ଯେ ବେପାରୀମାନେ ମଧ୍ୟ ଆଉ କିଣିବା ପାଇଁ ଆସିଲେ ନାହିଁ। କ୍ଷେତରେ ତାହା ଅଧିକ ଦିନ ରହିପାରିବ ନାହିଁ। ସେଥିପାଇଁ ସେ ଟ୍ରାକ୍ଟର ମଡ଼ାଇ ତାହାକୁ ନଷ୍ଟ କରିଥିବା କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର ଅମାତ କହିଛନ୍ତି, ଅନୁକୂଳ ପାଗ ଯୋଗୁ ଏଥର ଉଭୟ ଧାନ ଏବଂ ଅଣଧାନ ଫସଲ ଭଲ ହୋଇଛି। ପରିବା ବିକ୍ରିବଟାରେ ସମସ୍ୟା ଦେଖାଯାଇଛି। ଶୀତଳ ଭଣ୍ଡାର ଅଭାବରୁ ମଧ୍ୟ ଏହି ସମସ୍ୟା ହେଉଛି। ଚାଷୀମାନେ ଚାହିଁଲେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଶୀତଳଭଣ୍ଡାର କରିପାରିବେ। ସେଥିପାଇଁ ଚାଷୀଙ୍କୁ ସଚେତନ କରାଯିବ। ସେହିପରି ସାଧାରଣ ଶୀତଳଭଣ୍ଡାରରେ କୋବି ସଂରକ୍ଷଣ ସମ୍ଭବ ନୁହେଁ, ତାହା କ୍ଷଣସ୍ଥାୟୀ। ଏଥିପାଇଁ ମଲ୍ଟି ପର୍ପୋଜ ଶୀତଳଭଣ୍ଡାରର ଆବଶ୍ୟକତା ରହିଛି ବୋଲି ଅମାତ କହିଛନ୍ତି।

ସେହିପରି ଯାଜପୁର ଜିଲା ରସୁଲପୁର ବ୍ଲକରେ ପନିପରିବା ଚାଷ ବହୁଳ ଭାବରେ କରାଯାଉଛି। ଏହି ବ୍ଲକର ବାରବାଟୀଠାରେ ଚାଷୀଙ୍କ ଦୈନିକ ପରିବା ହାଟର ବେଶ୍ ଖ୍ୟାତି ରହିଛି। କ୍ଷେତରୁ ଉତ୍ପାଦିତ ପରିବାକୁ ହାଟରେ ବିକି ଚାଷୀ ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ଏବେ ଉଚିତ ମୂଲ୍ୟ ମିଳୁ ନ ଥିବାରୁ ଚାଷୀମାନେ ହତାଶ ହେଉଛନ୍ତି। ବିଶେଷକରି ଫୁଲକୋବି ଚାଷୀ ଘୋର ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ହାଟରେ ଉନ୍ନତମାନର ଫୁଲକୋବି ଗୋଟାକ (୧ରୁ ୧.୫ କେ.ଜି. ମଧ୍ୟରେ) ଦର ୫ଟଙ୍କାକୁ ଖସି ଆସିଛି, ଯାହାକି ଉତ୍ପାଦିତ ମୂଲ୍ୟଠାରୁ କମ୍। ଉନ୍ନତ କିସମର ମଞ୍ଜି ବ୍ୟବହାର କରି ଚାରା ଉତ୍ପାଦନ କରିବାରୁ ଚାଷୀମାନଙ୍କୁ ଫୁଲକୋବି ଚାରା ପିଛା ୧ରୁ ୨ଟଙ୍କା ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏହାଛଡ଼ା କୃଷି ଶ୍ରମିକମାନଙ୍କ ସଂଖ୍ୟା କମିଯାଉଛି। ଶ୍ରମିକ ଚାହିଦା ବଢ଼ିଯାଇଥିବାରୁ ସେ ବାବଦକୁ ଚାଷୀମାନଙ୍କୁ ଅଧିକ ମଜୁରି ଖର୍ଚ୍ଚ କରିବାକୁ ପଡୁଛି। ଏ ଅଞ୍ଚଳର କୋବି ଚାଷୀ ଆଲୋକ କୁମାର ମଲ୍ଲିକଙ୍କ ମତରେ ସାର, କୀଟନାଶକ, ଉନ୍ନତ କିସମର ମଞ୍ଜି, କୃଷି ଶ୍ରମିକ, ଜଳସେଚନ ବ୍ୟବସ୍ଥା ଆଦି ମହଙ୍ଗା ହୋଇପଡ଼ିଛି। ହାଟ ନିକଟରେ ସଂରକ୍ଷଣ ବ୍ୟବସ୍ଥା, ସରକାରୀ ମଣ୍ଡିର ସୁବିଧା ନ ଥିବାରୁ ଚାଷୀମାନଙ୍କ କୃଷିଜାତ ଦ୍ରବ୍ୟକୁ ଉଚିତ ମୂଲ୍ୟ ମିଳୁନାହିଁ। ଯାଜପୁର ଜିଲାରେ ପନିପରିବା ସଂରକ୍ଷଣ ରଖିବା ପାଇଁ ଶୀତଳ ଭଣ୍ଡାର ନାହିଁ। ଜିଲାର ଛତିଆଠାରେ ଥିବା ଶୀତଳଭଣ୍ଡାର କେବଳ ଆଳୁ ସଂରକ୍ଷଣ ରଖିବା ପାଇଁ ଉଦ୍ଦିଷ୍ଟ। ପରିବା ସଂରକ୍ଷଣ ପାଇଁ ପ୍ରତ୍ୟେକ ହାଟ ନିକଟରେ ଶୀତଳଭଣ୍ଡାର ସୁବିଧା କରାଯାଇପାରିଲେ ଚାଷୀମାନଙ୍କ ଦ୍ରବ୍ୟକୁ ଉଚିତ୍ ମୂଲ୍ୟ ମିଳିପାରିବ ବୋଲି ସେ କହିଛନ୍ତି। ଆଉ ଜଣେ ଅଗ୍ରଣୀ ଚାଷୀ ଶିଶିର କୁମାର ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ଚାଷୀଙ୍କ ଦୁଃଖ ଶୁଣିବାକୁ କେହିନାହିଁ। ଚାଷୀ କେବଳ ମୁଣ୍ଡର ଝାଳ ତୁଣ୍ଡରେ ମାରି କ୍ଷେତରେ ଖଟିବ, ଆଉ ତା'ର ଉତ୍ପାଦିତ ଦ୍ରବ୍ୟକୁ ନ୍ୟାୟ ମିଳିବ ନାହିଁ। ଏହାଠାରୁ ଘୋର ଅନ୍ୟାୟ ଓ ବଡ଼ ବିପତ୍ତି ଆଉ କିଛି ନାହିଁ। ସରକାର ଚାଷୀମାନଙ୍କ ଉଦ୍ଦେଶ୍ୟରେ ଘୋଷଣା କରୁଥିବା ଯୋଜନାକୁ ବାସ୍ତବ ରୂପ ଦିଅନ୍ତୁ, ନଚେତ ଖାଦ୍ୟ ସଙ୍କଟ ସୃଷ୍ଟି ହେବ ବୋଲି ସେ ମତ ରଖିଛନ୍ତି।

## ଆହତଙ୍କ ସହ ମଦ...

ଗଛ ଡାଳ କାଟିବାକୁ ଦେହୁରୀ ଯାଇଥିଲେ। ଗଛର ଡାଳ କାଟିବା ବେଳେ ତା'ମୂଳରୁ ଅଧାଅଧି କାଟି ଦେଇଥିଲେ। ପରେ ଦଉଡି ଆଣି ଅଗ୍ର ଭାଗରେ ବାନ୍ଧି ତଳେ ଭିଡିବାକୁ ଯୋଜନା କରିଥିଲେ। ଏହି ଉଦ୍ଦେଶ୍ୟରେ ଗଛରେ ଚଢୁଥିବାବେଳେ ଭୁଲବଶତଃ କଟା ଡାଳରେ ଛଡ଼ିଯିବାରୁ ଦେହୁରୀ ତଳେ ପଡି ଆହତ ହୋଇଥିଲେ। ତାଙ୍କ ବାମ ଗୋଡ଼ ଭାଙ୍ଗିଯିବା ସହ ମେରୁଦଣ୍ଡ ଆଘାତପ୍ରାପ୍ତ ହୋଇଥିଲା। ସଙ୍ଗେସଙ୍ଗେ ତାଙ୍କୁ ପାରାଦୀପ ପୋର୍ଟ ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ହେବାରୁ ରଥ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ନେଇ ଯାଇଥିଲେ। ବାଟରେ ଦେହୁରୀଙ୍କ ଯନ୍ତ୍ରଣା ବଢ଼ିଯାଇଥିଲା। ମଦ ପିଇଲେ ଏହା ଲାଘବ ହେବ ବୋଲି କହି ବ୍ୟାକୁଳ ହେବାରୁ ବାଧ୍ୟ ହୋଇ ରଥ ସାରଳା ରୋଡ ମଦ ଦୋକାନ ନିକଟରେ ଆମ୍ବୁଲାନ୍ସ ରଖିଥିଲେ। ସେଠାରୁ ମଦ କିଣି ଦେହୁରୀଙ୍କ ସହ ନିଜେ ଗୋଟିଏ ପେଗ୍ ନେଇଥିବା ରଥ ସ୍ୱୀକାର କରିଛନ୍ତି। ସେ ଏକଥା ମଧ୍ୟ କହିଛନ୍ତି, ଆହତଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଆଡମିଶନ କରି କିଛି ଟଙ୍କା ଦେଇଥିଲେ। ସେଠାରୁ ଫେରିଲା ବେଳକୁ ଚାଉଳିଆଗଞ୍ଜ ନିକଟରେ ଏକ ସ୍କୁଟି ସହ ଦୁର୍ଘଟଣା ହୋଇଥିଲା। ସ୍କୁଟି ମାଲିକ କ୍ଷତି ବାବଦରେ ୨୦ ହଜାର ଟଙ୍କା ଦାବି କରିଥିଲେ। କିନ୍ତୁ ୧୫ ହଜାର ଟଙ୍କାରେ ଆପୋସ ବୁଝାମଣା ହୋଇଛି। ଏବେ ଆମ୍ବୁଲାନ୍ସଟି ଚାଉଳିଆଗଞ୍ଜ ଥାନାରେ ଅଛି। ମଙ୍ଗଳବାର ଟଙ୍କା ଦେଇ ଗାଡ଼ି ଆଣିବେ ବୋଲି ରଥ କହିଛନ୍ତି।

## ୫ଦିନ ପରେ ବନ୍ଧ...

ଆଉ କେତେବେଳେ ଖୋଲା ଛାଡ଼ିଥିଲେ ବୋଲି କହୁଛନ୍ତି। ପଣ୍ଡିତ ସାହିରେ ଅପହରଣକାରୀ ତାଙ୍କୁ ଜଗି ରହୁଥିଲେ। ଯେଉଁ ଘରେ ଅମ୍ରିତ ବନ୍ଦୀ ଥିଲେ ସେହି ଘର ତାଲା ପଡିଥିଲା, କେହି ରହୁ ନ ଥିଲେ। ତେବେ ତାଙ୍କ ପୁଅକୁ ହତ୍ୟା ଉଦ୍ଦେଶ୍ୟରେ ଅପହରଣ କରାଯାଇଥିବା ଅମ୍ରିତଙ୍କ ବାପା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୮/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅମ୍ରିତଙ୍କଠାରୁ ଅପହରଣ ସମ୍ପର୍କରେ ପଚରାଉଚୁରା ଶେଷ ପରେ ଗଣମାଧ୍ୟମକୁ ପୁଣି ଅବଗତ କରାଯିବ ବୋଲି ସେ କହିଛନ୍ତି। ତେବେ ପୋଲିସ କାହାକୁ ଅଟକ ରଖି ନାହିଁ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏନେଇ ଉଦ୍ଧାରକାରୀ କାବେରୀ ଦୋରା କୁହନ୍ତି, ମୁଁ ପାଣି ନେବାକୁ ଆସିଥିଲି। ଏହି ସମୟରେ ଅମ୍ରିତ ଡାକିଥିଲେ। ଗେଟ୍ ବନ୍ଦ ଥିବାରୁ ବାହାରକୁ ନେଇ ଯିବାକୁ କହିଥିଲେ। ମୋତେ ଏଠାରେ ବନ୍ଦ କରି ରଖାଯାଇଛି ବୋଲି ସୂଚନା ଦେଇଥିଲେ। ନିଖୋଜ ଛାତ୍ର ଗାଁର ହୋଇଥିବାରୁ ଆମେ ତାଙ୍କୁ ଦେଖି ଖୁସି ହୋଇ ଯାଇଥିଲୁ। ପରେ ତାଙ୍କୁ ଉଦ୍ଧାର କରିଥିଲୁ। କିଏ ଅପହରଣ କରିଥିଲା ପଚାରିଥିଲୁ। ପିଲାଟି ଭୟଭୀତ ଥିଲା। ଠିକ୍‌ରେ କିଛି କହି ପାରୁ ନ ଥିଲା। ଯେଉଁ ଘରୁ ଉଦ୍ଧାର ହୋଇଛି ସେ ଘରର ମାଲିକ ପଞ୍ଜାବରେ ରହୁଛନ୍ତି। ପଡୋଶୀ ଘର ଲୋକେ ଚାବି ରଖିଥିଲେ ବୋଲି କାବେରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ଗୁରୁବାର ସନ୍ଧ୍ୟାରେ ଅମ୍ରିତ ଟ୍ୟୁସନରୁ ଘରକୁ ଫେରୁଥିବା ସମୟରେ ତାଙ୍କୁ କେହି ଅପହରଣ କରି ନେଇଥିଲେ। ପରିବାର ଲୋକଙ୍କ ସହିତ ପୋଲିସ ତନାଘନା ଚଳାଇଥିଲେ ବି ତାଙ୍କ ପତ୍ତା ମିଳି ନ ଥିଲା। ରାତି ପ୍ରାୟ ୧୨ଟାରେ ଘର ନିକଟ ଏକ ବାଉଁଶବୁଦା ମୂଳରୁ ତାଙ୍କ ସାଇକେଲ ମିଳିଥିଲା।

## ରାଜସ୍ଥାନରେ ୫୦୦...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ ପରିବାରଗୁଡ଼ିକୁ ଏଲ୍‌ପିଜି ସଂଯୋଗ ଯୋଗାଇଦେବା ଲାଗି ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଥିଲେ। ଯୋଜନା ଆରମ୍ଭ ସମୟରେ ଗ୍ୟାସ୍ ସିଲିଣ୍ଡର ଦାମ୍ ୪୦୦ ଟଙ୍କା ଥିବାବେଳେ ଏବେ ତାହା ୧,୦୪୦ ଟଙ୍କାରେ ପହଞ୍ଚିଲାଣି। ତେଣୁ ଗରିବ ପରିବାର ଗ୍ୟାସ୍ କିଣି ନ ପାରି ଘରେ ଖାଲି ସିଲିଣ୍ଡର ରଖିଛନ୍ତି। ସେମାନଙ୍କୁ ଅଧାରୁ କମ୍ ଦାମ୍‌ରେ ଗ୍ୟାସ୍ ଯୋଗାଇଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଗେହଲଟ୍ କହିଛନ୍ତି। ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ଥିବାବେଳେ କଂଗ୍ରେସ ଦ୍ୱିତୀୟ ଥର ପାଇଁ କ୍ଷମତାରେ ରହିବା ନିମନ୍ତେ ଉଦ୍ୟମ ଚଳାଇଛି। ତେବେ ଶାସନ ଅପେକ୍ଷା ସେଠାରେ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ କଂଗ୍ରେସ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ଆଲୋଚନା ହେଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଗତକାଲିର ଟେନ୍‌ସନ ଆଜି କିଛି ମାତ୍ରାରେ କମିଯିବ ଏବଂ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ ଓ ଏକ ପ୍ରକାର ମନୋବଳ ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଆଜି ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ବୃଷ** ଆଜି ଆପଣ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଗତକାଲିଠାରୁ ମନରେ ଭାବୁଥିବା କାମଟି ଆଜି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ପରିବହନ, ବ୍ୟବସାୟ,ବାଣିଜ୍ୟ,ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ ନ କଲେ ସମସ୍ୟା ଭିତରକୁ ଟାଣି ହୋଇଯିବାକୁ ପଡ଼ିପାରେ ।

**ମିଥୁନ** ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ ଆବଶ୍ୟକତା ପୂର୍ଣ୍ଣତା ଲାଭ କରିପାରିବନାହିଁ। ବ୍ୟବସାୟରେ ଉନ୍ନତି କଲେ ମଧ୍ୟ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଇ ଚଳିବାକୁ ପଡ଼ିବ । ମିଠାକଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ । ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** ଅପୂରଣୀୟ ଅଭିଳାଷଜନିତ ଅଧିକାଂଶ ସମୟ ମାନସିକ ଅସ୍ଥିରତା ମଧ୍ୟରେ କଟାଇବେ। କର୍ମକ୍ଷେତ୍ରରେ କଠୋର ପରିଶ୍ରମଜନିତ ସ୍ୱାସ୍ଥ୍ୟହାନି ଘଟିପାରେ । ଆଜିର ଆଲୋଚନା ସମୟରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇନେଇପାରନ୍ତି। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଏବଂ ଆନୁଷ୍ଠାନିକ କାମରୁ ପ୍ରଶଂସିତ ହେବେ।

**ସିଂହ** ଆର୍ଥିକ ସ୍ୱଚ୍ଛଳତା ରହିବା କାରଣରୁ ମାନସିକ ସ୍ଥିରତା କେତେକାଂଶରେ ଆସିବ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଜଗି ରଖି ନ ଚଳିଲେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ପ୍ରରୋଚନାରେ ବିଳାସବ୍ୟସନ ଦିଗକୁ ମୁହାଁଇପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ଗ୍ରହଣକରି ପ୍ରଶଂସିତ ହେବେ।

**କନ୍ୟା** ସମସ୍ୟାଗୁଡ଼ିକ ନିୟନ୍ତ୍ରଣାଧୀନ ରହିଥିଲେ ମଧ୍ୟ କେତେକ କାରଣରୁ ମନରେ ସରସତା ରହିବ ନାହିଁ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବା ଏକପ୍ରକାର ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବ । ନିକଟସ୍ଥ ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ, କିନ୍ତୁ କେବଳ ତାହା କଥାରେ ହିଁ ସୀମିତ ରହିଯାଇପାରେ ।

**ତୁଳା** ଆଜି ଇଚ୍ଛା ନ ଥିଲେ ମଧ୍ୟ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ । ପରିବହନ, ବ୍ୟବସାୟ ତଥା ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ଅତ୍ୟଧିକ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ପରିବାରର ଆବଶ୍ୟକତା ଉପଲବ୍ଧ କରି ନୂତନ ବସ୍ତ୍ରାଳଙ୍କାର ପାଇଁ ମନ ବଳାଇବେ।

**ବିଛା** ସଂଯମ ଅଭାବରୁ ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ହାତମୁଠାରୁ ସୁଯୋଗ ଖସିଯାଇପାରେ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ନିଜ ପରିସରରେ ସମ୍ପର୍କୀୟଙ୍କ ଦ୍ୱାରା ଅସମ୍ମାନିତ ହେବାକୁ ପଡ଼ିବ । ଆବଶ୍ୟକତା ପୂରଣ କରିବା ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ** ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ଏବଂ ଚେଷ୍ଟା ମଧ୍ୟ ବେକାର ଯିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ଅସ୍ଥିରତା ବୃଦ୍ଧି ପାଇବ। ସଙ୍ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହୋଇପାରନ୍ତି।

**ମକର** କୌଣସି ଭୁଲ୍ ଖବରକୁ ସତ୍ୟ ମନେକରି ଉତ୍‌କ୍ଷିପ୍ତ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦେବେ ଅବଶ୍ୟ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଅତିରିକ୍ତ ଭ୍ରମଣ ହେତୁକ ସନ୍ଧ୍ୟାରେ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମୀନ** ଆଜିର କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଅଫିସ୍ କାମରେ ବିଳମ୍ବ ପାଇଁ କୈଫିୟତ୍ ଦେବାକୁ ପଡ଼ିପାରେ। କାନକୁହା କଥାକୁ ବିଶ୍ୱାସକରି ପାରିବାରିକ ଜୀବନରେ ଝଡ଼ ସୃଷ୍ଟିହେବା ଆଶଙ୍କା ରହିଛି। ବନ୍ଧୁଙ୍କ ସହାୟତାରେ ହଜିଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

ଆଜି ଡିସେମ୍ବର ୨୦ତାରିଖ, ଅନ୍ତଃରାଷ୍ଟ୍ରୀୟ ମାନବ ଏକତା ଦିବସ, ପୌଷକୃଷ୍ଣ ଦ୍ୱାଦଶୀ ମଙ୍ଗଳବାର, ରାମାନୁଜ ବୈଷ୍ଣବ ସମ୍ମତ ସଫଳା ଏକାଦଶୀ। ଦିବା ଘ.୦୯।୫ ଗତେ ରାଶି ନକ୍ଷତ୍ର-ବିଶାଖା/ତୁଳା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଘ.୦୬।୧୯ ଗତେ, ଘ.୦୭।୦୩ ମଧ୍ୟେ, ଘ.୦୯।୦୧ ଗତେ, ଘ.୧୧।୨୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୬ ଗତେ, ଘ.୦୩।୪୭ ମଧ୍ୟେ ରାହୁକାଳ।

# ପୁଣି ୧୪୪ ଧାରା, ସ୍ୱାଭାବିକ ହେଉନି କୋର୍ଟ କାର୍ଯ୍ୟ

- କାର୍ଯ୍ୟକାରୀ ହେଉନି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ
- ସମ୍ବଲପୁରରେ ବିଭିନ୍ନ ଜିଲାର ଓକିଲ ପ୍ରତିନିଧି ଦଳ

ସମ୍ବଲପୁର,୧୯।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ଦାବି ନେଇ ସମ୍ବଲପୁରରେ ଆନ୍ଦୋଳନ ସମୟରେ କୋର୍ଟରେ ଭଙ୍ଗାରୁଜା ଓ ବିଚାରପତିଙ୍କୁ ବାହାର କରିଦେବା ଘଟଣା ନେଇ ଉପୁଜିଥିବା ପରିସ୍ଥିତିରେ ସୁଧାର ଆସିନାହିଁ। ଜିଲା ପ୍ରଶାସନ ସୋମବାର ପୁଣି କୋର୍ଟ ପାର୍ଶ୍ୱରେ ୧୪୪ ଧାରା ଲାଗୁ କରିଛି। କୋର୍ଟରେ ବିଚାରପତି ଓ କର୍ମଚାରୀ କାମ କରୁଥିବାବେଳେ କୋର୍ଟ ପରିସର ଓ ବାହାରେ ପୋଲିସ ଛାଉଣି ରହିଥିଲା। ତେଣୁ ମହକିଲମାନେ କୋର୍ଟ କାମରେ ଆସିବାକୁ ଭୟ କରୁଛନ୍ତି। ଜିଲା ଓକିଲ ସଂଘର ୫୪ଜଣ ଓକିଲଙ୍କୁ ଛାଡି ଅନ୍ୟ ସମସ୍ତଙ୍କ ନିଲମ୍ବନ ହଟିବା ପରେ ମଧ୍ୟ ଓକିଲମାନେ କାର୍ଯ୍ୟରେ ଯୋଗଦେଉନାହାନ୍ତି।

କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବା, ମହକିଲ ଓ କୋର୍ଟ କାମରେ ଆସୁଥିବା ଲୋକମାନଙ୍କୁ ସମସ୍ତ ସୁବିଧା ଯୋଗାଇଦେବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଓ ଜିଲା କୋର୍ଟ ପକ୍ଷରୁ ହେଲ୍ପଡେସ୍କ ଖୋଲାଯାଇ କର୍ମଚାରୀ ନିଯୁକ୍ତ କରାଯାଇଛି। ଏହା ଦ୍ୱାରା କିଛିଟା ଅଫିସ କାମ ହେଉଥିଲେ ମଧ୍ୟ ମହକିଲମାନଙ୍କ କାମରେ ବାଧା ସୃଷ୍ଟି ହେଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ଜିଲାର ଓକିଲ ସଂଘ ସଦସ୍ୟଙ୍କ ଏକ ପ୍ରତିନିଧି ଦଳ ସୋମବାର ସମ୍ବଲପୁର ଗସ୍ତ କରିଛନ୍ତି। ସେମାନେ ଜିଲା ଓକିଲ ସଂଘ କର୍ମକର୍ତ୍ତା, ଗିରଫ ଓକିଲ, ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର ଓ ବିଚାରପତିମାନଙ୍କୁ ସାକ୍ଷାତ କରିଛନ୍ତି। ଆଇଜି କୁମାରଙ୍କୁ ଭେଟି ସେମାନେ ଅନୁରୋଧ କରିଥିଲେ ଯେ, ସମ୍ବଲପୁର ଜିଲା କୋର୍ଟରେ ଯାହା ଘଟଣା ଘଟିଲା ତାହା ଦୁଃଖଦାୟକ। ସବୁ ସମସ୍ୟାର ସମାଧାନର ବାଟ ରହିଛି। ଘଟଣା ପରେ ଜନସାଧାରଣଙ୍କ କୋର୍ଟ ସମ୍ବନ୍ଧୀୟ କୌଣସି କାମ ହୋଇପାରୁ ନାହିଁ। ତେଣୁ କୋର୍ଟ କାର୍ଯ୍ୟ ସ୍ୱାଭାବିକ କରିବାକୁ ଦାବି କରିଥିଲେ। ଏହାସହ ଯାହା ଉପଲବ୍ଧି ହେଲା ହାଇକୋର୍ଟରେ ଜଣାଇବାକୁ ଯୋଜନା ରହିଛି ବୋଲି କହିଥିଲେ। ପ୍ରତିନିଧି ଦଳରେ ଭୁବନେଶ୍ୱର ଓକିଲ ସଂଘ ସମ୍ପାଦକ ରାଜକିଶୋର ଦାସ, ପୂର୍ବତନ ସଭାପତି ନିର୍ମଳ ରଥ, ବାଲେଶ୍ୱର ସଂଘ ସଭାପତି ମନୋଜ ନାୟକ, ନୀଳଗିରି ବାର୍‌ର ପୂର୍ବତନ ସଭାପତି କିଶୋର ଷଡଙ୍ଗୀ, ଭୁବନେଶ୍ୱର ବାର୍‌ର ପୂର୍ବତନ ସଭାପତି ଜାୟୁଲ ହକ, ବାଲେଶ୍ୱର ସଂଘର ମହମ୍ମଦ ଇସଲାମ ପ୍ରମୁଖ ସାମିଲ ଥିଲେ। ଏ ସମ୍ପର୍କରେ ପୋଲିସ ଆଇଜି ଡ. କୁମାର କହିଛନ୍ତି, କୌଣସି ଅଘଟଣ ଘଟିବା ସନ୍ଦେହରେ ୧୪୪ ଧାରା ଲାଗୁ କରାଯାଇଥାଏ। ଯେଉଁ କାରଣରୁ ଆନ୍ଦୋଳନ କରାଯାଉଥିଲା ତାହା ସ୍ଥାୟୀ ଭାବେ ପ୍ରତ୍ୟାହୃତ ହୋଇନାହିଁ। ଅସ୍ଥାୟୀ ଭାବେ ଆନ୍ଦୋଳନ ସ୍ଥଗିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ହୃଦ୍‌ବୋଧ ହେବା ପରେ ୧୪୪ଧାରା ଲାଗୁ କରାଯାଇଛି। ପ୍ରଶାସନ ଓ ପୋଲିସ ପକ୍ଷରୁ ସ୍ଥିତି ସ୍ୱାଭାବିକ କରିବାକୁ ପ୍ରୟାସ କରାଯାଉଛି। କୋର୍ଟ କାର୍ଯ୍ୟରେ ଯେଉଁମାନେ ଆସୁଛନ୍ତି ସେମାନଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଭିଡିଓ ଓ ଅନ୍ୟ ତଥ୍ୟ ପ୍ରମାଣ ପାଇବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରୁଛି। ଗିରଫ କରିବା ଏକ ପ୍ରକ୍ରିୟା। ଆଗକୁ ପ୍ରମାଣ ମିଳିଲେ ଗିରଫ କରାଯିବ ବୋଲି ସେ କହିଥିଲେ। ଏହି ଘଟଣାରେ ଟାଉନ ଥାନାରେ ସୋମବାର ଓକିଲ ମନୋରଞ୍ଜନ ପଣ୍ଡା ଆତ୍ମସମର୍ପଣ କରିଥିଲେ। ଗିରଫ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏବେ ଗିରଫ ସଂଖ୍ୟା ୩୫କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରେ ୮ଜଣ କିନ୍ନର, ଜଣେ ସାଧାରଣ ଲୋକ ଓ ୨୬ ଜଣ ଓକିଲ ରହିଛନ୍ତି। ୧୪ଜଣ ଓକିଲଙ୍କ ଜାମିନ ଆବେଦନ ଏସ୍‌ଡିଜେଏମ୍ କୋର୍ଟରେ ଖାରଜ ହେବା ପରେ ଜିଲା ଜଜ୍‌କୋର୍ଟରେ ଆବେଦନ କରିଛନ୍ତି।


ଜିଲା କୋର୍ଟ ପରିସରରେ ଓକିଲଙ୍କ ପ୍ରତିନିଧି ଦଳ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ, କାରଣ ଅସ୍ପଷ୍ଟ

ବ୍ରହ୍ମପୁର ଅଫିସ,୧୯।୧୨

ବ୍ରହ୍ମପୁର ମେଡିକାଲରେ ସୋମବାର ଅପରାହ୍ନରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ(ଭଞ୍ଜବିହାର) ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ଜଣକ ହେଲେ ପୁରୀ ଜିଲା ପଦ୍ମପୁର ଗ୍ରାମର ଲାଲ ଜିନ୍ନା (୨୨)। ପ୍ରାଥମିକ ତଥ୍ୟ ଅନୁସାରେ, ଛାତ୍ରୀ ଜଣକ ସାବେରୀ ହଷ୍ଟେଲରେ ରହୁଥିଲେ। ସେ କିଛିଦିନ ହେବ ମ୍ୟାଲେରିଆ ଓ ଟାଇଫଏଡ୍‌ରେ ଆକ୍ରାନ୍ତ ଥିଲେ। ଭୀଷଣ ଜ୍ୱରରେ ଗୁରୁତର ହେବା ପରେ କେତେକ ସହପାଠୀ ସୋମବାର ସକାଳେ ତାଙ୍କୁ ଭଞ୍ଜବିହାର ପରିସରରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ମଧ୍ୟାହ୍ନରେ ତାଙ୍କୁ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। କିଭଳି ତାଙ୍କ ମୃତ୍ୟୁ ଘଟିଲା ସେ ସମ୍ପର୍କରେ କୌଣସି ସୂଚନା ପୋଲିସ ନିକଟରେ ପହଞ୍ଚି ନାହିଁ କିମ୍ବା ଡାକ୍ତରଙ୍କ ପକ୍ଷରୁ ମଧ୍ୟ ସୂଚନା ମିଳିନାହିଁ। ଖବର ପାଇ ମୃତା ଛାତ୍ରୀଙ୍କ ପରିବାର ଲୋକେ ମେଡିକାଲରେ ପହଞ୍ଚିଛନ୍ତି। ଖବର ଲେଖା ହେବା ଯାଏ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ।

# ଚିଲିକାରେ ଭାସିଲା ଗ୍ୟାସ୍ ସିଲିଣ୍ଡର


ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଡଙ୍ଗାରେ ପିଟି ହେବା ପରେ ପାଣିକୁ ଖସିପଡ଼ିଛି।

କୃଷ୍ଣପ୍ରସାଦ,୧୯।୧୨(ଡି.ଏନ୍.ଏ.)

## ଭ୍ୟାନ୍ ଖସିପଡ଼ି ପିଟି ହେବାରୁ ଡଙ୍ଗା ବୁଡ଼ିଲା

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦା ଘାଟ ଚିଲିକାରେ ପୁଣି ଅଘଟଣ ଘଟିଛି। ସୋମବାର ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ତଳକୁ ଖସି ଡଙ୍ଗାରେ ପିଟି ହୋଇଯାଇଥିଲା। ଫଳରେ ଡଙ୍ଗାର କିଛି ଅଂଶ ଭାଙ୍ଗିଯିବା ସହ ବୁଡ଼ିଯାଇଥିଲା। ଡଙ୍ଗା ଓ ଭ୍ୟାନରେ ଥିବା ଗ୍ୟାସ୍ ସିଲିଣ୍ଡର ଚିଲିକାରେ ଭାସିଥିଲା। ଅପରାହ୍ନରେ ଗ୍ୟାସ ସିଲିଣ୍ଡର ବୋଝେଇ ଏକ ଡଙ୍ଗା ସାତପଡ଼ାରୁ ଜହ୍ନିକୁଦା କୂଳକୁ ଆସିଥିଲା। କୃଷ୍ଣପ୍ରସାଦ ଚାରିଛକରୁ ଏକ ପିକ୍‌ଅପ୍ ଭ୍ୟାନ ଗ୍ୟାସ ସିଲିଣ୍ଡର ନେବା ପାଇଁ ପହଞ୍ଚିଥିଲା। ଡଙ୍ଗାରୁ ଗ୍ୟାସ୍ ସିଲିଣ୍ଡର ଭ୍ୟାନରେ ଲୋଡ୍ ହେଉଥିବା ବେଳେ ଭାରସାମ୍ୟ ହରାଇ ଗାଡିଟି ଚିଲିକାକୁ ଖସି ଡଙ୍ଗାରେ ପିଟିହୋଇଯାଇଥିଲା। ଫଳରେ ଡଙ୍ଗାର କିଛି ଅଂଶ ଭାଙ୍ଗିଯିବା ସହ ବୁଡ଼ିଯାଇଥିଲା। ଏପରିକି ଭ୍ୟାନଟି ମଧ୍ୟ ଚିଲିକାରେ ଫସିଯାଇଥିଲା। ଫଳରେ ଗ୍ୟାସ୍ ସିଲଣ୍ଡର ପାଣିରେ ଭାସିଥିଲା। ଏହା ପରେ ସେଠାରେ ଉପସ୍ଥିତ ଲୋକେ ଡଙ୍ଗା, ଭ୍ୟାନକୁ ଉପରକୁ ଆଣିବା ସହ ଭାସୁଥିବା ଗ୍ୟାସ୍ ସିଲିଣ୍ଡରକୁ ଉଦ୍ଧାର କରିଥିଲେ।






# ଜି.ଉଦୟଗିରି ବ୍ଲକ ଉପାଧ୍ୟକ୍ଷ ଗିରଫ



ଫୁଲବାଣୀ ଅଫିସ/ଟିକାବାଲି, ୧୯।୧୨: ନିଜ ବାନ୍ଧବୀଙ୍କୁ ପ୍ରେମ ପରେ ପ୍ରତାରଣା ଏବଂ ବଳାତ୍କାର ଅଭିଯୋଗରେ କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଉପାଧ୍ୟକ୍ଷ ଏନ୍.ଲୁକ୍‌ଙ୍କୁ ସୋମବାର ଟିକାବାଲି ଥାନା ପୋଲିସ ଗିରଫ କରିଛି। ଏଥିସହ ସମ୍ପୃକ୍ତା ବାନ୍ଧବୀ ଏବଂ ଉପାଧ୍ୟକ୍ଷଙ୍କ ଡାକ୍ତରୀମାଇନା କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ରଟିଙ୍ଗିଆ ଗ୍ରାମର ଏନ.ଲୁକ୍ ଟିକାବାଲି ବ୍ଲକ ଶଙ୍କରାଖୋଲ ଅଞ୍ଚଳର ଜଣେ ୩୫ ବର୍ଷୀୟା ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ବିବାହ ପାଇଁ ଉଭୟ ପରିବାରର ସ୍ୱୀକୃତି ମିଳିଥିଲା। ଏପରିକି ସେମାନଙ୍କ ନିର୍ବନ୍ଧ ମଧ ସରିଥିଲା। ହେଲେ କିଛି ଦିନ ହେବ ଏନ୍.ଲୁକ୍ ପ୍ରେମିକାଙ୍କୁ ଅଣଦେଖା କରି ଆସୁଥିଲେ। ସେ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିବାକୁ ଠିକ୍ କରିଥିବା ଜାଣିବା ପରେ ପ୍ରେମିକା ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଏନ୍.ଲୁକ୍‌ଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ନଂ.୧୦୮/୨୨ରେ ମାମଲା ରୁଜୁ ହୋଇଥିବା ଜି.ଉଦୟଗିରି ଏସ୍‌ଡିପିଓ ଡି.ତିରୁପତି ରାଓ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଇଚ୍ଛା ଭାରତ ହକି ବିଶ୍ୱକପ୍ ଜିତୁ

## ସାମାଜିକ ଗଣମାଧ୍ୟମ ଲାଇଭ୍‌ରେ ୫-ଟି ସଚିବ

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

୨୦୨୩ ବିଶ୍ୱକପ୍ ଲୋକଙ୍କ ବିଶ୍ୱକପ୍। ଏହା କୌଣସି ଦେଶ କିମ୍ବା ଖେଳାଳିଙ୍କ ଲାଗି ଆୟୋଜନ କରାଯାଉନି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଜଣେ ଓଡ଼ିଆ ଅଲିମ୍ପିକ୍‌ରେ ପଦକ ହାସଲ କରିବା। ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି ଏହି ବିଶ୍ୱକପ୍ ଲୋକଙ୍କ ସହଯୋଗରେ ହେଉ। ଭାରତ ହକି ବିଶ୍ୱକପ୍ ଜିତୁ। ଆଗାମୀ ହକି ବିଶ୍ୱକପ୍ ପାଇଁ ଓଡ଼ିଶା ପ୍ରସ୍ତୁତ। ଭୁବନେଶ୍ୱରର କଳିଙ୍ଗ ଓ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମ ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ ସମସ୍ତ ଚେଷ୍ଟା କରାଯାଉଛି। ସୋମବାର ସନ୍ଧ୍ୟାରେ କ୍ରୀଡ଼ାବିତ୍ ଓ ପ୍ରଶଂସକଙ୍କ ସହ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମ୍ ଲାଇଭ୍‌ରେ ଆସି ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ୫-ଟି ସଚିବ ଭି. କେ. ପାଣ୍ଡିଆନ ଏହା କହିଛନ୍ତି।

କ୍ରୀଡ଼ାରେ ନିବେଶ ଯୁବବର୍ଗଙ୍କ ଉପରେ ନିବେଶ। କ୍ରୀଡ଼ାରେ ନିବେଶ ରାଜ୍ୟକୁ ସଫଳତା ଦେଇଛି। କିଏ କେଉଁ ଦେଶର ପ୍ରଶଂସକ, ସେଥିରେ କିଛି ଫରକ ପଡ଼ି ନ ଥାଏ। ହାର୍ ଜିତ୍ ଉପରେ ମଧ୍ୟ କୌଣସି ଫରକ ପଡ଼ି ନ ଥାଏ। ଖେଳ ଶେଷରେ ସବୁ ଖେଳାଳି ସାରା ଦେଶ ଓ ବିଶ୍ୱର ସମ୍ପତ୍ତି ବୋଲି ଫାଇଭ-ଟି ସଚିବ କହିଛନ୍ତି। କଠିନ ପରିଶ୍ରମ, ବାରମ୍ବାର ଶିକ୍ଷାରୁ ସଫଳତା ମିଳିଥାଏ।

ଓଡ଼ିଶାର ଯୁବବର୍ଗ ବିଶ୍ୱସ୍ତରର ଖେଳାଳିଙ୍କଠାରୁ ଶିଖନ୍ତୁ। ବିଶ୍ୱକପ୍ ହକିରେ ଭାରତୀୟ ଟିମ୍ ଭଲ କରିବ ବୋଲି ସେ ଆଶା କରିଛନ୍ତି। ଓଡ଼ିଶାର ସୁନ୍ଦରଗଡ଼ରୁ ହକିର ଆରମ୍ଭ, ହକିର ମୂଳପିଣ୍ଡ ବୋଲି ସେଠାରେ ଷ୍ଟାଡିୟମ ନିର୍ମାଣକୁ ପ୍ରାଧାନ୍ୟ ଦିଆଯାଇଥିଲା। ଭାରତ ଉତ୍ତମ ପ୍ରଦର୍ଶନ କରି ରାଉଣ୍ଡ ଲିଗ୍ ପରେ କ୍ୱାର୍ଟର, ସେମି ଓ ଫାଇନାଲ୍ ଖେଳିବା ସେ ଆଶା କରିଛନ୍ତି। ୨୦୨୩ ପାଇଁ ବିଡର ରେସରେ ଥିଲେ ମାଲେସିଆ, ବେଲଜିୟମ୍, ଭାରତ।

ବେଲଜିୟମ୍ ସହ ଟଫ୍ ଫାଇଟ୍ ପରେ ଭାରତ ଜିତିଥିଲା ବିଡ୍। ଭିତ୍ତିଭୂମି, ଇଭେଣ୍ଟ ରେକର୍ଡ, ଅଧିକ ପ୍ରଶଂସକ ଏହି ୩ଟି ବର୍ଗରେ ସବୁଠୁ ଆଗରେ ରହି ଭାରତ ହୋଷ୍ଟ ପାଇଁ ବିଡିଂ ଜିତିଥିଲା। ଦୁଇଟି ସହରରେ ଖେଳ ଆୟୋଜନ ହେଉଥିବାରୁ ଏଥର ଉଦ୍‌ଘାଟନ ଉତ୍ସବ ହେବ ନାହିଁ। କିନ୍ତୁ ୫ଟି ମହାନଗରେ ଉତ୍ସବ ପାଳନ କରାଯିବ। କଟକକୁ ଆସିବେ ବିଶିଷ୍ଟ ଗାୟକ ପ୍ରୀତମ। ସେହିପରି ସବୁ ଖେଳାଳିଙ୍କୁ ସ୍ୱତନ୍ତ୍ର ଓଡିଆ ଖାଦ୍ୟ ପରଷା ଯିବ ବୋଲି ୫-ଟି ସଚିବ କହିଛନ୍ତି। ହକି ପାଇଁ ୩୦ଜିଲାର ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ଓ କୋଚିଂ ଦିଆଯିବ। ବିଜୁବାବୁଙ୍କ ହକି ଭଲପାଇବା ସ୍ମୃତିଚାରଣ କରିବା ସହ ଏହି ମାଟିରୁ ଭାରତ ହକି ବିଶ୍ୱକପ ଜିତୁ ବୋଲି ସେ ପ୍ରାର୍ଥନା କରିଛନ୍ତି।


ଇନ୍‌ଷ୍ଟାଗ୍ରାମ୍ ଲାଇଭ୍‌ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ।

# ହାଇୱା ଧକ୍କାରେ ୨ଯୁବକଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ, ପ୍ରତିଶ୍ରୁତି ପରେ ହଟିଲା


ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ବାଲିଗୁଡା,୧୯।୧୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁରୁବାଲି ବୁଲାଣି ରାସ୍ତାରେ ରବିବାର ରାତିରେ ହାଇୱା ଧକ୍କାରେ ୨ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ଗାଁ ଅଞ୍ଚଳର ରାକେଶ ମଲ୍ଲିକ ଓରଫ ଲିଟୁ ଓ ଅତ୍ୟୁତାନନ୍ଦ ନାୟକ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ସୋମବାର ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖ ୫୯ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ିମୋଟର ଅଟକି ରହିଥିଲା। ପ୍ରାୟ ୩ ଘଣ୍ଟା ପରେ କ୍ଷତିପୂରଣ ପ୍ରତିଶ୍ରୁତି ମିଳିବାରୁ ରାସ୍ତା ଅବରୋଧ ହଟିଥିଲା।

ପ୍ରକାଶ ଯେ, ରବିବାର ରାତି ପ୍ରାୟ ୧୦ଟାରେ ବଡ଼ଗାଁ ଅଞ୍ଚଳର ରାକେଶ ଓ ଅତ୍ୟୁତାନନ୍ଦ ବାଇକ୍‌ରେ ମହାସିଙ୍ଗି ଆଡୁ ବାଲିଗୁଡ଼ା ଅଭିମୁଖେ ଆସୁଥିଲେ। ସୁରୁବାଲି ଗାଁ ନିକଟ ବୁଲାଣି ରାସ୍ତାରେ ସାମ୍ନାରୁ ଆସୁଥିବା ହାଇୱା ଧକ୍କା ଦେଇଥିଲା। ଫଳରେ ଉଭୟେ ରାସ୍ତାକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଖବରପାଇ ବାଲିଗୁଡ଼ା ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ମଧ୍ୟ ରାକେଶ ଓ ଅତ୍ୟୁତାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ୫୯ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ସମ୍ପୃକ୍ତ ଠିକା ସଂସ୍ଥା ମୃତକଙ୍କ ପରିବାରକୁ ଦେଢ଼ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ଆନ୍ଦୋଳନ ହଟିଥିଲା।




ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣିରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା



# 'ଡ୍ୟୁଟି' କରୁଛନ୍ତି

ଭାରତ ୧ ଡିସେମ୍ବର ୨୦୨୨ରୁ ବିଧିବଦ୍ଧ ଭାବେ ଏକ ବର୍ଷ ପାଇଁ ଜି୨୦ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛି। ସଂଯୋଗବଶତଃ ୨୦୨୨ ଡିସେମ୍ବର ସକାଶେ ଜାତିସଂଘ ନିରାପତ୍ତା ପରିଷଦ (ୟୁଏନ୍ଏସ୍‌ସି)ର ଅଧ୍ୟକ୍ଷତା ଭାରତ ଭାଗରେ ପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ୟୁଏନ୍ଏସ୍‌ସିର ଦୁଇ ବର୍ଷିଆ ନିର୍ବାଚିତ ସଦସ୍ୟ ଭାବେ ଏହା ପୂର୍ବରୁ ଭାରତ ଅଗଷ୍ଟ ୨୦୨୧ରେ ଅଧ୍ୟକ୍ଷତା ଦାୟିତ୍ୱ ନିର୍ବାହ କରିଥିଲା। ଏବେ ଏକ ଦାୟିତ୍ୱସମ୍ପନ୍ନ ରାଷ୍ଟ୍ର ଭାବେ ଭାରତ ସମ୍ଭ୍ରମ ରକ୍ଷା କରି କେତେକ ସକାରାତ୍ମକ ପଦକ୍ଷେପ ନେଇପାରିବ ବୋଲି ଆଶା କରାଯାଉଥିଲା। ହେଲେ ନ୍ୟୁୟର୍କଠାରେ ମଲ୍ଟିଲାଟେରାଲିଜମ୍ ବା ବହୁପକ୍ଷବାଦ ଉପରେ ବିତର୍କ ହେବା ପୂର୍ବରୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାଓ୍ୱଲ ଭୁଟ୍ଟୋ ଜର୍ଦ୍ଦାରି ଅନୌପଚାରିକ ଭାବେ କଶ୍ମୀର ପ୍ରସଙ୍ଗରେ ଆଲୋଚନା କରିଥିଲେ। କିନ୍ତୁ ତାହାକୁ ଅଯଥାରେ ଗୁରୁତ୍ୱ ଦେଇ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଡକ୍ଟର ସୁବ୍ରମଣ୍ୟମ୍ ଜୟଶଙ୍କର ପାକିସ୍ତାନକୁ ଉପଲକ୍ଷ୍ୟ କରି କହିଥିଲେ, ନିରାପତ୍ତା ପରିଷଦରେ କଶ୍ମୀର ପ୍ରସଙ୍ଗ ଉଠାଇବା ଅନୁଚିତ। ଯେଉଁ ଦେଶ ୯/୧୧ ମାଷ୍ଟରମାଇଣ୍ଡ୍ ଲାଡେନ୍‌ଙ୍କୁ ସୁରକ୍ଷା ପ୍ରଦାନ କରିଥିଲା, ସେହି ରାଷ୍ଟ୍ର ଜାତିସଂଘରେ ପ୍ରବଚନ ଦେବାର ବିଶ୍ୱସନୀୟତା ହରାଇଛି। ସମଗ୍ର ବିଶ୍ୱ ପାକିସ୍ତାନକୁ 'ଆତଙ୍କବାଦର କେନ୍ଦ୍ରସ୍ଥଳୀ' ବୋଲି ଜାଣିଥିବା ବିଷୟ ଜୟଶଙ୍କର କହିଥିଲେ। ତେବେ ପାକିସ୍ତାନର ବିଧିବଦ୍ଧ ପାଳି ପଡ଼ିବା ପରେ ଜୟଶଙ୍କରଙ୍କୁ ଜବାବ ଦେବାକୁ ଯାଇ ବିଲାଓ୍ୱଲ କହିଥିଲେ 'ଅଲ୍-କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ୍ ମୃତ। କିନ୍ତୁ ଗୁଜରାଟର କଂସେଇ ଜୀବିତ ଅଛନ୍ତି ଓ ସେ ଏବେ ଭାରତର ପ୍ରଧାନମନ୍ତ୍ରୀ'। ଦେଖିବାକୁ ଗଲେ ଏହିଭଳି ଅସୁନ୍ଦର ମନ୍ତବ୍ୟକୁ ଜୟଶଙ୍କରଙ୍କ ତ୍ରୁଟିପୂର୍ଣ୍ଣ କୂଟନୀତି ନିମନ୍ତ୍ରଣ କରି ଡାକି ଆଣିଥିଲା। କାରଣ ବିଲାଓ୍ୱଲ ଭୁଟ୍ଟୋ ତାଙ୍କର ମତକୁ ଚତୁରତାର ସହିତ ମୁଖ୍ୟ ଆଲୋଚନାକୁ ଆଣିବାର ସୁଯୋଗ ପାଇଲେ। ପୁନର୍ବାର କୁହାଯାଇପାରେ ଯେ, ତାଙ୍କ ମୂଳ ମନ୍ତବ୍ୟ ସଭାଗୃହ ଭିତରେ ଦିଆଯାଇ ନ ଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ବିଲାଓ୍ୱଲ ସିଧାସଳଖ ସମାଲୋଚନା କରିବା ପରେ ଭାରତରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଭଳି ମନ୍ତବ୍ୟ ପାଇଁ ସେ କ୍ଷମା ମାଗନ୍ତୁ ବୋଲି ଅନେକ ଭାରତୀୟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଜୟଶଙ୍କରଙ୍କ କାର୍ଯ୍ୟକୁ ପ୍ରଥମେ ତର୍ଜମା କରାଯିବା ଦରକାର। ଲାଡେନ୍‌ଙ୍କୁ ସୁରକ୍ଷା ଦେବା ଓ ପାକିସ୍ତାନ ଆତଙ୍କବାଦର କେନ୍ଦ୍ରସ୍ଥଳ ଭଳି ଶବ୍ଦ ବ୍ୟବହାର କରି ନ ଥିଲେ ହୁଏତ ବିଲାଓ୍ୱଲ ତାଙ୍କର କଦର୍ଯ୍ୟ ମତ ଦେବାରେ ସଫଳ ହୋଇ ନ ଥାନ୍ତେ। ସେ ବିଧିବଦ୍ଧ ଭାବେ ୟୁଏନ୍ଏସ୍‌ସିରେ କଶ୍ମୀର ପ୍ରସଙ୍ଗ ମଧ୍ୟ ଉଠାଇ ନ ଥିଲେ। ଅନୌପଚାରିକ ଭାବେ ବିଲାଓ୍ୱଲ କେଉଁଠାରେ କ'ଣ କହିଲେ ଭାରତ ତାହାକୁ ଗୁରୁତ୍ୱ ଦେବାର ନ ଥିଲା। ଏଠାରେ ଯେଉଁ ବିଷୟଟି ଭାରତ ପାଇଁ ଏବେ ଅତି ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି, ତାହା ହେଲା ଦେଶର ବିଫଳ ବୈଦେଶିକ ନୀତି। ଭାଜପା କେନ୍ଦ୍ରରେ କ୍ଷମତାସୀନ ହେବାଠାରୁ ପଡ଼ୋଶୀଙ୍କ ସହ ଭାରତର ସମ୍ପର୍କ ଭଲ ନାହିଁ। ଏହାର ସୁଯୋଗ ନେଇ ଚାଇନା ବିଭିନ୍ନ ଦିଗରୁ ଭାରତକୁ ଘେରି ଯାଇଛି। ତାଓ୍ୱାଙ୍ଗରେ ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍ଏ)ର ଉପସ୍ଥିତି ଓ ଭାରତ ଭୂଖଣ୍ଡକୁ ପ୍ରବେଶ କରିବା ଘଟଣା ଏହାର ସଦ୍ୟ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ। ବିଫଳ କୂଟନୀତି ବୁଝିବାକୁ ହେଲେ ଉପରଲିଖିତ ଘଟଣାକୁ ତର୍ଜମା କରାଯାଇପାରେ। ଭାରତର ସୈନ୍ୟ ଗଲୱାନ୍‌ଠାରୁ ତାଓ୍ୱାଙ୍ଗ ପର୍ଯ୍ୟନ୍ତ ଆକ୍ରମଣର ଶିକାର ହେବା ସତ୍ତ୍ୱେ କୌଣସି ଦେଶ ତରଫରୁ ଏପର୍ଯ୍ୟନ୍ତ ଚାଇନାକୁ ନିନ୍ଦା କରାଯାଇ ନାହିଁ। ଭାରତ ସପକ୍ଷରେ ଆସୁଥିବା ମତ କେବଳ ଆଶ୍ୱାସନା ସ୍ତରରେ ରହିଯାଉଛି। ଚାଇନା ନେତୃତ୍ୱ ବୁଝିସାରିଲାଣି ଯେ, ଭାରତରେ ଶାସନ କରୁଥିବା ରାଜନୈତିକ ପାର୍ଟିର ମୁଖ୍ୟ ଲକ୍ଷ୍ୟ ଦେଶରେ କ୍ଷମତାକୁ ଜାବୁଡ଼ି ଧରିବା। ବୈଦେଶିକ ନୀତିରେ ନୂଆଦିଲ୍ଲୀ ସ୍ୱଷ୍ଟ ଆଭିମୁଖ୍ୟ ରଖୁ ନ ଥିବାରୁ ବେଜିଂ ଯେତେବେଳେ ସୁଯୋଗ ପାଉଛି ଭାରତ ବିରୋଧୀ କାର୍ଯ୍ୟରେ ସେନାକୁ ଲଗାଇ ଦେଉଛି ଏବଂ ଅନ୍ତର୍ଜାତୀୟ ସ୍ତରରେ, ସୁଯୋଗ ପାଇଲା ମାତ୍ରକେ, କେଞ୍ଚେ ଦେଉଛି। ତାଓ୍ୱାଙ୍ଗ ଭିତରକୁ ପିଏଲ୍ଏ ପଶି ଆସିଥିବା ସତ୍ତ୍ୱେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଚିରାଚରିତ ଢଙ୍ଗରେ କହିପକାଇଲେ- ଭାରତର ଇଞ୍ଚେ ଜମିକୁ କେହି ମାଡ଼ିବସିବେ ନାହିଁ। ଦୁଇ ଦେଶ ମଧ୍ୟରେ ଅସ୍ୱାଭାବିକ ସ୍ଥିତି ଉପୁଜିଥିବା ବେଳେ ଉଚିତ ପଦକ୍ଷେପ ନିଆଯିବା ଲାଗି ପ୍ରସ୍ତୁତି ଆରମ୍ଭ କରା ନ ଯାଇ ବାହୁସ୍ଫୋଟ ମାରିବା ହାସ୍ୟାସ୍ପଦ ମନେ ହେଉଛି। ସେହିଭଳି ପାକିସ୍ତାନ ଏବେ ଆର୍ଥିକ ଦୃଷ୍ଟିରୁ ଏକ ଦୁର୍ବଳ ଦେଶରେ ପରିଣତ ହୋଇଛି। ହେଲେ ଜୟଶଙ୍କର ତାହାକୁ ପୂର୍ବଭଳି ଭାରତର ଶତ୍ରୁ ରାଷ୍ଟ୍ର ଭାବେ ଅଭିହିତ କରି ମନ୍ତବ୍ୟ ଦେବା ଅନାବଶ୍ୟକ ଥିଲା। ଅନେକ ଅନ୍ତର୍ଜାତୀୟ ପ୍ରସଙ୍ଗ ଥିବା ବେଳେ ଘଷରା ବିଷୟ ଉତ୍‌ଥାପନ କରିବା ଦ୍ୱାରା ଭାରତର ବହିର୍ବ୍ୟାପାର ମନ୍ତ୍ରୀ ନିଜ ପରିପକ୍ୱତା ପ୍ରଦର୍ଶନ କରିନାହାନ୍ତି ବୋଲି କୁହାଯାଉଛି। ହୁଏତ ଜୟଶଙ୍କରଙ୍କୁ ବୁଝାଇ ଦିଆଯାଇଛି ଯେ ରାଜନୈତିକ ସୁବିଧା ସକାଶେ ସବୁବେଳେ ପାକିସ୍ତାନକୁ ଟେକି ଧରିବା ଆବଶ୍ୟକ। ଜଣେ ଅବସରପ୍ରାପ୍ତ ଅଫିସର ଭାବେ ଜୟଶଙ୍କର ତାଙ୍କ 'ଡ୍ୟୁଟି' କରୁଛନ୍ତି। ନିଜର ବୁଦ୍ଧି ଲଗାଇ ଭାରତ ଓ ତାହାର ନାଗରିକଙ୍କ ବୃହତ୍ ସ୍ୱାର୍ଥ ରକ୍ଷା ଚାକିରିରେ ଥିବା କିମ୍ବା ଅବସର ନେଇଥିବା କୌଣସି ଅଫିସରଙ୍କଠାରୁ ଆଶା କରିବା ବୃଥା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | 1 | | 6 | |
| | 7 | | | 5 | 9 | | | |
| 4 | 8 | | | | 6 | | | 3 |
| | | 1 | | | | | 3 | 8 |
| 8 | | | 5 | | 4 | | | |
| | 9 | | | 6 | | | | |
| | | | | | 5 | 7 | 9 | |
| 2 | | | | | | 5 | | |
| | | | | 2 | | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 9 | 8 | 1 | 6 | 4 | 5 | 7 | 3 |
| 3 | 4 | 1 | 5 | 7 | 8 | 6 | 2 | 9 |
| 5 | 6 | 7 | 3 | 9 | 2 | 1 | 4 | 8 |
| 9 | 2 | 6 | 8 | 5 | 7 | 3 | 1 | 4 |
| 8 | 1 | 5 | 4 | 3 | 9 | 7 | 6 | 2 |
| 4 | 7 | 3 | 6 | 2 | 1 | 8 | 9 | 5 |
| 1 | 3 | 2 | 9 | 8 | 6 | 4 | 5 | 7 |
| 7 | 5 | 4 | 2 | 1 | 3 | 9 | 8 | 6 |
| 6 | 8 | 9 | 7 | 4 | 5 | 2 | 3 | 1 |

ଗତକାଲିର ଉତ୍ତର

# ସ୍ୱଦେଶୀ ସ୍ୱାଭିମାନ ଓ ଜିଆଇ ଟ୍ୟାଗ୍



ସମରେନ୍ଦ୍ର ବଳିଆରସିଂହ

ଶୋଇଲା ପୁଅର ଭାଗ ନାହିଁ। ଆପଣ ପଚାରିବେ, କିଏ ଶୋଇଛି ? ଏହାର ଉତ୍ତର ହେଲା, ଆମେ ଶୋଇଛୁ। ଅର୍ଥନୀତି ଭଳି ଏ ଓଡ଼ିଆ ଜାତି ମାନ୍ଦାବସ୍ଥାର ଶିକାର ହୋଇଯାଉଛି। ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାରେ ବହୁ ବିଳମ୍ବ ହେଲା। ନୀଳାଦ୍ରି ବିଜୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମା'ଲକ୍ଷ୍ମୀଙ୍କ ପାଇଁ ରସଗୋଲା ଭୋଗ ଦେଇ ମାନଭଞ୍ଜନ କରନ୍ତି। ହେଲେ ରସଗୋଲାକୁ ନେଇ ଆଗ ପଶ୍ଚିମବଙ୍ଗ ଭୌଗୋଳିକ ସଙ୍କେତ ବା ଜିଆଇ ଟ୍ୟାଗ୍ ପାଇଗଲା। ଆମର ବିଳମ୍ବିତ ଉଦ୍ୟମ ପରେ ଆମେ ଓଡ଼ିଶା ରସଗୋଲା ଭାବେ ଜିଆଇ ଟ୍ୟାଗ୍ ପାଇଲୁ। ଏବେ ନଗଦାନଗଦ ଖବର ହେଲା, ଆସାମ ଗାମୋସା(ଗାମୁଛା)କୁ ଜିଆଇ ଟ୍ୟାଗ୍ ମିଳିଛି। ଆସାମର ସଂସ୍କୃତିକୁ ଦର୍ଶାଉଥିବା ଏହି ବସ୍ତ୍ରକୁ ମାନ୍ୟତା ମିଳିବା ନେଇ କେନ୍ଦ୍ର ବାଣିଜ୍ୟ, ଶିଳ୍ପ ଓ ବୟନଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟେଲ ଟୁଇଟ୍ କରିଛନ୍ତି। ସେ ଲେଖିଛନ୍ତି, ଆସାମର ଗାମୋସା ଏବେ ଦୁନିଆରେ ପ୍ରସିଦ୍ଧ ହେଉଛି। ଜିଆଇ ଟ୍ୟାଗ୍ ମିଳିବା ପରେ ବୁଣାକାରମାନଙ୍କର ଭରସା ବଢ଼ିବ। ଏହି ପରିପ୍ରେକ୍ଷୀରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ରାଜ୍ୟବାସୀଙ୍କ ପାଇଁ ଏହା ଗର୍ବର ବିଷୟ ବୋଲି ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଲୁଙ୍ଗି ଗାମୁଛା ସମ୍ପର୍କରେ ଆପଣଙ୍କର ଦୃଷ୍ଟି ଆକର୍ଷଣ କରୁଛୁ। ଏକଦା ଅରଟରେ ବୁଣା ହେଉଥିଲା ନାଲି ରଙ୍ଗର କରିଆ। ପରେ ତନ୍ତ ଆସିଲା ଓ ସେହି କରିଆ ପରିଚିତ ହେଲା ଗାମୁଛା ଭାବେ। ଲାଲମାଟି ଖୋର୍ଦ୍ଧା ବୀର ପାଇକମାନଙ୍କ ମାଟି। ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଥିଲା ଏଠିକାର ପାଇକମାନଙ୍କର ପରିଧାନ। ପାଇକ ପୁଅ ସେଇ ନାଲି ଗାମୁଛାକୁ ମୁଣ୍ଡରେ କି ଅଣ୍ଟାରେ ଭିଡ଼ି ଯୁଦ୍ଧକୁ ଯାଉଥିଲା। ଶତ୍ରୁ ବେକରେ ଗାମୁଛା ପକାଇ ତାକୁ କବଳିତ କରୁଥିଲା। ଗରିବଙ୍କଠାରୁ ଆରମ୍ଭ କରି ଧନୀ, ଗାଁରୁ ସହର ପର୍ଯ୍ୟନ୍ତ ଏହି ସ୍ୱଦେଶୀ ପରିଧାନ ଥିଲା ସମସ୍ତଙ୍କର ପ୍ରିୟ। ଗାମୁଛା ଥିଲା ଲୋକଙ୍କର 'ଷ୍ଟାଇଲ୍ ଷ୍ଟେଟମେଣ୍ଟ'। ଜମିଦାର ହୁଅନ୍ତୁ କି ହଳିଆ, ବେକରେ ପଡ଼ିଥିବ ନାଲି ଗାମୁଛା ବା କରିଆ। ଗାମୁଛା ଅଛି ତ ସବୁ କିଛି ଅଛି। ଖୋର୍ଦ୍ଧା ସହର ସମେତ ଡାଳତୋଳା, ଧଳାପଥର, ସଁପୁର, ବାଜପୁର, ଦେଉଳି, ଆମ୍ବଝର ଆଦି ଗାଁଗୁଡ଼ିକ ଖୋର୍ଦ୍ଧା ଗାମୁଛା ପାଇଁ ପ୍ରସିଦ୍ଧ ଥିଲା। କୋଡ଼ିଆ ସୂତାରେ ଏହା ତିଆରି ହେଉଥିଲା, ରଙ୍ଗ ଛାଡୁ ନ ଥିଲା। ତେଣୁ ଏହାର ଚାହିଦା ଅଧିକ ରହିଥିଲା।

କେବଳ ଲୁଙ୍ଗି, ଗାମୁଛା ନୁହେଁ; ଶାଢ଼ି ପାଇଁ ମଧ୍ୟ ଖୋର୍ଦ୍ଧାର ପ୍ରସିଦ୍ଧି ରହିଛି। ବୀରାଙ୍ଗନା ପାଇକ ରମଣୀ ପିନ୍ଧୁଥିଲେ ଶାଢ଼ି। ଶାଢ଼ି ପିନ୍ଧି ଯୁଦ୍ଧ କରୁଥିବାର ଇତିହାସ ସାକ୍ଷୀ। ପାଇକ ରମଣୀ କଳାବତୀ ହୁଅନ୍ତୁ କି ହାରାବତୀ, ଶାଢ଼ି ପିନ୍ଧି ବୀରଦର୍ପରେ ଇଂରେଜମାନଙ୍କ ମୁକାବିଲା କରୁଥିଲେ। ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢ଼ିର ଏକ ଅଲଗା ପରିଚୟ ଥିଲା, ବାଣିଜ୍ୟ ଭାଷାରେ ଯାହାକୁ ଆମେ କହୁଛୁ 'ବ୍ରାଣ୍ଡ୍'। ଏସବୁ ପରିଧାନ ପିନ୍ଧିବା ପାଇଁ ଭାରି କୋମଳ, ହାଲୁକା ଏବଂ ଚର୍ମ ପାଇଁ ଭଲ। ତନ୍ତବୁଣା ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢ଼ିର ପ୍ରଚଳନ ପାଖାପାଖି ୧୦୦ ବର୍ଷର ପୁରୁଣା ବୋଲି ବୁଣାକାରମାନେ କୁହନ୍ତି। ଜଣେ ମାରଓ୍ୱାଡ଼ି ବ୍ୟବସାୟୀ ଗଣପତି ଲାଲଙ୍କ ଉଦ୍ୟମକ୍ରମେ ନୀଳ ଲୁଙ୍ଗି ଓ ଲାଲ ଗାମୁଛା ବୁଣା ଆରମ୍ଭ ହୋଇଥିଲା। ତାଙ୍କ ନାମରେ ଏହି ଗାମୁଛା ଗଣପତି ଗାମୁଛା ଭାବେ ପରିଚିତ ହେଲା। ପରେ ଶାଢ଼ି ମଧ୍ୟ ପ୍ରସ୍ତୁତ ହେଲା। ଦୀର୍ଘସ୍ଥାୟୀ ସୂତାରେ ଭଲ ରଙ୍ଗର ପ୍ରୟୋଗ କରାଯାଉଥିଲା, ତେଣୁ ଦିନକୁ ଦିନ ଏସବୁର ଚାହିଦା ଆକାଶଛୁଆଁ ହେଲା। ୧୯୭୫ ବେଳକୁ ଖୋର୍ଦ୍ଧା ବ୍ରାଣ୍ଡ୍ ସାରା ଓଡ଼ିଶାରେ ଛାଇଗଲା। କେବଳ ଓଡ଼ିଶା ନୁହେଁ, ସାରା ଭାରତବର୍ଷରେ ଲୋକପ୍ରିୟ ହେଲା ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢ଼ି। ତଥ୍ୟ କୁହେ, ୧୯୮୫ରେ କୃଷ୍ଣ ମୁରାରୀ ଶାହା କଳତନ୍ତ ବସାଇ ଅଧିକ ଉତ୍ପାଦନ ଆରମ୍ଭ କଲେ। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ବ୍ରାଣ୍ଡ୍ ଜାତୀୟ ହସ୍ତଶିଳ୍ପ ମାନ୍ୟତା ପାଇଲା। ଏହି ବ୍ରାଣ୍ଡ୍‌ର ପାଇକପୁଅ ଛାପ ଲୁଙ୍ଗି ପ୍ରଥମ ସ୍ୱାଧୀନତା ସଂଗ୍ରାମର ପ୍ରଚାର ପ୍ରସାର କରାଇବାରେ ସହାୟକ ହୋଇଥିଲା। କେବଳ ହିନ୍ଦୁ ନୁହନ୍ତି, ମୁସଲମାନମାନେ ମଧ୍ୟ ଖୋର୍ଦ୍ଧା ଲୁଙ୍ଗି, ଗାମୁଛାକୁ ପସନ୍ଦ କରୁଥିଲେ। ତେଣୁ ହିନ୍ଦୁ-ମୁସଲିମ ସଂପ୍ରୀତି ପାଇଁ ଏସବୁ ପରିଧାନର ବଡ଼ ଭୂମିକା ରହିଥିଲା। ଜାତିର ପିତା ମହାତ୍ମା ଗାନ୍ଧୀ 'କୁଟି ଖାଅ, କାଟି ପିନ୍ଧ'ର ସ୍ଲୋଗାନ୍ ଦେଉଥିଲେ। ଏଭଳି ସ୍ୱଦେଶୀ ପରିଧାନ ସେଇ ସ୍ଲୋଗାନକୁ ପରିପୁଷ୍ଟ କରୁଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଆତ୍ମନିର୍ଭର ଭାରତ'ର ସ୍ଲୋଗାନ୍ ଦେଉଛନ୍ତି। ହେଲେ ସେଇ ଆତ୍ମନିର୍ଭରଶୀଳତାର ପ୍ରତୀକ ଥିଲା ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଓ ଶାଢ଼ି।



ଖୋର୍ଦ୍ଧା ସମେତ ବେଗୁନିଆ, ବୋଲଗଡ଼ ବ୍ଲକ୍‌ରେ ବହୁ ବୁଣାକାର ପରିବାର ଉତ୍କୃଷ୍ଟମାନର ପରିଧାନ ପ୍ରସ୍ତୁତ କରୁଥିଲେ। ରେଖା ଶାଢ଼ି ଓ ଟସର ଶାଢ଼ି ସେତେବେଳେ ଲୋକପ୍ରିୟ ହୋଇଥିଲା। ଖୋର୍ଦ୍ଧା ନିକଟସ୍ଥ ରାଉତପଡ଼ା ଗ୍ରାମର ବୁଣାକାରମାନେ ଗୀତଗୋବିନ୍ଦ ପାଟ ପ୍ରସ୍ତୁତ କରୁଥିଲେ। ଏହା ଶ୍ରୀଜଗନ୍ନାଥଙ୍କ ଅଙ୍ଗଲାଗି ପାଟବସ୍ତ୍ରର ପରିଚୟ ଲାଭ କରିଥିଲା। ସେହିପରି ଧଳାପଥର ଗ୍ରାମର ବୁଣାକାରଙ୍କ ପରଦା ଶିଳ୍ପ ରାଜ୍ୟ ତଥା ଦେଶ ବାହାରେ ସୁନାମ ଅର୍ଜନ କରିଥିଲା। କୁଶଳୀ ବୁଣାକାର ଉଦୟନାଥ ସାହୁଙ୍କ କୁଶଳୀ ହାତର କାରିଗରି ଯୋଗୁ ଏଠିକାର ପରଦା କଳା ସମସ୍ତଙ୍କୁ ଆକୃଷ୍ଟ କରିଥିଲା। ଏହା ଅନସ୍ୱୀକାର୍ଯ୍ୟ ଯେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ସହ ଆଧ୍ୟାତ୍ମିକତା କ୍ଷେତ୍ରରେ ଧଳାପଥର ପର୍ଦ୍ଦାକଳାର ବଡ଼ ଭୂମିକା ଥିଲା। ଏହି ପର୍ଦ୍ଦାକଳା ଭାରତ ସରକାରଙ୍କ ଜିଆଇ ଟ୍ୟାଗ୍‌ରେ ମଧ୍ୟ ପଞ୍ଜୀକୃତ ହୋଇଥିଲା।

ସାମଗ୍ରିକ ଭାବେ ଦେଖିବାକୁ ଗଲେ ସ୍ୱଦେଶୀ ବସ୍ତ୍ରର ପ୍ରଚାର, ପ୍ରସାର ପାଇଁ ଖୋର୍ଦ୍ଧା ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ତେବେ ସମୟସ୍ରୋତରେ ଏସବୁ ହଜିଯିବାକୁ ବସିଛି। ସମ୍ପ୍ରତି ତନ୍ତୁବାୟ ସମବାୟ ସହଯୋଗ ସମିତିଗୁଡ଼ିକ ରୁଗ୍‌ଣ ହୋଇପଡ଼ିଛି। ନକଲି ଖୋର୍ଦ୍ଧା ଲୁଙ୍ଗି, ଗାମୁଛା ଆସି ଅସଲିକୁ ଅନେକ ପରିମାଣରେ ବଜାରରୁ ହଟେଇଦେଇଛି। କାରିଗରମାନଙ୍କୁ ଆଶାନୁରୂପକ ପାରିଶ୍ରମିକ ମିଳୁନାହିଁ। ଅପରପକ୍ଷେ ତାମିଲନାଡୁ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ସରକାର ନିଜ ରାଜ୍ୟର ହସ୍ତତନ୍ତ କାରିଗରମାନଙ୍କୁ ରିହାତି ମୂଲ୍ୟରେ ସୂତା, ରଙ୍ଗ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କଞ୍ଚାମାଲ ଯୋଗାଇଦେଉଥିବା ହେତୁ ସେଠାକାର ବୁଣାକାରମାନଙ୍କ ଉତ୍ପାଦ ଆମ ରାଜ୍ୟର ରପ୍ତାନି ମୂଲ୍ୟ ତୁଳନାରେ ଶସ୍ତା ହେଉଛି।

ଦିନେ ଦେଶ ବିଦେଶରେ ପରିଚୟ ସୃଷ୍ଟି କରିଥିଲା ଲାଲମାଟି ଖୋର୍ଦ୍ଧା। ଲାଲମାଟିର ସ୍ୱଦେଶୀ ବସ୍ତ୍ର ଉତ୍ପାଦନ ପ୍ରାଚୀନ ନୌବାଣିଜ୍ୟ ସହ ଜଡ଼ିତ ବୋଲି କେତେକ ମତ ଦିଅନ୍ତି। ସେତେବେଳେ ଆମର ଲୁଙ୍ଗି, ଗାମୁଛା ଓ ଶାଢ଼ି ସୁଦୂର ଜାଭା, ସୁମାତ୍ରା, ବୋର୍ନିଓକୁ ରପ୍ତାନି ହେଉଥିଲା। ଏଭଳି ସ୍ୱର୍ଣ୍ଣିମ ଅତୀତର ସାକ୍ଷୀ ହେଉଛି ଲାଲମାଟିର ସ୍ୱଦେଶୀ ବସ୍ତ୍ର। ବର୍ତ୍ତମାନ ଏହି ବସ୍ତ୍ର ଉତ୍ପାଦନ କ୍ଷେତ୍ରରେ ଯଦି ସରକାର କିଛି ପଦକ୍ଷେପ ନ ନିଅନ୍ତି, ବୁଣାକାରମାନଙ୍କୁ ଉତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା ନ କରନ୍ତି, ତେବେ କାଳଗର୍ଭରେ ଏହି କଳା ଲୀନ ହୋଇଯିବ! ଆମ ସ୍ୱଦେଶୀ ପରିଧାନକୁ ସ୍ୱାବଲମ୍ବନର ନୂଆ ରାହା ଭାବେ ସାମ୍ନାକୁ ଆଣିବାକୁ ହେବ। 'ସ୍ୱଦେଶୀ ସ୍ୱାଭିମାନ'କୁ ଉଜାଗର କରିବାକୁ ପଡ଼ିବ। ଖୋର୍ଦ୍ଧା ଲୁଙ୍ଗି, ଗାମୁଛାକୁ ଜିଆଇ ଟ୍ୟାଗ୍ ମିଳିବା ପାଇଁ ସାମଗ୍ରିକ ଭାବେ ଉଦ୍ୟମ କରିବାକୁ ପଡ଼ିବ। ଏଥିପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାପାଇଁ ଆଗେଇ ଆସନ୍ତୁ।

**ବିଶ୍ୱାତ୍ମା, ଏମ୍-୨୩, ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା, ମୋ: ୮୨୪୯୬୭୯୦୯୯**

# ଦୀର୍ଘ ଜୀବନ ବନାମ ସୁସ୍ଥ ଜୀବନ



ଅଲେଖ ଚନ୍ଦ୍ର ମିଶ୍ର

ଦୀର୍ଘକାଳ ବଞ୍ଚିରହିବାକୁ କିଏ ବା ନ ଚାହେଁ ? ସେଥିପାଇଁ ତ 'ଶତାୟୁ ଭବ, ଦୀର୍ଘଜୀବୀ ହୁଅ, କୋଟି ପରମାୟୁ ହେଉ, ମୋର ଆୟୁଷ ତୋତେ ଲାଗିଯାଉ' ଇତ୍ୟାଦି ଆଶୀର୍ବଚନ ଆମ ସଂସ୍କୃତିରେ ଯୁଗଯୁଗରୁ ପ୍ରଚଳିତ ହୋଇ ଆସିଛି। ହେଲେ ମଣିଷ ଜୀବନରେ ଏମିତି ପରିସ୍ଥିତି ଆସେ ଯେତେବେଳେ ସେ ମୃତ୍ୟୁକୁ ସ୍ୱାଗତ କରେ। ଶୀଘ୍ର ଚାଲିଯିବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ। କେହିକେହି ସେଥିପାଇଁ ସରକାରଙ୍କ ନିକଟରେ ଗୁହାରି କରନ୍ତି। ଏହାକୁ ଇଉଥାନାସିଆ କୁହାଯାଏ। ଅତଏବ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ସାଧାରଣ ଅବସ୍ଥାରେ ଯେଉଁ ମଣିଷ ମୃତ୍ୟୁର କଳ୍ପନାରେ ଶିହରି ଉଠୁଥାଏ ସେ ଇଚ୍ଛାମୃତ୍ୟୁ ଲୋଡ଼େ କାହିଁକି? ଏହାର ଅନେକ କାରଣ ମଧ୍ୟରେ ସର୍ବାଗ୍ରେ ରହିଛି ଦୁରାରୋଗ୍ୟ ବ୍ୟାଧିର ପ୍ରକୋପ, ଯାହା ଶାରୀରିକ ଅସୁସ୍ଥତାର ଏକ ଗୁରୁତ୍ୱପୂର୍ଣ୍ଣ ନିଦର୍ଶନ। ଅର୍ଥାତ୍ ସୁସ୍ଥ ଜୀବନଯାପନ କରୁଥିବା ବ୍ୟକ୍ତି ପ୍ରାୟତଃ ମୃତ୍ୟୁକୁ ଚାହେଁନା। ସୁତରାଂ ଦୀର୍ଘ ଜୀବନ ଏବଂ ସୁସ୍ଥ ଜୀବନ ଏ ଦୁଇଟି ମଧ୍ୟରୁ ସୁସ୍ଥ ଜୀବନ ହିଁ ଅଧିକ ସ୍ପୃହଣୀୟ। ଏହି ଦୁଇଟିର ଏକତ୍ର ସଂଯୋଗ ଏକ ବିରଳ ସଂଘଟନ, ଯାହାକୁ ପାଇବା ପାଇଁ କଠୋର ସଂଯମତା ଓ ଆଚରଣ ବିଧି ପ୍ରୟୋଜନ। ଏ କ୍ଷେତ୍ରରେ ପୁରାଣ ଶାସ୍ତ୍ରଠାରୁ ଚିକିତ୍ସା ବିଜ୍ଞାନ ଯାଏ ସର୍ବତ୍ର ବିଭିନ୍ନ ପ୍ରକାର ପରାମର୍ଶ ଦିଆଯାଇଛି। ତାହା ମଧ୍ୟରୁ ଏକ କ୍ଷୁଦ୍ର ଅଥଚ ମହାନ୍ ଉପଚାର ହେଉଛି ବିଶ୍ରାମ। ଅଥଚ ତା'ର ମୂଲ୍ୟ ନ ବୁଝି କିଛି ଲୋକ ଆରାମ ହାରାମ ବୋଲି କହନ୍ତି ତ ଅନ୍ୟ କେହି ଏହାକୁ ବୃଥା ସମୟ ନଷ୍ଟ (ଡାଉନ ଟାଇମ) ଭାବି ଏଡ଼େଇ ଦିଅନ୍ତି। କେହି କେହି କହିବାର ଶୁଣାଯାଏ, 'ମରିବାକୁ ତ ବେଳ ନାହିଁ, ବିଶ୍ରାମ ନେବି କ'ଣ ?' କାର୍ଯ୍ୟ ବ୍ୟସ୍ତତାର ଅତ୍ୟଧିକ ଚାପରେ ଏମାନେ ଭୁଲିଯାଆନ୍ତି ଯେ, ଦିନକୁଦିନ ଧରି ଅବିରତ ପରିଶ୍ରମ ଦୈହିକ ସନ୍ତୁଳନକୁ ସେମାନଙ୍କର ଅଜ୍ଞାତରେ ଏପରି ନୀରବରେ ପ୍ରତିଘାତ କରିଚାଲିଥାଏ ଯେ ତା'ର ସଂଗୃହୀତ ପରିଣାମ ଶେଷରେ ତାଙ୍କର ଦେହକୁ ଅନ୍ତଃସାରଶୂନ୍ୟ କରିଦିଏ। ତେଣୁ ସୁସ୍ଥସବଳ ରହିବା ପାଇଁ ବିଶ୍ରାମ ଅପରିହାର୍ଯ୍ୟ।

ବିଶ୍ରାମର ଅର୍ଥ କେବଳ କର୍ମରୁ ସାମୟିକ ବିରତି ନୁହେଁ। ଶରୀରର ଆବଶ୍ୟକତା ଅନୁଯାୟୀ ଏହାର ପ୍ରକାର ଭେଦ ରହିଛି ଯଥା ସ୍ଥୂଳ(ଫିଜିକାଲ), ମାନସିକ (ମେଣ୍ଟାଲ), ସ୍ନାୟବିକ (ସେନସରି), ସାମାଜିକ (ସୋସିଆଲ), ଆଧ୍ୟାତ୍ମିକ(ସ୍ପିରିଚୁଆଲ) ଏବଂ ଆବେଗିକ (ଇମୋଶନାଲ)। ସ୍ଥୂଳ ବିଶ୍ରାମ କହିଲେ, ଶାରୀରିକ ପରିଶ୍ରମରୁ ବିରାମକୁ ବୁଝାଇଥାଏ ଯାହା କ୍ଳାନ୍ତି ଓ ଦୁର୍ବଳତା ଦୂରକରେ। ମନକୁ କିଛି ସମୟ ପାଇଁ ଭାରମୁକ୍ତ ଓ ଫାଙ୍କା ରଖିଲେ ମାନସିକ ବିଶ୍ରାମ ମିଳେ, ଯାହା ଦୁଶ୍ଚିନ୍ତା ଦୂରକରି ତାକୁ ଅଧିକ ଗ୍ରହଣଶୀଳ କରେ।



ବୈଦ୍ୟୁତିକ ସରଞ୍ଜାମ ତଥା ଅନ୍ୟାନ୍ୟ ବାହ୍ୟ ସୂତ୍ରରୁ ସୃଷ୍ଟ ଶବ୍ଦ ପ୍ରଦୂଷଣରୁ ମୁକ୍ତି ସ୍ନାୟବିକ ବିଶ୍ରାମ ଯୋଗାଇଥାଏ ଯାହାଦ୍ୱାରା ମସ୍ତିଷ୍କ ଅଧିକ କାର୍ଯ୍ୟକ୍ଷମ ହୁଏ। ପରିବାର, ପରିଜନଙ୍କ ଗହଣରେ ଖୁସିରେ କାଟୁଥିବା ସମୟ ସାମାଜିକ ବିଶ୍ରାମ ପ୍ରଦାନ କରେ, ଯାହା ମନକୁ ଓ ଦେହକୁ ପ୍ରଫୁଲ୍ଲ ଓ ସତେଜ ରଖେ। ଯୋଗ, ଧ୍ୟାନ ଓ ଏକାଗ୍ରତା ମାଧ୍ୟମରେ ମିଳୁଥିବା ବିଶ୍ରାମକୁ ଆଧ୍ୟାତ୍ମିକ ବିଶ୍ରାମ କୁହାଯାଏ, ଯାହାର ପ୍ରଭାବରେ ବୃଥାଚିନ୍ତା (ଟେନ୍‌ସନ), ଉଦ୍‌ବେଗ ଓ ଉତ୍କଣ୍ଠାରୁ ମୁକ୍ତି ମିଳେ। ସେହିପରି ଆବେଗିକ ବିଶ୍ରାମ ସାଥୀମାନଙ୍କ ସହିତ ଗୁଲିଖଟି, ହସ ଓ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାରରୁ ମିଳିଥାଏ। ଏହାଦ୍ୱାରା ଦେହର ସୂକ୍ଷ୍ମ ତନ୍ତ୍ରୀଗୁଡ଼ିକ ଚଳଚଞ୍ଚଳ ହୋଇଥାଏ।

କିନ୍ତୁ ଏ ସମସ୍ତ ପ୍ରକାରର ବିଶ୍ରାମ ଅପେକ୍ଷା ଶୟନ ବା ନିଦ୍ରା ହେଉଛି ଶ୍ରେଷ୍ଠ ବିଶ୍ରାମ, ଯେଉଁଥିରେ ଉପରୋକ୍ତ ସମସ୍ତ ପ୍ରକାରର ବିଶ୍ରାମ ଏକାଧାରରେ ସନ୍ନିବିଷ୍ଟ। କାମ କରିବା ପାଇଁ ଦିନ ଏବଂ ଶୋଇବା ପାଇଁ ତ ରାତିର ସୃଷ୍ଟି। ମଣିଷ ଶରୀର ଏପରି ଭାବରେ ଗଠିତ ଯେ ଶୋଇବା ଦରକାର ପଡ଼ିଲେ ହାଇ ମାଧ୍ୟମରେ ଓ ଆଖି ମୁଦିହୋଇ ଆସିବାରେ ତାର ସଙ୍କେତ ମିଳେ। ଅଥଚ କିଛି ଲୋକ ତାକୁ ଏଡ଼େଇବା ପାଇଁ ଚା, କଫି, ଧୂମପାନ, ମଦ୍ୟ ଇତ୍ୟାଦିର ସାହାରା ନେଇଥାନ୍ତି, ଯାହା ପରିଶେଷରେ ଘାତକ ସାବ୍ୟସ୍ତ ହୁଏ। ଠିକ୍ ଭାବରେ ନ ଶୋଇଲେ ଇନସେମିଆ, ସ୍ଲିପ ଆପନିଆ, ଡିମେନ୍ସିଆ , ହୃଦଘାତ, ରକ୍ତଚାପ, ମେଦବୃଦ୍ଧି ଇତ୍ୟାଦି ସୃଷ୍ଟିହୁଏ ବୋଲି ଚିକିତ୍ସା ବିଜ୍ଞାନୀମାନେ କୁହନ୍ତି। ଏହାଛଡ଼ା ଶୋଇବା ଦ୍ୱାରା ଶାରୀରିକ ଓ ମାନସିକ କ୍ଳାନ୍ତି ତଥା ଅବସାଦ ଦୂର ହୁଏ, ପାଚନପ୍ରକ୍ରିୟା ତ୍ୱରାନ୍ୱିତ ହୁଏ, ସ୍ମରଣଶକ୍ତି ବଢ଼େ ଏବଂ ଉଠିବା ପରେ କାମ କରିବା ପାଇଁ ଉତ୍ସାହ ମିଳେ। ଆମେରିକାସ୍ଥିତ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସଂସ୍ଥା ଏନ୍ଆଇଏଚ୍‌ର ଏପ୍ରିଲ ୨୦୨୧ ସଂଖ୍ୟାରେ ପ୍ରକାଶିତ ବୁଲେଟିନର ତଥ୍ୟ ଅନୁସାରେ ସେମାନେ ଅନେକ ଶତାୟୁଙ୍କ ଉପରେ ଅନୁଧ୍ୟାନ କରି ଜାଣିବାକୁ ପାଇଥିଲେ ଯେ ସେମାନଙ୍କର ଦୀର୍ଘଜୀବନର ଏକ ରହସ୍ୟ ଥିଲା ରାତିରେ ଅନ୍ୟୂନ ଦଶଘଣ୍ଟା ଶୋଇବାର ଅଭ୍ୟାସ।

ଏନ୍ଆଇଏଚ୍‌ର ମୁଖ୍ୟ ଡ. ମାରିସ୍ଥା ବ୍ରାଉନଙ୍କ ମତରେ ଶୋଇବାର ନିର୍ଦ୍ଦିଷ୍ଟ ଶୃଙ୍ଖଳା ରହିବା ଦରକାର ଯଥା ଶୋଇବାର ଶୈଳୀ (କ୍ୱାଲିଟି), ପରିମାଣ (କ୍ୱାଣ୍ଟିଟି ) ଏବଂ ନିୟମିତତା (କନ୍‌ସିଷ୍ଟେନ୍ସି)। ସେହିପରି ରୋଚେଷ୍ଟର୍ ୟୁନିଭର୍ସିଟିର ନିଦ୍ରା ବିଶାରଦ (ସ୍ଲିପ ଏକ୍ସପର୍ଟ) ଡ. ମାଇକେଲ ମେଡେଗାର୍ଡ କୁହନ୍ତି, ପ୍ରତିଦିନ ରାତିରେ ସ୍କୁଲ ବୟସର ପିଲାମାନେ ନଅଘଣ୍ଟା, କିଶୋର (ଟିନ୍‌ଏଜ)ମାନେ ଆଠରୁ ଦଶଘଣ୍ଟା, ପ୍ରୌଢ଼ମାନେ ସାତଘଣ୍ଟା ଏବଂ ବୟସ୍କମାନେ ନଅରୁ ଦଶଘଣ୍ଟା ପର୍ଯ୍ୟନ୍ତ ଶୋଇବା ଆବଶ୍ୟକ। ତାଙ୍କ ମତରେ ସର୍ବାଧିକ ଦଶଘଣ୍ଟାରୁ ଅଧିକ ଶୋଇବା ଖରାପ। ସେହିପରି ଉପଯୁକ୍ତ ନିଦ୍ରା ପରେ ବି ଯଦି ନିଦୁଆ (ଡ୍ରାଉଜି ) କିମ୍ବା ଅଳସ ଲାଗେ ତେବେ ଜାଣିବାକୁ ହେବ ଯେ ସ୍ୱାସ୍ଥ୍ୟରେ କିଛି ସମସ୍ୟା ରହିଛି। 'ଅର୍ଦ୍ଧ ରୋଗହାରୀ ନିଦ୍ରା'। ତେଣୁ ପ୍ରତ୍ୟେକ ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତି ଯିଏ ଦୀର୍ଘାୟୁ ଏବଂ ସୁସ୍ଥ ଜୀବନ ଚାହାନ୍ତି ବିଶ୍ରାମକୁ ହେୟଜ୍ଞାନ କରିବା ଉଚିତ ନୁହେଁ।

**ଶାସ୍ତ୍ରୀନଗର, ଭୁବନେଶ୍ୱର**
**ମୋ: ୯୪୩୮୬୭୩୮୯୮**

## ଏଇ ଭାରତରେ

ମୁମ୍ବାଇର ୨୭ ବର୍ଷୀୟ ଇଲେକ୍ଟ୍ରୋନିକ୍ସ ଇଞ୍ଜିନିୟର କୌସ୍ତୁଭ ଧୋଣ୍ଡେ ସ୍ୱୟଂଚାଳିତ ଟ୍ରାକ୍ଟର ନିର୍ମାଣ କରିଛନ୍ତି। ଏହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ଓ ୫ଜି ଟେକ୍ନୋଲୋଜିରେ ଚାଲୁଛି। 'ଅଟୋନେକ୍ସଟ ଅଟୋମେଶନ' ଷ୍ଟାର୍ଟଅପ୍ ମାଧ୍ୟମରେ ଏହାକୁ ପ୍ରସ୍ତୁତ କରାଯାଇଛି। କୌସ୍ତୁଭଙ୍କ ଜନ୍ମ କୃଷକ ପରିବାରରେ। ପିଲାଦିନେ ସେ ଚାଷୀମାନଙ୍କ ସମସ୍ୟା ନିକଟରୁ ଦେଖିଛନ୍ତି। ତାଙ୍କ ଅଞ୍ଚଳରେ କୃଷକମାନେ ଟ୍ରାକ୍ଟର କିଣି ତାହାକୁ ବିକ୍ରି କରିବାର କାରଣ ଖୋଜି ସେ ଜାଣିବାକୁ ପାଇଥିଲେ ଯେ ସେମାନଙ୍କ ପାଇଁ ଡିଜେଲ ଦରବୃଦ୍ଧି ଓ ଟ୍ରାକ୍ଟର ଚଳାଇବା ଲାଗି ଚାଳକ ଖୋଜିବା ଥିଲା ବଡ଼ ସମସ୍ୟା। ଏଥିପାଇଁ ସେ ଇଞ୍ଜିନିୟରିଂ ପଢ଼ିବା ପରେ ୨୦୧୬ରେ 'ଅଟୋନେକ୍ସଟ ଅଟୋମେଶନ' ଷ୍ଟାର୍ଟଅପ୍ ଗଠନ କରି ଚାଳକବିହୀନ ଟ୍ରାକ୍ଟର ନିର୍ମାଣରେ ଲାଗିଥିଲେ। କେବଳ ଗୋଟିଏ ଫୋନ୍ ଆପ୍ ଜରିଆରେ କୃଷକ ଏହି ଟ୍ରାକ୍ଟରକୁ ସଞ୍ଚାଳନ କରିପାରିବେ। ଚାଳକ ଚାଳିତ ଡିଜେଲ ଟ୍ରାକ୍ଟର କ୍ଷେତରେ ଯାହା କାମ କରେ ତାହା ଏହା କରିପାରୁଛି। ଏହାର ବିଜ୍ଞାନଭିତ୍ତିକ ପରୀକ୍ଷା ସରିଛି। ଏହାକୁ ୨୦୨୪ ସୁଦ୍ଧା ଲଞ୍ଚ କରାଯିବା ଯୋଜନା ରହିଛି। ଏହି ଟ୍ରାକ୍ଟରରେ ଜଣେ କୃଷକର କ୍ଷତି ୪ଗୁଣ କମ୍ ହେବ ବୋଲି କହନ୍ତି କୌସ୍ତୁଭ।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଡିସେମ୍ବର ୧୯୯୭

- ଇଣ୍ଡୋନେସିଆର ସୁମାତ୍ରାଠାରେ ସିଲ୍‌କେୟାରର ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ବିମାନରେ ଯାତ୍ରା କରୁଥିବା ସମସ୍ତ ୧୦୪ ଯାତ୍ରୀ ମୃତ।
- ଦକ୍ଷିଣ କୋରିଆ ରାଷ୍ଟ୍ରପତି ଭାବେ ବିରୋଧୀଦଳ ପ୍ରାର୍ଥୀ ତଥା ନିଜକୁ ଜଣେ ଗାନ୍ଧିବାଦୀ ନେତା ବୋଲାଉଥିବା କିମ୍ ଦାଏ ଜଙ୍ଗ ନିର୍ବାଚିତ।
- ମଣିପୁରରେ କ୍ଷମତାସୀନ ମିଳିତ ସାମ୍ମୁଖ୍ୟରେ ଅଂଶୀଦାର ଥିବା ମଣିପୁର ପିପୁଲ୍ସ ପାର୍ଟିର ୩ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀଙ୍କ ରାଜ୍ୟ ମନ୍ତ୍ରିମଣ୍ଡଳରୁ ଇସ୍ତଫା।

## ପାଠକ ଶ୍ରେଷ୍ଠ ବିଚାରକ

### ଏସିଡ୍ ବିକ୍ରି ଉପରେ କଟକଣା ଲାଗୁହେଉ

ମହାଶୟ,

ଦିଲ୍ଲୀରେ ୧୭ ବର୍ଷୀୟା ଝିଅ ଉପରେ ୨ ଦୁର୍ବୃତ୍ତ ଏସିଡ୍ ଆକ୍ରମଣ କରିବା ଏକ ଦୁଃଖଦାୟକ ପ୍ରସଙ୍ଗ। ଏସିଡ୍ ଆକ୍ରମଣ ପୀଡ଼ିତାମାନଙ୍କୁ କେବଳ ସହାନୁଭୂତିପୂର୍ଣ୍ଣ ବାକ୍ୟ କିମ୍ବା ସ୍ୱାନ୍ତନାମୂଳକ ଅନୁକମ୍ପା ରାଶି ପ୍ରଦାନ ଦ୍ୱାରା ପ୍ରକୃତ ନ୍ୟାୟ ଦେଇହେବ ନାହିଁ। ସେଥିପାଇଁ ଭାରତୀୟ ଆଇନ ଧାରାରେ ପରିବର୍ତ୍ତନ ଆଣି ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବାକୁ ହେବ। ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ଅପରାଧୀମାନଙ୍କୁ ଆଇନ ଦଣ୍ଡ ଦେବ ତ ନିଶ୍ଚୟ, କିନ୍ତୁ ସରକାର ପୀଡ଼ିତାମାନଙ୍କୁ ଜୀବନଯାପନ ପାଇଁ ସମସ୍ତ ସୁବିଧା ସୁଯୋଗ ଦେବା ଆବଶ୍ୟକ। ସର୍ବଭାରତୀୟ ସ୍ତରରେ ଏସିଡ୍ ବିକ୍ରି ଉପରେ କଠୋର କଟକଣା ଲାଗିବା ଉଚିତ। ଏସିଡ୍ ବିକ୍ରେତାମାନେ କ୍ରେତାମାନଙ୍କର ପରିଚୟପତ୍ରର ଡାଟା ରଖିବା ଦରକାର। ଜଘନ୍ୟ ଏସିଡ୍ ଆକ୍ରମଣ ଆଧୁନିକ କୁତ୍ସିତ ଅପରାଧର ଭିନ୍ନ ଏକ ଅଧ୍ୟାୟ। ପ୍ରେମ ଓ ପ୍ରତାରଣା କାରଣରୁ ଏସିଡ୍ ଆକ୍ରମଣ ଏକ ହିଂସ୍ର ଅପରାଧ ଶ୍ରେଣୀର। ଏଥିରେ ବିଶେଷକରି ଅଧିକାଂଶ ଝିଅ ସେମାନଙ୍କ ପ୍ରକୃତ ରୂପ ଚେହେରା ହରାଇ ମାନସିକ କଷ୍ଟରେ ଦୁଃଖ ଯନ୍ତ୍ରଣାରେ ସାରା ଜୀବନ ବିତାଇଥାନ୍ତି।

**-ଅଶୋକ କୁମାର ଆଢ୍ୟ, ମରୀଚିକୋଟ୍ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁଁ ଯେ ବୁଝିଛି ଆକାଶ ବ୍ୟଥା
ଆଜି ଶୁଣିଛି ଦୂର ବାରତା
ତୁମେ ଦିଗ୍‌ବଳୟର କଜଳ ରଞ୍ଜି
ନ ଆସ ସୁନୀଲ ନସନା
ଆଜି ବଢ଼ିଛି ପରା ମୋ ବାସନା।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୨୦୨୪ ନିର୍ବାଚନରେ ଆମେ ଜିତିବୁ:ଖାର୍ଗେ

## କଂଗ୍ରେସ ନିମ୍ନ ସ୍ତରର ରାଜନୀତି କରୁଛି: ପୀୟୂଷ



ମଲ୍ଲିକାର୍ଜୁନ ଖାର୍ଗେ।

ନୂଆଦିଲ୍ଲୀ,୧୯।୧୨

କଂଗ୍ରେର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ଯାତ୍ରାରେ ଜନସମାଜ ଯୋଡି ହୋଇଛି । ରାହୁଲ ସବୁ ସମାଜକୁ ସାଙ୍ଗରେ ନେଇ ଚାଲୁଛନ୍ତି । ତେଣୁ ଲାଗୁଛି ୨୦୨୪ରେ ଲୋକ ସଭା ନିର୍ବାଚନ ଆମେ ଜିତିବୁ। ରାଜସ୍ଥାନର ଅଲୱାରରେ ସୋମବାର ଖବରଦାତାଙ୍କ ସହ କଥା ହେବା ବେଳେ ଖାର୍ଗେ ଏହା କହିଛନ୍ତି।

ଚାଇନାର ଚାଲାକିକୁ ନେଇ କେନ୍ଦ୍ରର ଭାଜପା ସରକାରଙ୍କ ଉପରେ ଖାର୍ଗେ ପ୍ରଶ୍ନ ଉଠାଇଛନ୍ତି । ସେ କହିଥିଲେ ଚାଇନା ଆକ୍ରମଣ କରୁଛି ହେଲେ ସରକାର ଏ ବିଷୟରେ ସହ ଚର୍ଚ୍ଚା କରିବାକୁ ବି ପ୍ରସ୍ତୁତ ନୁହେଁ । ସରକାର ଚାଇନାକୁ ନେଇ ଚର୍ଚ୍ଚା କରିବାକୁ କାହିଁକ ଭୟ କରୁଛନ୍ତି ବୋଲି ଖାର୍ଗେ ପ୍ରଶ୍ନ ଉଠାଇଛନ୍ତି। ସେ ଆହୁରି କହିଛନ୍ତି ଅରୁଣାଚଳ ପ୍ରଦେଶର ତୱାଙ୍ଗ ସେକ୍ଟରରେ ଏତେ ବଡ ଘଟଣା ଘଟିଲା ହେଲେ ପ୍ରତିରକ୍ଷା ମନ୍ତ୍ରୀ ଗୋଟିଏ ଫର୍ଦ୍ଦର ବୟାନ ଦେଲେ । ଚାଇନାକୁ ନେଇ ସରକାର କ'ଣ କରୁଛନ୍ତି ତାହା ଆମକୁ ସରକାର ଜଣାଇବା ଦରକାର । ଆମ ନେତା ଯେତେବେଳେ ଚାଇନା ପ୍ରସଙ୍ଗକୁ ନେଇ ପ୍ରଶ୍ନ ଉଠାଇଲେ ଓଲଟା ଭାଜପା ନେତା ଆମକୁ ଟାର୍ଗେଟ କରି ପ୍ରଶ୍ନ ପଚାରିଲେ । ମୁଁ କହୁଛି ରାହୁଲ ଗାନ୍ଧୀ ଆଉ କଂଗ୍ରେସ ଦେଶ ସହ ରହିଛନ୍ତି । ତେବେ ଚାଇନା ପ୍ରସଙ୍ଗରେ ସରକାର ମୂଷା ଭଳି ବ୍ୟବହାର କରୁଥିବା ଖାର୍ଗେ କହିଛନ୍ତି। ଅପରପକ୍ଷେ ଏହି ଘଟଣାରେ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲ କଂଗ୍ରେସ ଦଳକୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ଅତି ନିମ୍ନସ୍ତରର ରାଜନୀତି କରୁଥିବା ସେ ଅଭିଯୋଗ ଆଣିଛନ୍ତି। ସଂସଦ ପରିସରରେ ସୋମବାର ଗଣମାଧ୍ୟମକୁ କେନ୍ଦ୍ରମନ୍ତ୍ରୀ ପୀୟୁଷ କହିଛନ୍ତି, ଅରୁଣାଚଳ ଘଟଣାରେ ପ୍ରତିରକ୍ଷାମନ୍ତ୍ରୀ ତାଙ୍କ ବିବୃତ୍ତି ଦେଇ ସାରିଛନ୍ତି। ମାତ୍ର ବିରୋଧୀ ପକ୍ଷରୁ ଗୃହରେ ଆବଶ୍ୟକ ସମ୍ମାନ ପ୍ରଦର୍ଶନର ଅଭାବ ଦେଖାଯାଉଛି। ଯାହା ଏଭଳି ସ୍ତରରେ ପହଞ୍ଚିଛି ଯେ ସେମାନେ ସଂସଦର କାର୍ଯ୍ୟରେ କୌଣସି ନିୟମକୁ ବିଶ୍ୱାସ କରୁନାହାନ୍ତି ବୋଲି ପୀୟୁଷ କହିଛନ୍ତି।



ବିହାରର ଶେଓହାରରେ ସୋମବାର ଜନ ସୁରାଜ ଅଭିଯାନରେ ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର ଓ ଅନ୍ୟମାନେ।

# ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ସମବେଦନା ନାହିଁ : ଭାଜପା




ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

- ୨୧ରେ ୫୮ ସବ୍‌ଡିଭିଜନରେ ଉପଜିଲାପାଳଙ୍କୁ ଦେବ ସ୍ମାରକପତ୍ର
- ୨୨ରୁ ୨୮ ପର୍ଯ୍ୟନ୍ତ ବିଭିନ୍ନ ମଣ୍ଡି ପରିଦର୍ଶନ କରିବାକୁ ଯୋଜନା

ଓଡ଼ିଶା ଚାଷବହୁଳ ରାଜ୍ୟ। ଚାଷୀ ପରିବାର ଚଳାଇବା, ପିଲାଙ୍କୁ ପାଠ ପଢ଼ାଇବା, ବିବାହ-ବ୍ରତ ଇତ୍ୟାଦି ପାଇଁ ଧାନ ବିକ୍ରି କରିବା ଲାଗି ଏହି ସମୟକୁ ଅପେକ୍ଷା କରିଥାଏ । ଚାଷୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଲାଗି କେନ୍ଦ୍ରରେ ମୋଦି ସରକାର ୨୦୧୪ରୁ ପ୍ରତିବର୍ଷ ନିରନ୍ତର ଭାବେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଆସୁଛନ୍ତି। ବର୍ତ୍ତମାନ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୦୪୦ ଟଙ୍କାରେ ପହଞ୍ଚିଲାଣି । ଅନ୍ୟପଟେ ରାଜ୍ୟ ସରକାର ପ୍ରତି ମୁହୂର୍ତ୍ତରେ ଚାଷୀଙ୍କ ମାନସିକତା ଓ ଧୈର୍ଯ୍ୟକୁ ହତ୍ୟା କରିବା ଲାଗି ଜୋରସୋର ଉଦ୍ୟମ କରୁଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ଚାଷୀଙ୍କ ପାଇଁ ନ୍ୟାୟ ଦାବିରେ ଭାଜପା ପକ୍ଷରୁ ଆସନ୍ତା ୨୧ରେ ରାଜ୍ୟର ସମସ୍ତ ୫୮ଟି ସବ୍‌ଡିଭିଜନରେ ଉପଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯିବ । ସେହିପରି ଆସନ୍ତା ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ଭାଜପା କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ବିଭିନ୍ନ ଅଞ୍ଚଳର ମଣ୍ଡି ପରିଦର୍ଶନ କରିବେ। ରାଜ୍ୟ ସରକାର ଚାଷୀକୁଳ ହିତ ପାଇଁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ ନ କଲେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ବଡ଼ ଆନ୍ଦୋଳନ କରାଯିବ। ପ୍ରତିବର୍ଷ 'ରିକର୍ଣ୍ଣିଂ ରୋଗ' ଭଳି ମଣ୍ଡିର ଅବ୍ୟବସ୍ଥା ଓଡ଼ିଶା ପ୍ରଦେଶରେ ବ୍ୟାପକ ଭାବେ ବଢ଼ିଚାଲିଛି । ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ୧% ସମବେଦନା ନାହିଁ। ଚାଷୀ ପରିବାର ପାଇଁ ଯେଉଁ ସମ୍ମାନ ରହିବା କଥା ତାହା ଓଡ଼ିଶାରେ ନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ରାଜ୍ୟ ସରକାର ୧୫ ଦିନ ବିଳମ୍ବରେ ଧାନ ସଂଗ୍ରହ ପାଇଁ ମଣ୍ଡି ଖୋଲିଲେ। ପଦ୍ମପୁର ଉପନିର୍ବାଚନରେ ଭୋଟ ହାତେଇବା ଲାଗି ତରବରିଆ ଭାବେ ବରଗଡ଼ ଜିଲାରେ ମଣ୍ଡି ଖୋଲି ରାଜନୈତିକ ଚାଲ୍ ଖେଳିଥିଲେ। ଉପକୂଳ ଓଡ଼ିଶାରେ ଏପର୍ଯ୍ୟନ୍ତ ମଣ୍ଡି ଖୋଲା ଯାଇନାହିଁ। ଡିସେମ୍ବର ୧ରେ ମଣ୍ଡି ଖୋଲିବା କଥା କିନ୍ତୁ ଏ ପର୍ଯ୍ୟନ୍ତ ଖୋଲିଲା ନାହିଁ। ଧାନ କିଣି ସଂଗ୍ରହ କରି ରଖିବା ପାଇଁ ରାଜ୍ୟ ସରକାରଙ୍କ କିଛି ଯୋଜନା ନାହିଁ । ମଣ୍ଡି ଖୋଲିବା ବିଳମ୍ବ ହେବାରୁ ପଶ୍ଚିମ ଓଡ଼ିଶା ଚାଷୀ ଛତିଶଗଡ଼ ଓ ଉପକୂଳ ଓଡ଼ିଶା ଚାଷୀ ଆନ୍ଧ୍ରପ୍ରଦେଶକୁ ବାଧ୍ୟ ହୋଇ ଧାନ କୁଇଣ୍ଟାଲ ପ୍ରତି ମାତ୍ର ୧୨୫୦ ଟଙ୍କାରେ ବିକ୍ରି କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## ତେଲଙ୍ଗାନା କଂଗ୍ରେସରେ ହଇଚଇ

# ପ୍ରମୁଖ ପଦବୀରୁ ୧୨ ନେତାଙ୍କ ଇସ୍ତଫା

**ହାଇଦ୍ରାବାଦ,୧୯।୧୨:** ତେଲଙ୍ଗାନା କଂଗ୍ରେସରେ ଗୋଷ୍ଠୀବିବାଦ ସୋମବାର ତୀବ୍ର ରୂପ ଧାରଣ କରିଛି। ନିଜକୁ ମୂଳ କଂଗ୍ରେସ ବୋଲି ଦାବି କରୁଥିବା କେତେଜଣ ନେତା ୫ ବର୍ଷ ପୂର୍ବେ ଟିଡିପି ଛାଡ଼ି ଏହି ଦଳରେ ସାମିଲ ହୋଇଥିବା ନେତାଙ୍କୁ ବହିରାଗତ କହି ବିରୋଧ କରି ଆସୁଥିଲେ। ଏହି ବିରୋଧ ଦୀର୍ଘଦିନ ହେଲା ଲାଗିରହିଥିବାବେଳେ ସୋମବାର ତଥାକଥିତ ବହିରାଗତ ୧୨ ଜଣ ନେତା ରାଜ୍ୟ କଂଗ୍ରେସ କମିଟିର ବିଭିନ୍ନ ପଦବୀରୁ ଇସ୍ତଫା ଦେଇଛନ୍ତି। ଅନ୍ୟପକ୍ଷରେ ନିଜକୁ ମୂଳ କଂଗ୍ରେସ ବୋଲି ଦାବି କରୁଥିବା ନେତାମାନେ 'ହାତ ସେ ହାତ ଯୋଡ଼ୋ' ଯାତ୍ରା ପ୍ରସ୍ତୁତି ବୈଠକରୁ ଦୂରେଇ ରହିଛନ୍ତି। ୧୨ ଜଣ ନେତା ସେମାନଙ୍କ ମିଳିତ ଇସ୍ତଫାପତ୍ର ଏଆଇସିସି ରାଜ୍ୟ ପ୍ରଭାରୀ ମନିକାମ୍ ଟାଗୋରଙ୍କ ନିକଟକୁ ପଠାଇଦେଇଛନ୍ତି। ଅନୁଗତଙ୍କୁ ଅଣଦେଖା କରି ବହିରାଗତମାନଙ୍କୁ ଦଳରେ ବିଭିନ୍ନ ପଦପଦବୀରେ ରଖାଯାଉ ଥିବା ନେଇ ବରିଷ୍ଠ ନେତା ଏନ୍. ଉତ୍ତମ କୁମାର ରେଡ୍ଡୀ ଏବଂ ଭଟ୍ଟି ବିକ୍ରମର୍କା ଆପତ୍ତି ଉଠାଇଥିଲେ। ସେମାନେ କଂଗ୍ରେସ ବଞ୍ଚାଅ ଅଭିଯାନ ଆରମ୍ଭ କରିଥିଲେ। ମୂଳ କଂଗ୍ରେସ ବୋଲି ଦାବି କରୁଥିବା ନେତାମାନେ ତେଲଙ୍ଗାନା କଂଗ୍ରେସ କମିଟି ସଭାପତି ରେଭାନ୍ଥ ରେଡ୍ଡୀଙ୍କ ବିରୋଧୀ ହୋଇଥିବାବେଳେ ଇସ୍ତଫା ଦେଇଥିବା ୧୨ ଜଣ ନେତା ରେଭାନ୍ଥଙ୍କ ସପକ୍ଷବାଦୀ ଭାବେ ଜଣାଶୁଣା। ବରିଷ୍ଠ ନେତାମାନେ ଦଳର ହାତ୍ ସେ ହାତ୍ ଯୋଡ଼ୋ ଯାତ୍ରାରେ ଯୋଗ ଦେଇ ନ ଥିବାରୁ ଏନେଇ ଦଳ ହାଇକମାଣ୍ଡ ବିଚାର କରିବେ ବୋଲି ରେଭାନ୍ଥ କହିଛନ୍ତି।


**BERHAMPUR MUNICIPAL CORPORATION**

No. 15770 Date: 17.12.2022

**REQUEST FOR PROPOSAL**

Sealed quotations are invited from interested **Advertisement & Publicity or Event Management Agencies** to be reached by this office for **Conceptualising, Curating & Executing the SILK Fest 2023**. The detailed terms & conditions are available at our official website **www.berhampur.gov.in**. The last date of receipt of RFP in this office by **31.12.2022 by 02.00 P.M**. The bid will be opened on **31.12.2022 at 04.00 P.M.** in the office Chamber of undersigned.
The authority reserves the right to accept or reject any RFP without assigning any reason thereof.

Sd./- Commissioner
Berhampur Municipal Corporation

**ZILLA SWASTHYA SAMITI, RAYAGADA**
(UNDER NATIONAL HEALTH MISSION)

Adv. No. 8744/2022 Date: 17.12.2022

**REQUEST FOR PROPOSAL (RFP) FOR OUTSOURCING OF TECHNO MANAGERIAL PERSONNEL AT GOVT. HEALTH INSTITUTIONS**

No. E-740: ZSS Rayagada invites the Request for Proposals (RFP) from interested eligible bidders for selection of Agency for outsourcing of Techno Managerial Personnel on daily wage basis in different Govt. Health Institutions of Rayagada district. The interested bidders fulfilling the eligibility criteria may submit their proposals with EMD & documents as set forth in this RFP to the Office of CDM & PHO, Rayagada, At: Barijhola, P.O.: Rayagada, Dist.: Rayagada, PIN - 765002 through Speed Post/ Registered Post/Courier only on or before 05.01.2023 till 5 P.M. positively and the envelope containing the proposal should be superscripted clearly for outsourcing of Techno Managerial Personnel at different Govt. Health Institutions of Rayagada district. Interested bidders are requested to log on to district official website **www.rayagada.nic.in** for downloading the detail RFP with eligibility criteria etc. The technical proposal shall be opened on 06.01.2023 at 11 A.M. The undersigned reserves the right to reject any or all the proposals without assigning any reason thereof.

Sd./- CDM & PHO-cum-District Mission Director, Rayagada
OIPR-10035/11/0011/2223

**OFFICE OF THE DIVISIONAL FOREST OFFICER, ANGUL DIVISION**
At/P.O.: Angul, Dist.: Angul, Odisha - 766107
E-mail ID: dfoangul@gmail.com, dfo.angul@odisha.gov.in
Tel: 06671-224237

**NOTICE**

**Tender Inviting Notice for Fixation of Rate Contract for Supply for Various Type of Materials to Angul Forest Division on Annual Rate Contract Basis**

**Ref.: Tender Letter No. 9211/1F-2022 Dt.16th December, 2022**

No. MM-350: Divisional Forest Officer, Angul Division invites bids from the Manufacturers/Suppliers for fixation of Rate Contract for **Various Type of Materials to Angul Forest Division on Annual Rate Contract Basis**. Related to clothes, equipments, electronics, computer materials, stationary etc. under CAMPA and other Schemes.
**Date of Submission:**
Date of downloading/receiving of tender paper from website/division office: **Dt.19.12.2022 at 5.00 P.M**.
Date of closing of submission of Technical Bid & Financial Bid: **Dt.30.12.2022 at 5.00 P.M.**
Date of Opening of Tender Box: **Dt.31.12.2022 at 3.00 P.M.** in the O/o. the Divisional Forest Office, Angul Division.
For more information visit **http://www.angul.nic.in** or **http://www.odishaforest.in** district website.

Sd./- Divisional Forest Officer, Angul Division
OIPR-08027/11/0011/2223

obcc **Office of the General Manager, Bhubaneswar Infra Division**
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ (ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)
E-mail ID- bbsrdiv1@obcc.in

No.CAD-4172: **NOTICE INVITING AUCTION**
No. GM(BBSR INFRA)/2022-23/No.823 Date:19.12.2022

| Sl. No. | Name of Work | Bid Identification No. | Date of Availability in e-procurement portal | Last date and time of receipt of online bid | Period of Completion |
|---|---|---|---|---|---|
| 1 | Auction of unserviceable and scrap materials at Satyanagar, Bhubaneswar Infra Division, O.B. & C.C. Ltd. Bhubaneswar | 01/GM(BBSR INFRA)/ 2022-2023 | From 5.00 P.M. of Dt.20.12.2022 | Upto 5.00 P.M. of Dt.27.12.2022 | 1 Week (Seven Days) |
| 2. | Further details can be seen from e-Procurement Portal https://www.tendersodisha.gov.in | | | | |

Sd./-General Manager,
OIPR-34161/11/0033/2223 Bhubaneswar Infra Division, O.B.&C.C. Ltd., Bhubaneswar

**OFFICE OF THE PRINCIPAL, GOVERNMENT COLLEGE OF PHYSICAL EDUCATION TAMANDO, ODISHA, BHUBANESWAR-54**

**Tender Call Notice No.1589/Dt.16.12.2022**

Sealed tenders are invited from Manufacturer/Authorised dealers to supply of HP Desk Top sets for the use of the Staff and Students of Govt. College of Physical Education, Bhubaneswar for the financial year 2022-23.

**Term and Conditions**

1. The tenderer must have GST & PAN.
2. Must attach a self attested photocopy of GST Registration Certificate and PAN card alongwith the sealed tender.
3. The tender papers are available in the office of the undersigned on payment of Rs.250/- each in shape of cash.
4. The tender paper will be sold from dt.20.12.2022 to dt.27.12.2022 between 11.00 AM to 4.00 PM on the working days & last date for submission of tender documents is dt.30.12.2022 till 1.00 P.M.
5. The sealed tender will be opened on dt.30.12.2022 at 2.00 P.M. in the presence of the Proprietors or through their authorized representatives.
6. The tender paper received after due date and time shall be outrightly rejected.
7. The rate of items must include all the taxes & delivery charges if any.
8. The tenderers must submit the sample of the items at the time of opening of tender papers.
9. The undersigned reserves the right to accept or reject full or part of the tenders without assigning any reason thereof.

Sd./- Principal
Govt. College of Physical Education
Bhubaneswar

**OFFICE OF THE PRINCIPAL, GOVERNMENT COLLEGE OF PHYSICAL EDUCATION TAMANDO, ODISHA, BHUBANESWAR-54**

**Tender Call Notice No.1590/Dt.16.12.2022**

Sealed tenders are invited from Manufacturer/Authorised dealers to supply the Sports Uniforms for use of the Students of Govt. College of Physical Education, Bhubaneswar for the session 2022-23.

**Term and Conditions**

10. The tenderer must have GST & PAN.
11. Must attach a self attested photocopy of GST Registration Certificate and PAN card alongwith the sealed tender.
12. The tender papers are available in the office of the undersigned on payment of Rs.250/- each in shape of cash.
13. The tender paper will be sold from dt.20.12.2022 to dt.26.12.2022 between 11.00 AM to 4.00 PM on the working days & last date for submission of tender documents is dt.31.12.2022 till 1.00 P.M.
14. The sealed tender will be opened on dt.31.12.2022 at 2.00 P.M. in the presence of the Proprietors or through their authorized representatives.
15. The tender paper received after due date and time shall be outrightly rejected.
16. The rate of items must include all the taxes & delivery charges if any.
17. The tenderers must submit the sample of the items at the time of opening of tender papers.
18. The undersigned reserves the right to accept or reject full or part of the tenders without assigning any reason thereof.

Sd./- Principal
Govt. College of Physical Education
Bhubaneswar

**ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର, ଭୁବନେଶ୍ୱର**

**ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ପାଇଁ ପୁସ୍ତକ କ୍ରୟ ନିମନ୍ତେ ବିଜ୍ଞାପନ**

No. RR-46: ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ନିମନ୍ତେ ଆଗ୍ରହୀ ପୁସ୍ତକ ପ୍ରକାଶକ/ବିତରକମାନଙ୍କଠାରୁ ୨୦୨୨ ମସିହାରେ ପ୍ରକାଶିତ ନମୁନା ପୁସ୍ତକର ଏକ ଖଣ୍ଡ ସହିତ ନିମ୍ନଲିଖିତ ଫର୍ମରେ ଦରଖାସ୍ତ ତା୦୨।୦୧।୨୦୨୩ରିଖଠାରୁ ତା୧୧।୦୧।୨୦୨୩ରିଖ ମଧ୍ୟରେ (ସରକାରୀ ଛୁଟି ଦିବସ ବ୍ୟତୀତ) ଦିବା ୧୧ ଘଟିକାଠାରୁ ଅପରାହ୍ନ ୪ଘଟିକା ମଧ୍ୟରେ ଆହ୍ୱାନ କରାଯାଉଅଛି। ନମୁନା ପୁସ୍ତକ ସହିତ ପୂରଣ ହୋଇଥିବା ଫର୍ମ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ବୈଷୟିକ ସେବା ବିଭାଗରେ ଦାଖଲ ହେବ। ଆଗ୍ରହୀ ପୁସ୍ତକ ପ୍ରକାଶକ/ବିତରକ ପ୍ରାଧିକୃତ ସ୍ଥାନୀୟ ପୁସ୍ତକ ବିକ୍ରେତାଙ୍କ ମାଧ୍ୟମରେ ପୁସ୍ତକ ଦାଖଲ କରିବେ, ଯଦ୍ଦ୍ୱାରା ଚୟନ ହୋଇଥିବା ପୁସ୍ତକର ବିଲ୍ ସେମାନେ ପ୍ରସ୍ତୁତ କରିବା ସଙ୍ଗେସଙ୍ଗେ ଚୟନ ହୋଇ ନ ଥିବା ପୁସ୍ତକଗୁଡ଼ିକୁ ନିଜ ଖର୍ଚ୍ଚରେ ଫେରସ୍ତ ନେବେ। ହିତାଧିକାରୀଙ୍କ ନିର୍ଭୁଲ ବ୍ୟାଙ୍କ ବିବରଣୀ ଜାଣିବା ପାଇଁ ତାଙ୍କ ବ୍ୟାଙ୍କ ଖାତାର ପ୍ରଥମ ପୃଷ୍ଠା କିମ୍ବା ବ୍ୟାଙ୍କ ଚେକ୍‌ର ଏକ ଫଟୋ ନକଲ ଦେବାକୁ ହେବ। ଧାର୍ଯ୍ୟ ତାରିଖ ପରେ ଦାଖଲ ହୋଇଥିବା ପୁସ୍ତକ କିମ୍ବା ନିମ୍ନୋକ୍ତ ଫର୍ମର କୌଣସି ସୂଚନା ଅପୂରଣୀୟ ଥିଲେ କିମ୍ବା ଉପରୋକ୍ତ କାଗଜାତ ଦାଖଲ ହୋଇ ନ ଥିଲେ, ଦାଖଲ ହୋଇଥିବା ପୁସ୍ତକ ବିଚାରକୁ ନିଆଯିବ ନାହିଁ। ପୁସ୍ତକ ଚୟନ ସମ୍ବନ୍ଧୀୟ ସମସ୍ତ ନିଷ୍ପତ୍ତି ନେବାକୁ ଚୟନ କମିଟି ହକ୍‌ଦାର ଏବଂ ଏହି କମିଟି ଦ୍ୱାରା ଚୟନ ହୋଇଥିବା ପୁସ୍ତକ ଚୂଡ଼ାନ୍ତ ଅଟେ।

**ଦରଖାସ୍ତର ନମୁନା ଫର୍ମ**

| କ୍ର.ନଂ. | ପୁସ୍ତକର ନାମ | ଲେଖକ | ପ୍ରକାଶକ | ସଂସ୍କରଣ | ଗ୍ରନ୍ଥ ଖଣ୍ଡ | ପ୍ରକାଶନ ବର୍ଷ | ମୂଲ୍ୟ | ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ବ୍ୟାଙ୍କ ଶାଖା, ଆକାଉଣ୍ଟ ନଂ. ଓ ଆଇ.ଏଫ୍.ଏସ୍. କୋଡ୍ | ମୋବାଇଲ ନଂ. |
|---|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) | (୧୦) |

ପୁସ୍ତକ ଦାଖଲକାରୀଙ୍କ ସ୍ୱାକ୍ଷର

ତାରିଖ:

ସ୍ୱା./- ନିର୍ଦ୍ଦେଶକ
ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର
ୟୁନିଟ୍ - ୪, ଭୁବନେଶ୍ୱର - ୭୫୧୦୦୧

OIPR-03016/11/0002/2223

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ, ୨ୟ ମହଲା, ଶ୍ରୀମା କନଷ୍ଟ୍ରକ୍ସନ୍ ବିଲ୍ଡିଂ, ସା/ପୋ: ମଧୁପାଟଣା, କଟକ, ଓଡ଼ିଶା, ପିନ୍-୭୫୩୦୧୦

**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ) ରୁଲ୍-୮(୧)

**ସରଫେଶୀ ଆକ୍ଟ ୨୦୦୨ ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତାମାନଙ୍କୁ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ, ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ସେମାନଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ଆକାଉଣ୍ଟର ସମ୍ପତ୍ତିକୁ ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣମାନଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଖର୍ଚ୍ଚ ଓ ଆଇନଗତ ଦେୟ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ,ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: (୧) ଶ୍ରୀମତୀ ଆରତୀ ରାଉତ,** ସ୍ୱା: ୰ ଜୟଦେବ ରାଉତ, **(୨) ଶ୍ରୀ କୌଶିକ ରାଉତ,** ପିତା: ୰ ଜୟଦେବ ରାଉତ, ଉଭୟଙ୍କ ଠିକଣା ସା: ଶଙ୍କରପୁର (ବାରିକସାହି), ପୋ: ଅରୁଣୋଦୟ ମାର୍କେଟ, ଲିଙ୍କ ରୋଡ଼, ଜିଲ୍ଲା: କଟକ, ପିନ୍-୭୫୩୦୧୨, ଓଡ଼ିଶା | **ଶ୍ରୀମତୀ ଆରତୀ ରାଉତ,** ସ୍ୱା: ୰ ଜୟଦେବ ରାଉତ ଏବଂ **ଶ୍ରୀ କୌଶିକ ରାଉତ,** ପିତା: ୰ ଜୟଦେବ ରାଉତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: କଟକ, ଡି.ଏସ୍.ଆର୍.ଓ.: କଟକ, ତହସିଲ: କଟକ ନଂ.: ୨୨୯, ଥାନା: ମଧୁପାଟଣା ନଂ.: ୩, ମୌଜା: କଟକ ସହର, ୟୁନିଟ୍ ନଂ.: ୩୩, ବିସିନାବର, ଖାତା ନଂ.: ୧୦୫୭, ପ୍ଲଟ୍ ନଂ.: ୧୩୫୬/୩୦୪୪, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ: ୨୯୫୯ ଏବଂ ୧୩୫୭, ପଶ୍ଚିମ: ପ୍ରସ୍ତାବିତ ରାସ୍ତା, ଉତ୍ତର: ପ୍ଲଟ୍ ନଂ.: ୧୩୬୧, ଦକ୍ଷିଣ: ପ୍ଲଟ୍ ନଂ.: ୧୩୫୬ | ୩୦.୦୭.୨୦୨୨ | ୧୯.୧୨.୨୦୨୨ | ୩୦.୦୭.୨୦୨୨ ସୁଦ୍ଧା ଟ.୩୩,୮୨,୦୪୪/- + ୩୧.୦୭.୨୦୨୨ ଠାରୁ ସେବାବଦ ପରବର୍ତ୍ତୀ ସୁଧ ଏବଂ ଆଇନଗତ ଖର୍ଚ୍ଚ ଇତ୍ୟାଦି |

ସ୍ଥାନ : କଟକ
ତାରିଖ : ୧୯.୧୨.୨୦୨୨

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ DHARITRI
ମଙ୍ଗଳବାର, ୨୦ ଡିସେମ୍ବର, ୨୦୨୨

## ସୁନା ଦୋକାନରୁ ଚୋରି

ବାସୁଦେବପୁର,(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ସହର କଲେଜ ରୋଡ୍‌ରେ ଥିବା ଚନ୍ଦନ ଜୁଏଲେରୀ ଓ ୱାର୍କସପ୍ ନାମକ ଗହଣା ଦୋକାନରୁ ରବିବାର ଚୋରି ହୋଇଛି। ଚୋରମାନେ ଆଜବେଷ୍ଟସ ତାଡ଼ି ସୁନା ଅଳଙ୍କାର ଚୋରି କରି ନେଇଯାଇଥିବା ଦୋକାନୀ ବାପୁନୁ ଖଟୁଆ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଚୋରଙ୍କୁ ଠାବ କରିପାରି ନାହିଁ। ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ଦୋକାନୀ ଖଟୁଆ ଏତଲାରେ ଉଲ୍ଲେଖ କରିଛନ୍ତି।



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଲଙ୍ଗଳେଶ୍ୱର/ ରୂପସା,୧୯।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ତାଡ଼ଦା ଗ୍ରାମସ୍ଥିତ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ଚଢ଼ି ମରାମତି କରୁଥିବା ବେଳେ ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସେହି ଗ୍ରାମର ସୂର୍ଯ୍ୟକାନ୍ତ ବିଶ୍ୱାଳ। ସୂଚନା ଅନୁଯାୟୀ, ସୋମବାର ଅପରାହ୍ନରେ ସୂର୍ଯ୍ୟକାନ୍ତ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ଚଢ଼ି ମରାମତି କରୁଥିବା ବେଳେ, ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଟ୍ରାନ୍ସଫର୍ମର ଉପରେ ତାଙ୍କର ମୃତଦେହ ଝୁଲି ରହିଥିଲା। ସିଂଲା ପୋଲିସ ପହଞ୍ଚି ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହାୟତାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୮/୨୨) ରୁଜୁ ହୋଇଛି। ତେବେ ସେ କାହିଁକି ଟ୍ରାନ୍ସଫର୍ମର ଉପରକୁ ଉଠିଥିଲେ ଏବଂ ତାଙ୍କୁ କିଏ କହିଥିଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

### ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

ବାହାନଗା,୧୯।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକ ନୂଆପୁର ଗ୍ରାମର ଶିବ ଓ ହନୁମାନ ମନ୍ଦିର ପରିସରରେ ବୃଦ୍ଧାବୃଦ୍ଧମାନଙ୍କୁ ସାମାଜିକ କର୍ମୀ ମଣିଆ ମଲିକ କମ୍ବଳ ବଣ୍ଟନ କରିଛନ୍ତି। ଜିଲା ଜରୁରିକାଳୀନ ଅଧିକାରୀଙ୍କଠାରୁ ସେ ୩୦ ଖଣ୍ଡ କମ୍ବଳ ଆଣି ଗ୍ରାମର ଲୋକମାନଙ୍କୁ ବଣ୍ଟନ କରିଛନ୍ତି। ସେହିପରି ଚିତ୍ତଳ ପଞ୍ଚାୟତ ଅନ୍ତର୍ଗତ ୧୩ଟି ୱାର୍ଡରେ ଗରିବ ମହିଳା ପୁରୁଷମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ପୂର୍ବତନ ସରପଞ୍ଚ ଗୋଲକ ପୁହାଣଙ୍କ ନେତୃତ୍ୱରେ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିରେ ସରପଞ୍ଚ ଗଜେନ୍ଦ୍ର ମହାଲିକ, ସମିତିସଭ୍ୟ ଶମ୍ଭୁନାଥ ସେଠୀ, ବୁଧୁରାମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଅନ୍ୟାନ୍ୟ ପଛୁଆବର୍ଗ ମଞ୍ଚର ଆଲୋଚନାଚକ୍ର

କୁଳିଅଣା,୧୯।୧୨(ସ୍ୱ.ପ୍ର): ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ୍ ଗୌଡ଼ଗୁମା ପଞ୍ଚାୟତ କୁଳିପାଳ ଗ୍ରାମଠାରେ ମଙ୍ଗୁଲୁ କରଙ୍କ ଆବାହକତ୍ୱରେ ଅନ୍ୟାନ୍ୟ ପଛୁଆବର୍ଗ ମଞ୍ଚର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସମ୍ପାଦକ ରବିନ ଦଣ୍ଡପାଟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନ୍ୟାନ୍ୟ ପଛୁଆ ପିଲାମାନଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ଆପାତତ ବ୍ଲକ୍‌ସ୍ତରରେ ଏକ ଆବାସିକ ବିଦ୍ୟାଳୟ ତଥା ରୋଜଗାର ଓ ରାଜନୈତିକ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରାଯିବା ସପକ୍ଷରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସଦାନନ୍ଦ, ଅଭିଷେକ ଗିରି ସମିରରଞ୍ଜନ ପ୍ରଧାନ, ମିରାରାନୀ କର ନିଜନିଜର ମତ ରଖିଥିଲେ। ଶେଷରେ ସୁଦର୍ଶନ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

### ୩ ଶହ ରୋଗୀଙ୍କ ଚିକିତ୍ସା

ବାସୁଦେବପୁର, ୧୯।୧୨(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ନଗର କଂଗ୍ରେସ କମିଟି ଓ ଆନ୍ତର୍ଜାତିକ ମାନବାଧିକାର ସୁରକ୍ଷା ପରିଷଦର ମିଳିତ ସହଯୋଗରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବିଭାଗରେ ୩ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କଂଗ୍ରେସ ନେତା ଅଶୋକ କୁମାର ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ନଗର କଂଗ୍ରେସ ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, ସାମାଜିକ କର୍ମୀ ଶୁଭେନ୍ଦୁ ଭୂଷଣ ବେହେରା, ପରିଷଦର କାର୍ଯ୍ୟକାରୀ ସଭାପତି ତାରିଣୀସେନ ସାହୁ, ଉପସଭାପତି ଦୁର୍ଯ୍ୟୋଧନ ସାହୁ, ଜିଲା ପରିଷଦ ସଦସ୍ୟ ସୁବ୍ରତ ସିଂଙ୍କ ସମେତ ଶ୍ରୀକାନ୍ତ ମହାପାତ୍ର, ଆରତି ମହଲ, ନଗର ଯୁବ କଂଗ୍ରେସ ସଭାପତି ସୁଶାନ୍ତ ମହାକୁଡ ଓ ବିଭିନ୍ନ ୱାର୍ଡ କାଉନସିଲର ଯୋଗ ଦେଇଥିଲେ।

# ତ୍ରୁଟିପୂର୍ଣ୍ଣ ମାର୍କିଂକୁ ନେଇ ପୁଣି ଛାତ୍ର ଅଶାନ୍ତି

**ବାରିପଦା ଅଫିସ,୧୯।୧୨**

ବାରିପଦା ତକତପୁର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟରେ ତ୍ରୁଟିପୂର୍ଣ୍ଣ ମାର୍କିଂକୁ ନେଇ ପୁନର୍ବାର ଛାତ୍ର ଅଶାନ୍ତି ଦେଖାଦେଇଛି। ପ୍ରତିଶ୍ରୁତି ମୁତାବକ ସମାଧାନ କରାଯାଇ ନ ଥିବାରୁ ଛାତ୍ରୀଛାତ୍ରମାନେ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ପୂର୍ବକ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। ସିଲାବସ ଅନୁଯାୟୀ ପ୍ରଶ୍ନପତ୍ର ପଡ଼ି ନ ଥିବାରୁ ଶତାଧିକ ବିଦ୍ୟାର୍ଥୀ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ବେଳେ ଗ୍ରେସ୍ ମାର୍କ ଦେଇ ଏହାର ସମାଧାନ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଉତ୍ତ୍ୟକ୍ତ ଛାତ୍ରୀଛାତ୍ରମାନେ କଡ଼ା ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, +୩ ଦ୍ୱିତୀୟ ବର୍ଷର ତୃତୀୟ ସେମିଷ୍ଟାର ପରୀକ୍ଷାରେ ଜିଲାର ଅନେକ ମହାବିଦ୍ୟାଳୟର ୯୦ ପ୍ରତିଶତ ଛାତ୍ରୀଛାତ୍ର ଇଂରାଜୀ ବିଷୟରେ କୃତକାର୍ଯ୍ୟ ହୋଇପାରି ନାହାନ୍ତି। ଉକ୍ତ ପରୀକ୍ଷାରେ ସିଲାବସ ଅନୁଯାୟୀ ପ୍ରଶ୍ନପତ୍ର ପଡ଼ି ନ ଥିବା ବେଳେ ବାହାରୁ ପ୍ରଶ୍ନ ଆସିଥିଲା। ଯାହାକୁ ନେଇ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇ ନ ଥିବାରୁ ପରୀକ୍ଷାରେ ଫେଲ ହୋଇଥିଲେ। ଏ ନେଇ ଗତ ୧୨ତାରିଖରେ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଗ୍ରେସ୍ ନମ୍ବର ଦେଇ ସମସ୍ତଙ୍କୁ ପାସ କରାଇବାକୁ ଛାତ୍ରୀଛାତ୍ରମାନେ ଭାରପ୍ରାପ୍ତ କୁଳପତିଙ୍କ ନିକଟରେ ଦାବି କରିଥିଲେ । ଏହାର ସମାଧାନ ଦିଗରେ ଯାଞ୍ଚ କରାଯାଇ ୭ଦିନ ମଧ୍ୟରେ ସମାଧାନ କରିବାକୁ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ତେବେ ସମୟ ଅବଧି ବିତି ଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମୁଖ୍ୟ ଫାଟକ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତେବେ ଆଗକୁ ତ୍ରୁଟିପୂର୍ଣ୍ଣ ମାର୍କିଂର ସମାଧାନ ନ ହେଲେ ଛାତ୍ରୀଛାତ୍ରମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଶୁଭମ ପାଣି, ଶଙ୍କର୍ଷଣ ପଣ୍ଡା, ଜ୍ୟୋତିର୍ମୟୀ ପାଣ୍ଡେ, ଡଲିରାଣୀ ଗିରି, ଦେବସ୍ମିତା ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

**ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ**



ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

# ୨୨ରେ ବାଲେଶ୍ୱର ଆସିବେ ମୁଖ୍ୟମନ୍ତ୍ରୀ



ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ ସଭାସ୍ଥଳ ବୁଲି ଦେଖୁଛନ୍ତି।

**ବାଲେଶ୍ୱର ଅଫିସ,୧୯।୧୨**

ଆସନ୍ତା ୨୨ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଗସ୍ତରେ ଆସିବେ। ବିଭିନ୍ନ ବିଭାଗର ଉନ୍ନତିମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ବାଲେଶ୍ୱର ପୋଲିସ ରିଜର୍ଭ ପଡ଼ିଆରେ ଅବତରଣ କରି ଆୟୋଜିତ ସମାବେଶରେ ଜିଲାବାସୀଙ୍କୁ ଉଦ୍‌ବୋଧନ ଦେବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲାପ୍ରଶାସନ ପକ୍ଷରୁ ତତ୍ପରତା ଦେଖିବାକୁ ମିଳିଛି। ସୋମବାର ରାଜ୍ୟ କ୍ଷୁଦ୍ର, ମଧ୍ୟମ ଓ ଲଘୁ ଉଦ୍ୟୋଗ ତଥା ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଜିଲାରେ ପହଞ୍ଚି ସମାବେଶ ସ୍ଥଳ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ମନ୍ତ୍ରୀଙ୍କ ସହ ଜିଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଉପସ୍ଥିତ ଥିଲେ। ଏନେଇ ମନ୍ତ୍ରୀ ପ୍ରତାପ କେଶରୀ କହିଛନ୍ତି ଯେ, ସମଗ୍ର ଜିଲାର ୮ଟି ନିର୍ବାଚନମଣ୍ଡଳୀର ୧୨ଟି ବ୍ଲକ ଅଛି। ଏହି ସବୁ ବ୍ଲକ ଅଞ୍ଚଳରେ ୧ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶିଳାନ୍ୟାସ କରାଯିବ। ଯାହା ନବବର୍ଷରେ ବାଲେଶ୍ୱରବାସୀଙ୍କ ପାଇଁ ଭେଟି ସଦୃଶ ହେବ ବୋଲି ମନ୍ତ୍ରୀ କହିଥିଲେ।

# ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି



ଶିବିରରେ ଉପସ୍ଥିତ ଅଧିକାରୀମାନେ।

**ଭଣ୍ଡାରିପୋଖରୀ, ୧୯।୧୨ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ଚରଣ ସିଂ ମୀନା ଏଥିରେ ଯୋଗଦେଇ ସମୁଦାୟ ୫୩ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୪୩ଟି ବ୍ୟକ୍ତିଗତ ଓ ୧୦ ସାମୂହିକ ସମସ୍ୟାଭିତ୍ତିକ ଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ସମ୍ବନ୍ଧୀୟ ୨ଟି ଅଭିଯୋଗ ଆଧାରରେ ଜଣଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲାପାଳ ମଞ୍ଜୁର କରିଥିଲେ। ଗୋଟିଏ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଉପଜିଲାପାଳ ମନୋଜ ପାତ୍ର, ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ଏସ୍‌ଡିଓ କୁଶଳ ଚନ୍ଦ୍ର ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ। ଜିଲା ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ସହାୟକ ଜିଲାପାଳ ବସନ୍ତ କୁମାର ଲେଙ୍କା ଅଭିଯୋଗ ଉପସ୍ଥାପନରେ ସହଯୋଗ କରିଥିଲେ।

# ତୀର୍ଥଯାତ୍ରା ପାଇଁ ବରିଷ୍ଠ ନାଗରିକଙ୍କ ଦରଖାସ୍ତ ଆହ୍ୱାନ

**କେନ୍ଦୁଝର,୧୯।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ବରିଷ୍ଠ ନାଗରିକଙ୍କ ପାଇଁ ସରକାର ତୀର୍ଥସ୍ଥାନ ଭ୍ରମଣ ପାଇଁ ବ୍ୟବସ୍ଥା କରାଯାଇଛି। ହରିଦ୍ୱାର ଓ ଋଷିକେଶ ଭ୍ରମଣ ପାଇଁ କେନ୍ଦୁଝର ଜିଲାର ବରିଷ୍ଠ ନାଗରିକଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ୬୦ ରୁ ୭୫ ବର୍ଷ ବୟସ୍କ ମହିଳା ଓ ପୁରୁଷମାନେ ଏହି ସୁବିଧା ପାଇପାରିବେ। ତେବେ ୭୦ ରୁ ୭୫ ବର୍ଷ ନାଗରିକଙ୍କ ସହିତ ୧୮ ବର୍ଷରୁ ଊର୍ଦ୍ଧ୍ୱ ଜଣେ ବ୍ୟକ୍ତି ସହାୟକ ଭାବରେ ଯାଇ ପାରିବେ ବୋଲି କୁହାଯାଇଛି। ବରିଷ୍ଠ ନାଗରିକମାନେ ସହାୟକଙ୍କ ପାଇଁ ଗ୍ରସ୍ତ ଖର୍ଚ୍ଚର ୫୦ ପ୍ରତିଶତ ରାଶି ସହିତ ଆବେଦନ କରିବାକୁ ହେବ। ସେମାନଙ୍କ ଯାତାୟତ, ଖାଇବା ପିଇବା ଓ ରହଣୀ ବ୍ୟବସ୍ଥା ସରକାରଙ୍କ ତରଫରୁ କରାଯାଇଛି। ଆବେଦନକାରୀ ଶାରୀରିକ ଓ ମାନସିକ ସୁସ୍ଥ ରହିବା ସହ କୌଣସି ସଂକ୍ରମଣ ରୋଗରେ ଆକ୍ରାନ୍ତ ହୋଇ ନ ଥିବେ ବୋଲି ସୂଚନା ଦିଆଯାଇଛି। ଆବେଦନ ଫର୍ମ ୨୯ ଡିସେମ୍ବର ୨୦୨୨ ସୁଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ ବୋଲି ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାଏକ କହିଛନ୍ତି।

# ଅରୁଣଙ୍କୁ ନୀରଦପ୍ରଭା ଗୀତିକବି ସମ୍ମାନ

**ଭଦ୍ରକ ଅଫିସ, ୧୯।୧୨**

କୃଷିକବି ଭାବେ ସାରା ରାଜ୍ୟରେ ପରିଚିତ ଚାନ୍ଦବାଲି ବ୍ଲକର କୃଷି ଅଧିକାରୀ ଅରୁଣ କୁମାର ପାତ୍ରଙ୍କୁ ନୀରଦପ୍ରଭା ଗୀତିକବି ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଛି। କଟକର ଓଡ଼ିଆ ଗୀତିକବି ସମାଜ ପକ୍ଷରୁ ରବିବାର ଶତାବ୍ଦୀ ଭବନରେ ଅନୁଷ୍ଠିତ ୩୦ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ଓ ଅନ୍ୟତମ ଅତିଥି ଡ. ସଙ୍ଗୀତା ରଥ ତାଙ୍କୁ ସମ୍ମାନିତ କରିଥିଲେ।

କୃଷିକବି ପାତ୍ରଙ୍କର କୃଷି ସମ୍ବନ୍ଧୀୟ ଅନେକ ଗୀତି କବିତା ଓ ଢଗଢମାଳି ପାଠକଙ୍କୁ ଆକୃଷ୍ଟ କରିଛି। 'ଭାବଗତ ଛନ୍ଦେ କୃଷି ବିଜ୍ଞାନ', 'ଅରୁଣ କୃଷି ବଚନ', 'କୃଷି ବୋଲି- ହୋ ଚାଷୀ ଭାଇ ହୋ', 'ଓଡ଼ିଆ ସାହିତ୍ୟରେ ନୂତନ ଢଗଢମାଳି', 'କୃଷି ଚଉତିଶା ଓ କୃଷି ଚାଳିଶା' ଆଦି ୩୦ରୁ ଊର୍ଦ୍ଧ୍ୱ ପୁସ୍ତକ ସେ ରଚନା କରିଛନ୍ତି। ଜଣେ କୃଷି କବି ଓ ଆକାଶବାଣୀର ଗୀତିକାର ଭାବେ ସେ ସାରା ଓଡ଼ିଶାରେ ସୁନାମ ଅର୍ଜନ କରିଛନ୍ତି। ପ୍ରକାଶଥାଉ କି, ଆକାଶବାଣୀର ଜଣେ ବରିଷ୍ଠ ଗୀତିକାର ଭଦ୍ରକ ଜିଲାର ପୀତାମ୍ବର ମିଶ୍ର ମଧ୍ୟ ଅତୀତରେ ଓଡ଼ିଆ ଗୀତିକବି ସମାଜ ଦ୍ୱାରା ପୁରସ୍କୃତ ହୋଇଥିଲେ।



କୃଷିକବି ଅରୁଣ ପାତ୍ରଙ୍କୁ ସମ୍ମାନିତ କରାଯାଉଛି।

# ପ୍ରତିଭା ଦେଖାଇଲେ ୮୬ ଛାତ୍ରୀଛାତ୍ର

**ଢେଙ୍କିକୋଟ,୧୯।୧୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ତରଫରୁ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଘଟଗାଁ ବ୍ଲକ୍‌ର ୧୩ ହାଇସ୍କୁଲର ୮୬ ଛାତ୍ରୀଛାତ୍ର ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଆବୃତ୍ତି, ଗଳ୍ପଲିଖନ, ଏକକ ଅଭିନୟ, ଏକକ ନୃତ୍ୟ, ସାଧାରଣ ଜ୍ଞାନ ଓ କୁଇଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ପ୍ରତିଭା ଦେଖାଇଥିଲେ। ଉତ୍ସବରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦୁଇ ଜଣ ଜିଲାସ୍ତରୀୟ ଶିଶୁ ଉତ୍ସବକୁ ମନୋନୀତ ହୋଇଛନ୍ତି।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଓଷ୍ଟା ସମ୍ପାଦକ କାହ୍ନୁଚରଣ ସାମଲ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ କୂଳମଣି ମଣ୍ଡଳ, ସମ୍ମାନନୀୟ ଅତିଥି ଭାବେ ଓଷ୍ଟାର ସହ ସମ୍ପାଦକ ଜ୍ଞାନେନ୍ଦ୍ର ଦେଓ, ଘଟଗାଁ ବ୍ଲକ୍ ଓଷ୍ଟା ସମ୍ପାଦକ ମନୋଜ ପଣ୍ଡା, ଜିଲା ଓଷ୍ଟା ସମ୍ପାଦକ ପ୍ରଶାନ୍ତ ମିଶ୍ର, ପ୍ରଧାନଶିକ୍ଷକ ଭକ୍ତବନ୍ଧୁ ନାୟକ, ସରପଞ୍ଚ ଖଇର ନାଏକ, ନୃସିଂହନାଥ ସିଂହ, ଖବରଦାତା ନୀଳମଣୀ ମଣ୍ଡଳ ଯୋଗଦେଇଥିଲେ। ରାଜ୍ୟ ଓଷ୍ଟା ସହ ସମ୍ପାଦକ ରଘୁନାଥ ବେହେରା ସଭା ପରିଚାଳନା କରିଥିବା ବେଳେ ଜ୍ଞାନେନ୍ଦ୍ର ଦେଓ ଅତିଥି ପରିଚୟ ପ୍ରଦାନ କରିଥିଲେ।



ମଞ୍ଚରେ ଉପସ୍ଥିତ ଅତିଥିମାନେ।

**ଓଷ୍ଟାର ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ**

# ସୀମାନ୍ତ ଯୁବ ମହୋତ୍ସବ ଉଦ୍‌ଯାପିତ

**ସାରସକଣା,୧୯।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍ ଝାରପୋଖରିଆ ଦୁର୍ଗାପୂଜା ପଡ଼ିଆରେ ୩ ଦିନ ଧରି ଚାଲିଥିବା ସୀମାନ୍ତ ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଝାଡ଼ଖଣ୍ଡ ରାଜ୍ୟର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦୀନେଶ ଷଡ଼ଙ୍ଗୀ, ଶିକ୍ଷାବିତ୍ ତଥା କବି ଅମିତାଭ ମିଶ୍ର ଯୋଗଦେଇଥିଲେ। ଯୁବ ସମିତି ସଭାପତି ଅଶୋକ ପୃଷ୍ଟିଙ୍କ ସଭାପତିତ୍ୱରେ ଏମ୍‌ପି ଷଡ଼ଙ୍ଗୀ, ବିଧାୟକ ଡା. ବୁଢ଼ାନ ମୁର୍ମୁ, ଜୀବନ ସାହୁ, ମହାରାଣୀ ରାଜଲକ୍ଷ୍ମୀ ଭଞ୍ଜଦେଓ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ବାସୁଦେବ ପାତ୍ର ବିବରଣୀ ପାଠ କରିଥିବା ବେଳେ ପ୍ରଫେସର ଡ. ସରୋଜ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାର ପ୍ରସାର ପାଇଁ ଜୟନ୍ତ ପାଲଙ୍କୁ ମହାରାଣୀ ପରେଶ ବସା ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ। ସରପଞ୍ଚ ଲୋକେଶ୍ୱର ନାଏକ, ମୋଟର ଚାଳକ ସଂଘ ସଭାପତି ମହେଶ୍ୱର ମହାନ୍ତ, ଯୁବ ଉଦ୍ୟୋଗୀ ଅଶ୍ୱିନୀ ମହାନ୍ତ, ଯୁବ କବୟିତ୍ରୀ ତମନ୍ନା ନନ୍ଦ, ଶିକ୍ଷକ ହେମନ୍ତ ଜେନା, ସାଇରାମ ମହାନ୍ତ, ବ୍ରିଗେଡ୍ ସ୍କୁଲ ଅଧ୍ୟକ୍ଷ ସାଇକୃପା ଜେନା, ପ୍ରଧାନ ଆଚାର୍ଯ୍ୟ ଅରବିନ୍ଦ ମହାକୁଡ଼, ଉତ୍ତମ ଚିତ୍ରୋଳନ ପାଇଁ ହେମନ୍ତ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ମଞ୍ଚ ନିକଟରେ ରାଷ୍ଟ୍ରପତିଙ୍କ ବାଲୁକା ପ୍ରତିମୂର୍ତ୍ତି କରିଥିବା ବାଲୁକାଶିଳ୍ପୀ ସମୀର ପାତ୍ରଙ୍କୁ ଏମ୍‌ପି ଓ ମହାରାଣୀ ପ୍ରଶଂସା କରିଥିଲେ। ଶେଷରେ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ୨୦୦ ଟଙ୍କାର ହିସାବ ମିଳୁନି

**ହାଟଡିହୀ,୧୯।୧୨(ଡି.ଏନ.ଏ.)**

- ବ୍ଲକ କଳା ସଂସ୍କୃତି ସଂଘ ଅନୁଦାନ ଖର୍ଚ୍ଚ
- ୧୩୨ ଟଙ୍କା ପାଇଁ ପିଇଓଙ୍କୁ ନୋଟିସ ହୋଇଥିଲା

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କଳା ସଂସ୍କୃତି ସଂଘକୁ ଆସିଥିବା ଅନୁଦାନ ଏବଂ ଉକ୍ତ ଅନୁଦାନର ଖର୍ଚ୍ଚରୁ ୨୦୦ ଟଙ୍କାର ହିସାବ ମିଳୁନି। ଖର୍ଚ୍ଚ ସମ୍ପର୍କିତ ରିପୋର୍ଟକୁ ଦେଖିଲେ ଏ କଥା ସ୍ପଷ୍ଟ ହୋଇଛି। ୨୦୦ ଟଙ୍କା ବଡ଼ କଥା ହୋଇ ନ ପାରେ କିନ୍ତୁ ଅନ୍ୟପକ୍ଷେ ବ୍ଲକ କଳା ସଂସ୍କୃତି ସଂଘର କ୍ୟାସ ବହି ଏବଂ ଖର୍ଚ୍ଚ ଅନୁଦାନର କାର୍ଯ୍ୟ ତାଲିକା ମଧ୍ୟ ହଜିଯାଇଛି। ଫଳରେ କେବଳ ୨୦୦ ନା ଅଧିକ ଅର୍ଥ ହେର୍‌ଫେର ହୋଇଛି ତାହା ତଦନ୍ତସାପେକ୍ଷ।

ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଅବିନାଶ ପତିଙ୍କ ସୂଚନା ଅନୁସାରେ, ୨୦୧୧ ଅଗଷ୍ଟ ୨୨ରେ ବ୍ଲକ କଳା ସଂସ୍କୃତି ସଂଘ ଗଠନ ହୋଇଥିଲା। ବିଡିଓ ଏହି ସଂଘର ସଭାପତି। ସଂଘକୁ ୨୦୧୦-୧୧ ବର୍ଷରେ ୨ ଲକ୍ଷ ଟଙ୍କା ସରକାରୀ ଅନୁଦାନ ମିଳିଥିଲା। ୨୦୧୩-୧୪ ରେ ସେଥିରୁ ୧ ଲକ୍ଷ ୮୭ ହଜାର ୨୦୦ ଟଙ୍କା ଦାସକାଠିଆ/ପାଲା ଗ୍ରୁପ୍ସ ବାବଦରେ ଖର୍ଚ୍ଚ ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୟୁସି (ୟୁଟିଲାଇଜେସନ ସାର୍ଟିଫିକେଟ ବା ଉପଯୋଗିତା ପ୍ରମାଣପତ୍ର) ଫର୍ମ ଓଜିଏଫଆର.୭-ଏ, ରୁଲ ୧୭୨ ଅନୁସାରେ ଦର୍ଶାଯାଇଛି, ମିଳିଥିବା ୨ ଲକ୍ଷ ଅନୁଦାନରୁ ୧ ଲକ୍ଷ ୮୭ ହଜାର ୨୦୦ ଟଙ୍କା ଖର୍ଚ୍ଚ ହେବା ପରେ ଆଉ ୧୨ହଜାର ୬୦୦ ଟଙ୍କା ଅନୁଦାନ ବଳକା ରହିଛି। କିନ୍ତୁ ବଳକା ଅନୁଦାନ ୧୨ ହଜାର ୮୦୦ ଟଙ୍କା ରହିବା କଥା। ଏ ନେଇ ଖୋଦ ବିଡିଓ ଚିଠି ନଂ. ୪୯୩୦/୨୫ ନଭେମ୍ବର ୨୦୧୩ରେ କେନ୍ଦୁଝର ଡିଆଇପିଆର୍‌ଓଙ୍କୁ ଜଣାଇଥିଲେ। ୟୁସି ପ୍ରଦାନ କରିଥିବା ପୂର୍ବତନ ବିଡିଓ ବିଚିତ୍ର କର କହିଛନ୍ତି, ବ୍ଲକ ଅଫିସରେ ୟୁସି ଯିଏ ଲେଖିଥିଲେ ସିଏ ଦାୟୀ। ମୁଁ କେବଳ ବିଡିଓ ହିସାବରେ ଦସ୍ତଖତ କଲି। ପରବର୍ତ୍ତୀ ବିଡିଓ ସେ ସବୁ ଦେଖିବା କଥା। ସେହିପରି ବ୍ଲକ କଳା ସଂସ୍କୃତି ସଂଘର କ୍ୟାସ ବହି ଏବଂ ଖର୍ଚ୍ଚ ଅନୁଦାନର କାର୍ଯ୍ୟ ତାଲିକା ନ ଥିବା ପତି କହିଛନ୍ତି। ବିଡିଓ ବିନିତା ବିଜୟିନୀଙ୍କ ସହ ଯୋଗାଯୋଗ ପାଇଁ ବାରମ୍ବାର ଚେଷ୍ଟା ସତ୍ତ୍ୱେ ସମ୍ଭବ ହୋଇପାରି ନାହିଁ। ସୂଚନା ଥାଉକି, ବ୍ଲକରେ ବିଭିନ୍ନ କାର୍ଯ୍ୟର ଅଡିଟ୍ ସମୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଗୋପବନ୍ଧୁ ନାୟକଙ୍କ ନାମରେ ୧୩୨ ଟଙ୍କା ପାଇଁ ଆପତ୍ତି ଉଠିବାରୁ ଓଡ଼ିଶା ଲୋକାୟୁକ୍ତ ନୋଟିସ୍ ଜାରି କରି ଜବାବ ରଖିବାକୁ କହିଥିଲେ। କିନ୍ତୁ ପୂର୍ବତନ ବିଡିଓ ୨୦୦ ଟଙ୍କାର ହିସାବ ଦେଇପାରି ନାହାନ୍ତି।

# ସଂଘ କାର୍ଯ୍ୟାଳୟ ଆଗରେ ମାଲିକଙ୍କ ଧାରଣା

**ଟ୍ରକ୍ ମାଲିକ ସଂଘ ବିବାଦ**

**କେନ୍ଦୁଝର,୧୯।୧୨(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ନିର୍ବାଚନକୁ ନେଇ ବିବାଦ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ମାମଲା ହାଇକୋର୍ଟରେ ଚାଲିଥିବା ବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମାଲିକଙ୍କ ଅନଶନ ଜାରି ରହିଛି। ଏଭଳି ସ୍ଥଳରେ ସୋମବାର କିଛି ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ୬ ଦଫା ଦାବିକୁ ନେଇ ଧାରଣାରେ ବସିଛନ୍ତି। ସୂଚନାଯୋଗ୍ୟ, ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାଙ୍କର କାର୍ଯ୍ୟକାଳ ଗତ ଅଗଷ୍ଟ ୯ରୁ ଶେଷ ହୋଇଯାଇଥିବାରୁ ନିର୍ବାଚନକୁ ନେଇ କର୍ମକର୍ତ୍ତା ଓ ଟ୍ରକ୍ ମାଲିକଙ୍କ ମଧ୍ୟରେ ଟଣାଓଟରା ଜାରି ରହିଛି। ଏହାକୁ ନେଇ ଜିଲାପାଳଙ୍କର ଅଫିସ୍ ଆଗରେ ଟ୍ରକ୍ ମାଲିକମାନେ ଅନଶନରେ ବସିଛନ୍ତି। ଏହାକୁ ନେଇ ପ୍ରଶାସନ ଅଦାଲତରେ କେସ୍ ରୁଜୁ ହୋଇଥିବା ଆଳରେ ଚୁପ୍ ହୋଇବସିଛି। ମାଲିକମାନେ ସଂଘ ଦ୍ୱାରା ନିଷ୍ପତ୍ତି ହୋଇଥିବା ଗାଡ଼ିର ପୂର୍ବ ନିର୍ଦ୍ଧାରିତ ଭଡ଼ା ପ୍ରାପ୍ତି, ସଂଘର କର୍ମକର୍ତ୍ତା ଓ ସଂଘ କର୍ମଚାରୀଙ୍କ ଦ୍ୱାରା ହୋଇ ଆସୁଥିବା ଟୋକନ୍ ବାଟବାରଣା ନୀତିକୁ ବନ୍ଦ, ସଂଘ ସଦସ୍ୟମାନଙ୍କ ଦ୍ୱାର ଶୃଙ୍ଖଳିତ ଟୋକନ ବିତରଣ, ଟ୍ରାନ୍ସପୋର୍ଟରଙ୍କୁ ସଂଘ ଦେଇଥିବା ନିର୍ଦ୍ଧାରିତ ସମୟରେ ମାଲିକମାନଙ୍କୁ ଭଡ଼ା, କର୍ମକର୍ତ୍ତାମାନେ ଯଥାଶୀଘ୍ର ଦାୟିତ୍ୱ ହସ୍ତାନ୍ତର ପ୍ରଭୃତି ଦାବିକୁ ନେଇ ସଂଘ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ ଓ ପୂର୍ବତନ ସମ୍ପାଦକ ପ୍ରଦୀପ ବାରିକ ପ୍ରକାଶ କରିଛନ୍ତି। ଧାରଣାରେ ପୂର୍ବତନ କୋଷାଧ୍ୟକ୍ଷ ପ୍ରଭାତ ରାଉତ, ଆୟସକାନ୍ତ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଶଶିକାନ୍ତ ଦାସ, ମନୋରଞ୍ଜନ ସାହୁ, ଅଜୟ ମିଶ୍ର ପ୍ରମୁଖ ବସିଛନ୍ତି।



ଧାରଣାରେ ବସିଥିବା ଟ୍ରକ୍ ମାଲିକମାନେ।

## ସଂକ୍ଷେପରେ

### ନଦୀଗର୍ଭରୁ ଶିବଲିଙ୍ଗ ଆବିର୍ଭାବ



ବାରିପଦା ଅଫିସ,୧୯।୧୨-ବାରିପଦା ଶୁନଗଡ଼ିଆ ଅଞ୍ଚଳ ଦେଇ ପ୍ରବାହିତ ଜରାଳୀ ନଦୀ ଗର୍ଭରୁ ସୋମବାର ମହାଦେବଙ୍କ ଶିବଲିଙ୍ଗ ଆବିର୍ଭାବ ହୋଇଛି। କଥା ପ୍ରଘଟ ପରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ପହଞ୍ଚି ଦର୍ଶନ କରିବା ସହିତ ଶଙ୍ଖ ବଜାଇ, ଧୂପ ଚନ୍ଦନ ଦେଇ ପୂଜାର୍ଚ୍ଚନା କରୁଛନ୍ତି। ବାରିପଦାସ୍ଥିତ ପିଆରଏମ ମେଡିକାଲ କଲେଜ ଓ ଡାକ୍ତରଖାନା ପଛ ପାର୍ଶ୍ୱ ଦେଇ ଜରାଳୀ ନଦୀ ପ୍ରବାହିତ ହୋଇଛି। ଦୁଇ ଦିନ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଯୁବକମାନେ ମକରପଲା ପାଇଁ ପ୍ରସ୍ତୁତ କରୁଥିବା ବେଳେ ଏକ ନାଗ ସାପକୁ ଦେଖିବାକୁ ପାଇଥିଲେ। ସାପକୁ ମାରିବା ପାଇଁ ପଥର ମାରିଥିଲେ। ତେବେ ସାପଟି ସ୍ଥାନ ଛାଡ଼ି ପଳାଇବା ପରେ ଯୁବକମାନେ ପାଖକୁ ଯାଇ ଏକ କଳା ମୁଗୁନି ପଥରର ଶିବଲିଙ୍ଗକୁ ଦେଖିଥିଲେ। ପଙ୍କ କାଦୁଅରେ ପୋତିଯାଇଥିବା ଶିବଲିଙ୍ଗକୁ ଖୋଳିବା ପରେ ଚନ୍ଦନ ପ୍ରଲେପିତ ସଦୃଶ ଏକ ଶିବଲିଙ୍ଗର ଆବିର୍ଭାବ ହୋଇଥିଲା। ଖବର ପ୍ରଚାରିତ ହେବା ପରେ ଘଟଣା ସ୍ଥଳରେ ଭିଡ଼ ହୋଇଥିଲା।

### ୨୨ରେ ଜିଲାସ୍ତରୀୟ ନିଯୁକ୍ତି ମେଳା

କେନ୍ଦୁଝର,୧୯।୧୨(ଡି.ଏନ୍.ଏ): କେନ୍ଦୁଝର ଜିଲାର ବେରୋଜଗାର ଯୁବକ ଓ ଯୁବତୀମାନଙ୍କୁ ନିଯୁକ୍ତି ଦେବା ନିମନ୍ତେ ଜିଲା ପ୍ରଶାସନ ଓ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଆସନ୍ତା ୨୨ ଓ ୨୩ରେ ନିଯୁକ୍ତି ମେଳା ଆୟୋଜନ କରିବାକୁ ଯାଉଛନ୍ତି। ୨୨ରେ ଓଡ଼ିଶା ମାଇନିଂ ସ୍କୁଲ, କେନ୍ଦୁଝର, ୨୩ ରେ ଆନନ୍ଦପୁରସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଶାଳପଡ଼ା) ପଡ଼ିଆରେ ନିଯୁକ୍ତି ମେଳାର ଆୟୋଜନ ହେବ। ଏଥିରେ ରାଜ୍ୟ, ରାଜ୍ୟ ବାହାରର ନାମିଦାମୀ ଘରୋଇ ସଂସ୍ଥା ଭାଗ ନେଇ ଆବଶ୍ୟକ ପଦ ପଦବୀ ନିମନ୍ତେ ପ୍ରାର୍ଥିନୀ, ପ୍ରାର୍ଥୀ ଚୟନ କରିବେ। ମେଳାରେ ଯୋଗ ଦେବା ପାଇଁ ଶିକ୍ଷାଗତ ଯୋଗ୍ୟତା ୫ମରୁ ଉର୍ଦ୍ଧ୍ୱ, ୧୦ ମ, ଦ୍ୱାଦଶ, ଯୁକ୍ତ ୩ ସ୍ନାତକ, ଆଇଟିଆଇ, ଡିପ୍ଲୋମା, ବିଟେକ୍, ଏଏନ୍ଏମ୍, ଜିଏନ୍ଏମ୍ ଏବଂ ଅନ୍ୟ କୌଣସି ଅନୁଷ୍ଠାନରୁ ଶିକ୍ଷାଗତ ଯୋଗ୍ୟତାର ମାନଦଣ୍ଡ ଧାର୍ଯ୍ୟ କରାଯାଇଛି। ଆଗ୍ରହୀ ଯୁବତୀ ଓ ଯୁବକମାନେ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଆଧାରକାର୍ଡ ସହିତ ଉପରୋକ୍ତ ତାରିଖରେ ସକାଳ ୯ ଘଟିକାରୁ ଅପରାହ୍ନ ୨ ଘଟିକା ମଧ୍ୟରେ ଉକ୍ତ ମେଳାରେ ଯୋଗଦେଇ ନିଯୁକ୍ତିର ସୁବିଧା ନେଇପାରିବେ। ଅଧିକ ତଥ୍ୟ ନିମନ୍ତେ ୭୭୬୬୩୫୮୭୮୧, ୮୩୩୯୦୦୮୩୧୧ ଓ ୭୦୦୮୩୬୯୭୨୨ରେ ଯୋଗାଯୋଗ କରିବା ପାଇଁ ଜିଲା ପ୍ରଶାସନ ତରଫରୁ ପରାମର୍ଶ ଦିଆଯାଇଛି।

### ଦାବି ପୂରଣ ନ ହେଲେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

#### ମହାସମ୍ମିଳନୀରେ ଓଡ଼ିଶା ଡ୍ରାଇଭର ମହାସଂଘର ଚେତାବନୀ

ଭଦ୍ରକ ଅଫିସ, ୧୯।୧୨- ଭଦ୍ରକ ସହର ନିକଟସ୍ଥ ବାରିକଛକ ପଡ଼ିଆରେ ଓଡ଼ିଶା ଡ୍ରାଇଭର ମହାସଂଘର ମହାସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲି ଯୋଗଦେଇ ଗାଡ଼ି ଚଳାଇବା ସମୟରେ ମଦ୍ୟପାନରୁ ବିରତ ରହିବା, ଯଥାସମ୍ଭବ ଦୁର୍ଘଟଣା ନ ଘଟିବା ପାଇଁ ଯତ୍ନବାନ ହେବା, ଉତ୍ତମ ବ୍ୟବହାର ପ୍ରଦର୍ଶନ ଆଦି ବିଷୟରେ ଡ୍ରାଇଭରମାନଙ୍କୁ ସଚେତନ କରିଥିଲେ। ସଂଘ ପକ୍ଷରୁ ଦୀର୍ଘଦିନ ଧରି କରାଯାଉଥିବା ଦାବି ସରକାର ପୂରଣ ନ କଲେ ଆଗାମୀ ଦିନରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ରାଜ୍ୟ କୋଷାଧକ୍ଷ ଆଦିତ୍ୟ ପ୍ରସାଦ ବେହେରା, ସହସମ୍ପାଦକ ମାନସ ଦେବତା, ଢେଙ୍କାନାଳ ଜିଲା ସଭାପତି ନରୋତ୍ତମ ବେହେରା, ବୌଦ୍ଧ ଜିଲା ସଭାପତି ବ୍ୟଙ୍ଗକବି ସୁଶୀଳ ଦାସ, ବାଲେଶ୍ୱର ଜିଲା ସଭାପତି ରାମକୃଷ୍ଣ ଦାସ, ଭଦ୍ରକ ଜିଲା ସଭାପତି ଦିଲୀପ ସାହୁ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଜିଲାର ସମସ୍ତ ବ୍ଲକର ସଭାପତି, ସମ୍ପାଦକ ଓ ଡ୍ରାଇଭରମାନେ ସମ୍ମିଳନୀରେ ସାମିଲ ହୋଇଥିଲେ।

# ବିଦ୍ୟାଳୟରେ ତାଲାବନ୍ଦ ଆନ୍ଦୋଳନ

■ଏଲ୍ଆର୍ପି ପରୀକ୍ଷା ଦେଇପାରିଲେନି ଛାତ୍ରୀଛାତ୍ର
■୭ ଶ୍ରେଣୀକୁ ୩ ଶିକ୍ଷକ

ରୂପସା,୧୯।୧୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଅନ୍ତର୍ଗତ ଆଘିରିଆ ସରକାରୀ ପ୍ରାଥମିକ ଓ ଅମରେଶ୍ୱର ୟୁପି ସ୍କୁଲରେ ସୋମବାର ତାଲାବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ କେବଳ ୩ ଜଣ ଶିକ୍ଷକ ଥିବାରୁ ଏସ୍ଏମ୍ସି ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ବାରମ୍ବାର ଶିକ୍ଷକ ନିଯୁକ୍ତି ପାଇଁ ଦାବି ହୋଇ ଆସୁଥିଲେ ହେଁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ବିଦ୍ୟାଳୟ ଫାଟକରେ ତାଲା ପକାଇବା ସହ ଫାଟକ ସମ୍ମୁଖରେ ଅଭିଭାବକ, ଗ୍ରାମବାସୀ ଧାରଣାରେ ବସିଥିବା ଦେଖିବାକୁ ମିଳିଛି।



ଫାଟକ ବାହାରେ ପରୀକ୍ଷାରୁ ବଞ୍ଚିତ ଛାତ୍ରୀଛାତ୍ର।

ଫଳରେ ସୋମବାର ସରକାରଙ୍କ ପକ୍ଷରୁ ହୋଇଥିବା ଏଲ୍ଆର୍ପି ପରୀକ୍ଷା ଦେଇ ନ ପାରି ଛାତ୍ରୀଛାତ୍ର ଫାଟକ ବାହାରେ ବସି ରହିଥିଲେ। ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୧୨୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତ୍ର ୨ ଜଣ ଶିକ୍ଷକ ଥିବାବେଳେ ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ରହିଥିବା ଜଣେ ଶିକ୍ଷକ ଦୁଇ ମାସ ଧରି ପକ୍ଷାଘାତ ପୀଡ଼ିତ ଯୋଗୁ ଛୁଟିରେ ଥିବାରୁ ପାଠ ପଢ଼ା ଏକରକମ ଠପ୍ ଥିବା ଅଭିଯୋଗ ହୋଇଛି। ସୋମବାର କୌଣସି ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଉତ୍ତେଜନା ଦେଖାଦେଇଥିଲା। ଉଭୟ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ତାଲାବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି।

# ୩୭୧ ହିତାଧିକାରୀଙ୍କୁ ପୁଷ୍ଟି କିଟ୍



ରୋଗୀଙ୍କୁ କିଟ୍ ପ୍ରଦାନ କରାଯାଉଛି।

### ନି-କ୍ଷୟ ମିତ୍ର କାର୍ଯ୍ୟକ୍ରମ ଶୁଭାରମ୍ଭ

ବାଲେଶ୍ୱର ଅଫିସ,୧୯।୧୨

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ସହଯୋଗିତାରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଅଭିଯାନ ସହ ଯୋଡ଼ି ହୋଇଛି ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ (ଏସ୍‌ପିପିଏଲ୍)। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ 'ନି-କ୍ଷୟ ମିତ୍ର' କାର୍ଯ୍ୟକ୍ରମକୁ ଲୋକାର୍ପଣ କରି ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ଏବଂ ଜରୁରୀ ସହାୟତା ସନ୍ଧାନ କରୁଥିବା ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହା ନିଜର କୋର୍ସକୁ ୨୦୨୩ ଅକ୍ଟୋବର ପର୍ଯ୍ୟନ୍ତ ଜାରି ରଖିବ। ୨୦୨୫ ସୁଦ୍ଧା ଯକ୍ଷ୍ମା ଦୂରୀକରଣ ଲକ୍ଷ୍ୟ ହାସଲ କରିବା ସହ ଗୋଷ୍ଠୀ ସହଯୋଗିତାକୁ ବଢ଼ାଇବା ଲାଗି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ (ଏମ୍ଓଏଚ୍ଏଫ୍‌ଡବ୍ଲୁ) ପକ୍ଷରୁ 'ଯକ୍ଷ୍ମା ରୋଗୀଙ୍କୁ ଗୋଷ୍ଠୀ ସହାୟତା-ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ'ର ଶୁଭାରମ୍ଭ କରାଯାଇଥିଲା। ଏହି ଚିନ୍ତାଧାରାକୁ ଆଗକୁ ବଢ଼ାଇ, ବିଭିନ୍ନ ବ୍ଲକ୍‌ରେ ଯକ୍ଷ୍ମା ମାମଲାକୁ ଚିହ୍ନଟ କରିବା ଲାଗି ଟାଟା ଷ୍ଟିଲ୍ ଫାଉଣ୍ଡେସନ ସହ ମିଶି ଏସ୍‌ପିପିଏଲ୍ ପକ୍ଷରୁ ଜାତୀୟ ଯକ୍ଷ୍ମା ଦୂରୀକରଣ କାର୍ଯ୍ୟକ୍ରମ ପୋର୍ଟାଲ୍‌ରେ ପଞ୍ଜିକରଣ କରିଛି। ଏହି ଅଭିଯାନରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ପ୍ରତି ମାସରେ ଚିହ୍ନଟ ହୋଇଥିବା ରୋଗୀଙ୍କୁ ଏକ ନ୍ୟୁଟ୍ରିସନାଲ କିଟ୍ ଜରିଆରେ ପୁଷ୍ଟି ସହାୟତା ପ୍ରଦାନ କରାଯାଉଛି। ପ୍ରଥମ ପଦକ୍ଷେପ ସ୍ୱରୂପ ବସ୍ତା ବ୍ଲକର ୯୮, ବାଲିଆପାଳର ୫୬ ଓ ରେମୁଣାର ୨୧୭ ଜଣଙ୍କ ସମେତ ମୋଟ୍ ୩୭୧ ଜଣ ହିତାଧିକାରୀଙ୍କୁ ନ୍ୟୁଟ୍ରିସନାଲ୍ କିଟ୍ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଏସ୍‌ପିପିଏଲ୍‌ର ବରିଷ୍ଠ ଡିଭିଜନାଲ୍ ମ୍ୟାନେଜର ପ୍ରମୋଦ କୁମାର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପାଠ୍ୟକ୍ରମରେ ହୋ ଭାଷା ପ୍ରଚଳନ ଦାବି

ପାଟଣା,୧୯।୧୨(ସ୍ୱ.ପ୍ର.)

ହୋ ଭାଷାକୁ ରାଜ୍ୟ ଭାଷା ମାନ୍ୟତା ଓ ରାଜ୍ୟର ୫ଶହ ପ୍ରାଥମିକ ବିଦ୍ୟାଳୟରେ ହୋ ଭାଷା ଶିକ୍ଷକ ନିଯୁକ୍ତି, ବାରିପଦା ମହାରାଜା ଶ୍ରୀରାମ ଚନ୍ଦ୍ର ବିଶ୍ୱବିଦ୍ୟାଳୟ ଓ କେନ୍ଦୁଝରେ ସ୍ଥିତ ଦ୍ୱିତୀୟ କ୍ୟାମ୍ପସରେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ହୋ ଭାଷାର ପ୍ରଚଳନ ଆଦି ଦାବି ହୋଇଛି। ଏନେଇ ସୋମବାର ପାଟଣା ବ୍ଲକ୍ ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବ ମନ୍ଦିର ନିକଟରୁ ହୋ ସମ୍ପ୍ରଦାୟର ମହିଳା, ପୁରୁଷ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡିଓଙ୍କ ଅନୁପସ୍ଥିତରେ ମୁଖ୍ୟ ଅମଲା ବିଦ୍ୟୁ ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶୋଭାଯାତ୍ରାରେ ହୋ ସମାଜ ପାଟଣା ବ୍ଲକ୍ ସମ୍ପାଦକ ସୁଦର୍ଶନ ମୁଣ୍ଡାଙ୍କ ନେତୃତ୍ୱରେ ସଭାପତି ଦୁଃଖବନ୍ଧୁ ମୁଣ୍ଡା, ବଡ଼ପାଟଣା ସରପଞ୍ଚ ବିନତି ବାନରା, ପଲାଶଘାଟି ସରପଞ୍ଚ ରାଉତ ମୁଣ୍ଡା, ତ୍ରିନାଥ ହୋନାଗ, ପ୍ରଦୀପ ମୁଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

ଅନୁରୂପ ଭାବେ ସାହାରପଡ଼ା ବ୍ଲକ୍‌ର ହୋ ସମାଜ ପକ୍ଷରୁ ଉଦୟପୁର ଛକରୁ ଦାମଦୋର ଜେରାଇଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଯାଇ ବିଡିଓ ବିଜୟ ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶୋଭାଯାତ୍ରାରେ ବାଳକୃଷ୍ଣ କାଲଣ୍ଡିଆ, ସୁଦାମ ଚାମ୍ପିଆ, ଗୁରୁ ପ୍ରସାଦ ଚାମ୍ପିଆ, ସନାତନ ମୁଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ବିଭିନ୍ନ ପଞ୍ଚାୟତ ପରିଦର୍ଶନ କଲା କେନ୍ଦ୍ରୀୟ ଜଳଜୀବନ ମିଶନ ଟିମ୍

ବନ୍ତ,୧୯।୧୨(ଡି.ଏନ୍.ଏ.)

କେନ୍ଦ୍ରୀୟ ଜଳଜୀବନ ମିଶନ ଟିମ୍ ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଛି। ଭାରତ ସରକାରଙ୍କ ଜଳସମ୍ପଦ ବିଭାଗ ଜଳ ଜୀବନ ମିଶନର ସେକ୍ଟର ଅଧିକାରୀ ଡ. ପ୍ରଦୀପ ଶିବ ରାମ ଏବଂ ଶ୍ରୀ ଅପ୍ପା ରାଓ ୨ଦିନ ଧରି ଗୋପିନାଥପୁର ପଞ୍ଚାୟତ ପରିଦର୍ଶନରେ ଆସି ଏହି ମିଶନ ଅଧୀନରେ ଥିବା ବସୁନ୍ଧରା ଯୋଜନା, ସ୍ୱଚ୍ଛ ଭାରତ, ସ୍ୱାସ୍ଥ୍ୟ ଏବଂ ଜୀବିକା ମିଶନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଅଧିକାରୀମାନେ ପାହାଡପୁର, ଗୋପିନାଥପୁର ଓ ତାଜିପୁର ଗ୍ରାମ ପରିଦର୍ଶନ କରିଥିଲେ। ସରପଞ୍ଚ ସବିତାରାଣୀ ନାୟକ, ନାଏବ ସରପଞ୍ଚ ରାଜେନ୍ଦ୍ର କୁମାର ବେହେରା, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ନାୟକ, ପିଇଓ ବିକାଶ ରାଉତ, ଜିଆର୍ଏସ୍ ସୁବୋଧ ରାଉତ, ଏମ୍‌ବିକେ, ସିଆର୍‌ପି, ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା, ୱାର୍ଡସଭ୍ୟମାନଙ୍କ ସହ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସଫଳ କାର୍ଯ୍ୟକାରିତା, ବିଭିନ୍ନ ରୋଗ ସମସ୍ୟା ବିଷୟରେ ସେମାନେ ବିସ୍ତୃତ ଆଲୋଚନା କରିଥିଲେ। ପରିଦର୍ଶନ ବେଳେ ଆର୍‌ଡବ୍ଲୁଏସ୍‌ଏସ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶାନ୍ତ ମିଶ୍ର, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମୁକୁଲ ଦାସ, କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ବେହେରା, ସୌଧନ୍ୟା ମଲ୍ଲିକ, ଲାବ୍ ଅଧିକାରୀ ପ୍ରଶାନ୍ତ ବିଶ୍ୱାଳଙ୍କ ସହ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ସେହିପରି କେନ୍ଦ୍ରୀୟ ଟିମ୍ ଚାରିଗାଁ, ଆଡିଆ, ଓଡଙ୍ଗ ଆଦି ପଞ୍ଚାୟତ ପରିଦର୍ଶନ କରିଛନ୍ତି।



କେନ୍ଦ୍ରୀୟ ଟିମ୍‌ର ଅଧିକାରୀମାନେ ଗୋପୀନାଥପୁର ପଞ୍ଚାୟତରେ ବିଭିନ୍ନ ଯୋଜନାର ଅଗ୍ରଗତି ଓ ସଫଳତା ସମ୍ପର୍କରେ ଆଲୋଚନା କରୁଛନ୍ତି।

## କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା

କେନ୍ଦୁଝର,୧୯।୧୨(ସ୍ୱ.ପ୍ର./ଡି.ଏନ୍.ଏ)

କେନ୍ଦୁଝର ଜିଲାରେ ସୋମବାର ଚଳିତ ବର୍ଷର ସର୍ବନିମ୍ନ ତାପାମାତ୍ରା ରେକର୍ଡ ହୋଇଛି। କିଛି ଦିନ ହେଲା ତାପମାତ୍ରା ୧୦ ଡିଗ୍ରୀ ରହୁଥିବା ବେଳେ ରବିବାରଠାରୁ ତାପମାତ୍ରା ହ୍ରାସ ହୋଇ ୭.୬ ସେଣ୍ଟି ଗ୍ରେଡ୍ ରହିଛି। ଗ୍ରାମାଞ୍ଚଳ ତଥା ଖଣିଖାଦାନ ଏବଂ ବଣପାହାଡ଼ ଘେରା ଆଦିବାସୀ ଅଞ୍ଚଳରେ ତାପମାତ୍ରା ୬ ଡିଗ୍ରୀ ସେଣ୍ଟିଗ୍ରେଟ୍ ତଳେ ରହୁଛି। ବଣଜଙ୍ଗଲ ଘେରା ଗ୍ରାମାଞ୍ଚଳରେ ରହୁଥିବା ଆଦିବାସୀମାନେ ଶୀତରେ ଠିକ୍ ଭାବରେ ଶୋଇ ପାରୁନାହାଁନ୍ତି। ପ୍ରଶାସନ ତୁରନ୍ତ ସେଭଳି ଲୋକଙ୍କୁ ଚିହ୍ନଟ କରି ସହାୟତା ଦେବାକୁ ଦାବି ହେଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com



@ବିକାଶ



@ରଶ୍ମିତା



@ସୁରଜ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଶିଶୁ ଉତ୍ସବରେ ଭାଗ ନେଲେ ୩୪୫ ଛାତ୍ରୀଛାତ୍ର

ଖଇରା,୧୯।୧୨(ଡି.ଏନ.ଏ.)

ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ସୁନ୍ଦରପୁରଠାରେ ଥିବା ନୀଳସୁନ୍ଦର ଜୀଉ ନବକିଶୋର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ଖଇରା ଶାଖା ସଭାପତି ଦୀନବନ୍ଧୁ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଅତିଥିଭାବେ ବିଡିଓ ପର୍ଶୁରାମ ପଣ୍ଡା, ମୁଖ୍ୟ ବକ୍ତା ଭାବେ କବି ତଥା ସିମୁଳିଆ ବ୍ଲକ ଅଣ୍ଡରାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣୀ ବୋଇତି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବନମାଳୀ ନାୟକ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଧର ପ୍ରସାଦ ବେହେରା, ଗୌରାଙ୍ଗ ଚନ୍ଦ୍ର ମହାପାତ୍ର, ପୂର୍ବତନ ଜିଲା ଉପସଭାପତି ଭରତ ଚନ୍ଦ୍ର ଦାସ, ଖଇରା ଓଷ୍ଟା ସଂଘର ପୂର୍ବତନ ସଭାପତି ମହେନ୍ଦ୍ର ପ୍ରସାଦ କବି, ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ମାନସ କୁମାର ମହାପାତ୍ର, ଜିଲା କାର୍ଯ୍ୟକାରୀ ସଭ୍ୟ ଶଚ୍ଚିଦାନନ୍ଦ ମହାପାତ୍ର, ଓଷ୍ଟା ର ସମ୍ପାଦକ ଷଡାନନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଥିଲେ। ବରିଷ୍ଠ ଶିକ୍ଷକ ହରିହର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ ଅଧୀନ ୩୫ସ୍କୁଲରୁ ଆସିଥିବା ୩୪୫ଜଣ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ମୁଖ୍ୟ ବକ୍ତା ପୂର୍ବତନ ଓଷ୍ଟା ଜିଲା ସଭାପତି ଜିତେନ୍ଦ୍ର ବେହେରା, ବିଶିଷ୍ଟ ଅତିଥି ଭାବେ ଜିଲାପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ଓଷ୍ଟା ସଂଘ ଜିଲା ସଭାପତି ବାଦଲ ଚନ୍ଦ୍ର ପାତ୍ର, ସମିତିସଭ୍ୟ ସୋନାଲିଶତପଥୀ, ଶିକ୍ଷକ ମହେଶ୍ୱର ପଣ୍ଡା, ହରିପଦ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ତଥା ଅଭ୍ୟର୍ଥନା କମିଟିର ସଭାପତି ଗଗନ ଚନ୍ଦ୍ର ଧର ଉପସ୍ଥିତ ଥିଲେ। ରାଜ୍ୟସ୍ତରୀୟ ସୁରଭିରେ ବରଦା ଭଗତି ଉଚ୍ଚ ବିଦ୍ୟାଳୟର ଛାତ୍ର ସତ୍ୟବ୍ରତ ପାଣିଗ୍ରାହୀ ଜିଲାରେ ଡିବେଟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବାରୁ ତାଙ୍କୁ ବ୍ଲକ ଅଧ୍ୟକ୍ଷା ସମ୍ମାନିତ କରିଥିଲେ।

# 'ଜାତୀୟ ପତାକାକୁ ଲୋକାଭିମୁଖୀ କରାଇବାର ଐତିହାସିକ ଦିନ'

## ଡିସେମ୍ବର ୨୦

ଯୋଡା,୧୯।୧୨(ଡି.ଏନ.ଏ)

୨୦୦୫ ଡିସେମ୍ବର ୨୦ରେ ଭାରତୀୟ ଜାତୀୟ ପତାକାର ଲୋକତନ୍ତ୍ରୀକରଣ ଇତିହାସରେ ଏକ ପ୍ରମୁଖ ଦିନ। ଏହି ଦିନ ଭାରତ ସରକାର ରାଷ୍ଟ୍ରୀୟ ଗୌରବ ଅପମାନ ନିବାରଣ ଅଧିନିୟମ-୧୯୭୧ରେ ସଂଶୋଧନ କରିଥିଲେ। ଯାହା ପ୍ରତ୍ୟେକ ନାଗରିକଙ୍କୁ ଅଣ୍ଟା ଉପର କପଡ଼ା ଉପରେ ଜାତୀୟ ପତାକା (ତ୍ରିରଙ୍ଗା) ପ୍ରଦର୍ଶନ ଏବଂ ପରିଧାନ କରିବାପାଇଁ ଅଧିକାର ଦେଲା। 'ଫ୍ଲାଗ ଫାଉଣ୍ଡେଶନ୍ ଅଫ ଇଣ୍ଡିଆ' ସଭାପତି ନବୀନ ଜିନ୍ଦଲଙ୍କ ପାଇଁ ଭାରତୀୟ ଜାତୀୟ ପତାକା ବ୍ୟବହାରର ଲୋକତନ୍ତ୍ରୀକରଣ ସର୍ବଦା ଏକ ପ୍ରାଥମିକ ପ୍ରସଙ୍ଗ ହୋଇ ରହି ଆସିଛି। ପ୍ରତ୍ୟେକ ନାଗରିକଙ୍କୁ ଜାତୀୟ ପତାକାକୁ ଗର୍ବ ଏବଂ ସମ୍ମାନର ସହିତ ଉଡ଼ାଇବା ଏବଂ ପ୍ରଦର୍ଶନ କରିବାକୁ ସଶକ୍ତ କରିବା ପାଇଁ ସେ ଏକ ଦଶନ୍ଧି ଧରି ଆଇନଗତ ଯୁଦ୍ଧ କରିଥିଲେ ବୋଲି ଫ୍ଲାଗ ଫାଉଣ୍ଡେଶନ୍ ଅଫ ଇଣ୍ଡିଆର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ମେଜର ଜେନେରାଲ (ଅବସରପ୍ରାପ୍ତ) ଅଶିମ କୋହଲି କହିଛନ୍ତି। ନବୀନ ଜିନ୍ଦଲ ସର୍ବଦା ଚାହୁଁଥିଲେ ନାଗରିକମାନେ ତ୍ରିରଙ୍ଗା ପ୍ରଦର୍ଶନ କରି ଦେଶ ପ୍ରତି ସେମାନଙ୍କର ସମ୍ମାନ ଏବଂ ଗର୍ବ ପ୍ରଦର୍ଶନ କରନ୍ତୁ। ୨୦୦୪ରେ କୁରୁକ୍ଷେତ୍ର ଲୋକ ସଭା ଆସନରୁ ନିର୍ବାଚିତ ହୋଇଥିଲେ। ସେତେବେଳ ତାଙ୍କୁ ସଂସଦର ଜଣେ ସଦସ୍ୟ ଗୃହର ୩୪୯ (ଏକ୍ସଆଇଭି) ନିୟମ ଅନୁଯାୟୀ ତ୍ରୀରଙ୍ଗା ପିନ୍ଧି ପାରିବେ ନାହିଁ ବୋଲି କୁହାଯାଇଥିଲା। ହେଲେ ଜାତୀୟ ପତାକା ପିନ୍ଧିବାର ଅନୁମତି ପାଇଁ ଜିନ୍ଦଲ ବାଚସ୍ପତିଙ୍କୁ ଆବେଦନ କରିବାସହ ସଂସଦରେ ଏହା ସପେକ୍ଷରେ ଏକ ପ୍ରସ୍ତାବ ପାରିତ କରାଇଥିଲେ। ଏହି କାର୍ଯ୍ୟାନୁଷ୍ଠାନ ଆଧାରରେ ସେ ୨୦ ଡିସେମ୍ବର ୨୦୦୫ରେ ରାଷ୍ଟ୍ରୀୟ ଗୌରବ ଅପମାନ ନିବାରଣ ଅଧିନିୟମ-୧୯୭୧ରେ ସଂଶୋଧନ କରାଇବାରେ ସଫଳ ହୋଇଥିଲେ। ଯାହାକି ଭାରତର ନାଗରିକମାନଙ୍କୁ ଅଣ୍ଟା ଉପର କପଡ଼ା ଉପରେ ଜାତୀୟ ପତାକା ପ୍ରଦର୍ଶନ କିମ୍ବା ପରିଧାନର ଅଧିକାର ଦେଇଥିଲା। ସମସ୍ତେ ଏହି ଐତିହାସିକ ଦିନକୁ ସମ୍ମାନ ଦେଇ ତିରଙ୍ଗାକୁ ପୋଷାକରେ ପିନ୍ଧିବା ଏବଂ ଭାରତୀୟ ଭାବରେ ଗର୍ବ ଅନୁଭବ କରିବା ପାଇଁ ପ୍ରତିଶ୍ରୁତି ବଦ୍ଧ ହେବା ପାଇଁ କୋହଲି କହିଛନ୍ତି।



ଜାତୀୟ ପତାକା ସହ ନବୀନ ଜିନ୍ଦଲ।

# ଖୋଲିଲା ଇଭି ଇଲେକ୍ଟ୍ରି ସ୍କୁଟର ଶୋରୁମ୍



କେନ୍ଦୁଝର ସହର କଲେଜ ରୋଡ୍‌ଠାରେ ଶୋରୁମକୁ ଉଦ୍‌ଘାଟନ କରାଯାଉଛି।

କେନ୍ଦୁଝର, ୧୯।୧୨ (ସ୍ୱ.ପ୍ର.)

ବିଏସ୍ ଅଟୋ ମୋବାଇଲ ଆନୁକୂଲ୍ୟରେ କେନ୍ଦୁଝର ସହର କଲେଜ ରୋଡ୍‌ଠାରେ ଇଭିର ଇଲେକ୍ଟ୍ରି ସ୍କୁଟର ଶୋରୁମକୁ ସତ୍ୱାଧିକାରୀଙ୍କ ମାଆ ମଞ୍ଜୁଲତା ସାହୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ସୋ-ରୁମର ସତ୍ୱାଧକାରୀ ଦୀପକ ସାହୁ, ଜିତେନ୍ଦ୍ର ସାହୁ, ପୌରାଧକ୍ଷ ନିକୁ ସାହୁ, ପୂଜା ସାହୁ, ଇଭି ସ୍କୁଟ୍‌ର ସେଲ୍ସ ମ୍ୟାନେଜର ସଞ୍ଜିବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୫ଟି ସ୍କୁଟ୍‌ର ବିକ୍ରି ହୋଇଛି। ଶୋରୁମ୍‌ରେ ୬ଟି ମଡେଲ ଯଥା ସୋଲ, ଜେନିଆ ୨.୧, ଜେନିଆ, ଉଇଣ୍ଡ, ଆଟ୍ରିଓ ଓ ଆହାଭା ଇଲେକ୍ଟ୍ରି ସ୍କୁଟ୍‌ର ଉପଲବ୍ଧ ରହିଛି। ଅତ୍ୟାଧୁନିକ ଇଲେକ୍ଟ୍ରି ସ୍କୁଟର ମୂଲ୍ୟ ୫୫ ହଜାରରୁ ଆରମ୍ଭ ହୋଇ ୧ ଲକ୍ଷ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ସ୍କୁଟର ବ୍ୟାଟେରୀ ସମସ୍ତ ସ୍ଥାନରେ ଚାର୍ଜ କରାଯାଇପାରିବ ଏବଂ ବହୁତ କମ ବିଦ୍ୟୁତ୍ ଚାର୍ଜ ବାବଦ ବିଦ୍ୟୁତ୍ ବିଲ ଆସିବ। ବ୍ୟାଟେରି ବାହାର କରାଯାଇ ଚାର୍ଜ କରିହେବ ବୋଲି ସେଲ୍ସ ମ୍ୟାନେଜର ସଞ୍ଜୀବ ମହାପାତ୍ର ସୂଚନା ଦେଇଛନ୍ତି। ଶୋରୁମରେ ନୂଆ ସ୍କୁଟର ବିକ୍ରି ସହିତ ସର୍ଭିସିଂ ଏବଂ ସ୍ପେୟାର ପାର୍ଟସ ମଧ୍ୟ ଉପଲବ୍ଧ ହେଉଛି।

# ପୁଅକୁ ଫେରାଇ ଆଣିଲା 'ଗୁଗଲ ଆର୍ଥ'

**କାନ୍‌ବେରା:** ସୋସିଆଲ ମିଡିଆ ହେଉ ଅବା ଇଣ୍ଟରନେଟ୍ ଅନେକଙ୍କୁ ଗୋଟିଏ ଡୋରିରେ ବାନ୍ଧି ରଖିଛି ଏହି ଅତ୍ୟାଧୁନୀକ ନେଟ୍‌ୱାର୍କିଂ ସେବା। ବହୁଳ ବ୍ୟବହୃତ ଏହି ସୁବିଧା କିଛି କ୍ଷେତ୍ରରେ ନକାରାତ୍ମକ ପରିଣତି ଦେଉଥିବାବେଳେ ଅନେକଙ୍କ ଜୀବନରେ ଖୁସି ଭରିଛି। ୨୫ ବର୍ଷ ପରେ ନିଜ ଜହିଲା ପୁଅକୁ ଫେରିପାଇଛନ୍ତି ମଧ୍ୟପ୍ରଦେଶ ଖଣ୍ଡୱାର କମଳା। ପୁଅକୁ ଭେଟିବା ପରେ କମଳାଙ୍କ ଖୁସି କହିଲେ ନ ସରେ। ଅଷ୍ଟ୍ରେଲିଆର ଜଣେ ସଫଳ ବ୍ୟବସାୟୀ ହେଉଛନ୍ତି ସରୁ ବ୍ରିଅରଲି। ଗୁଗଲ ଆର୍ଥ ସାହାଯ୍ୟରେ ଏବେ ସରୁ ଭାରତରେ ଥିବା ତାଙ୍କ ପରିବାର ନିକଟକୁ ଫେରିଛନ୍ତି।

ଦିନ ଥିଲା ସରୁ, ବଡ଼ ଭାଇଙ୍କ ସହ ଟ୍ରେନ୍‌ରେ ଗୋଟିଏ ବଗିରୁ ଆଉ ଗୋଟିଏ ବଗି ବୁଲି ଭିକ୍ଷାବୃତ୍ତି କରୁଥିଲେ। କେବେ କେମିତି ଗୋଟିଏ ଦିନ ପେଟପୁରା ଖାଇବା ମିଳିଯାଉଥିଲା ତ ବାକି ଦିନ ସରୁଙ୍କ ଉପାସରେ କଟୁଥିଲା। ଏମିତି ଦିନେ ଟ୍ରେନ୍‌ରେ ବୁଲୁବୁଲୁ ସରୁଙ୍କୁ ନିଦ ହୋଇଯାଇଥିଲା। ପାଖାପାଖି ୧୦ ଘଣ୍ଟା ପରେ ତାଙ୍କ ନିଦ ଦେଖିଲାବେଳକୁ ସେ ଏକ ଅଜଣା ଜାଗାରେ ପହଞ୍ଚିଯାଇଛନ୍ତି। ମା'ଙ୍କ ପାଖକୁ ଫେରିବା ଲାଗି ଯେତେଚେଷ୍ଟା କରିଥିଲେ ବି ସେ ଫେରିପାରି ନ ଥିଲେ। ସରୁଙ୍କୁ ଏକୁଟିଆ ପାଇ ଜଣେ ବ୍ୟକ୍ତି ତାଙ୍କୁ ବକ୍ରି କରି ଦେଇଥିଲେ। ପରେ ସେ ଏକ ଅର୍ଫାନ୍ ହୋମ୍‌ରେ ଆଶ୍ରୟ ନେଇଥିଲେ। ସେଠାରୁ ତାଙ୍କୁ ଜଣେ ଅଷ୍ଟ୍ରେଲୀୟ ନାଗରୀକ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରି ବିଦେଶ ନେଇଯାଇଥିଲେ। ସରୁ କିନ୍ତୁ ପିଲା ଦିନର କଥା ଓ ନିଜ ପରବାର ଲୋକଙ୍କୁ ଭୁଲିପାରି ନ ଥିଲେ। ସେ


ପରିବାର ସହ ସରୁ

## ୨୫ ବର୍ଷ ପରେ ସତ ହେଲା ମା'ଙ୍କ ଆଶା

ନିଜପ୍ରୀୟଜନମାନଙ୍କ ନିକଟକୁ ଫେରିବାକୁ ସବୁବେଳେ ଚାହୁଁଥିଲେ। ଗଣେଶ ତଲାଇ ଫେସ୍‌ବୁକ୍ ଗ୍ରୁପ୍‌ରେ ସେ ଆଡ୍ ହେଲେ। ଏହାପରେ ଖଣ୍ଡୱା ରେଳଷ୍ଟେଶନ୍‌କୁ ଗଗୁଲ ଆର୍ଥ ଜରିଆରେ ଖୋଜିବା ଆରମ୍ଭ କରିଦେଲେ। ନିଜ ଗାଁର ନାଁ ମନେ ନ ଥିବାବେଳେ ଏହି ଆପ୍ ତାଙ୍କୁ ବହୁତ ସାହାଯ୍ୟ କରିଥିଲା। ପିଲାଦିନର ସ୍ମୃତିକୁ ସେ ଏହି ଆପ୍‌ରେ ଖୋଜିବାକୁ ଲାଗିଲେ। ବହୁ ଖୋଜାଖୋଜି ପରେ ସରୁ ନିଜ ଘର ଠିକଣା ପାଇଲେ। ଏହାପରେ ସେ ଅଷ୍ଟ୍ରେଲିଆରୁ ଆସି ନିଜ ଜନ୍ମକଲା ମା' କମଳାଙ୍କ ନିକଟରେ ପହଞ୍ଚିଛନ୍ତି। ପ୍ରିୟଜନଙ୍କୁ ପାଇ ସେ ବେଶ୍ ଖୁସି ଥିବା କହିଛନ୍ତି। ତେବେ ନିଜ ଜୀବନୀକୁ ନେଇ ସରୁ ଆଗାମୀ ଦିନରେ ଏକ ଫିଲ୍ମ ତିଆରି କରିବାର ଯୋଜନା ରଖିଛନ୍ତି। ଏହି ଅବସରରେ କମଳା କହିଛନ୍ତି, ଦିନେ ସାନ ପୁଅ ସରୁ ଘରକୁ ଫେରିବ ବୋଲି ତାଙ୍କ ଆଶା ମଉଳି ନ ଥିଲା।

## ରିମେକ୍ ଫିଲ୍ମରେ ଅଲିଜେହ

**ମୁମ୍ବାଇ:** ନିର୍ଦ୍ଦେଶକ ବିକାଶ ବହଲ୍ ତାଙ୍କ ଆଗାମୀ ଫିଲ୍ମ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତାଙ୍କ ସିନେମାର ମୁଖ୍ୟ ଚରିତ୍ରରେ ବଲିଉଡ୍‌ର ଦବଙ୍ଗ ସଲମାନ୍ ଖାଁଙ୍କ ଭାଣେଜୀ ଅଲିଜେହ ଅଗ୍ନିହୋତ୍ରୀ ନଜରକୁ ଆସିବେ। ୨୦୧୬ରେ ଆସିଥିବା ଫ୍ରେଞ୍ଚ୍-ବେଲଜିୟମ୍ ଲ୍ଲ 'ଲା ଫାମିଲେ ବେଲିଅର'ର ହିନ୍ଦୀ ରିମେକ୍ କରିବେ ନିର୍ଦ୍ଦେଶକ ବିକାଶ। ଅଲିଜେହ ଏହି ରିମେକ୍ ଫିଲ୍ମ ଜରିଆରେ ବଲିଉଡ୍ ଡେବ୍ୟୁ କରୁଛନ୍ତି। ଚଳଚ୍ଚିତ୍ରଟି ଫ୍ୟାମିଲି ଡ୍ରାମା ଉପରେ ଆଧାରିତ। ପରିବାରରେ ଏକମାତ୍ର ଶୁଣିପାରୁଥିବା ୧୬ ବର୍ଷୀୟା ଯୁବତୀ ଚରିତ୍ରରେ ଅଲିଜେହ ନଜରକୁ ଆସିବେ। ନିର୍ଦ୍ଦେଶକ ୬ ବର୍ଷ ଧରି ଏହି ଫିଲ୍ମ ଲାଗି ପ୍ରସ୍ତୁତି କରି ଆସୁଥିଲେ। ରିଲିୟାନ୍ସ ଏଣ୍ଟରଟେନ୍‌ମେଣ୍ଟ ସହ ଅଲିଜେହଙ୍କ ବାପା ଅତୁଲ ଅଗ୍ନିହୋତ୍ରୀ ଏହାର ପ୍ରଯୋଜନା କରୁଛନ୍ତି।



# ହେୟାର ଷ୍ଟାଇଲରେ ୱାର୍ଲ୍ଡ ରେକର୍ଡ





ଦୁବାଇ

ଜଣେ ଫେମସ୍ ହେୟାର ଷ୍ଟାଇଲିସ୍ ଦାନୀ ହିସ୍‌ୱାନିଙ୍କ ସବୁଠାରୁ ଉଚ୍ଚତା ବିଶିଷ୍ଟ ହେୟାର ଷ୍ଟାଇଲ୍ ପାଇଁ ତାଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ଜଣେ ମହିଳାଙ୍କ ମୁଣ୍ଡରେ ସେ ୯ ଫୁଟର ହେୟାର ଷ୍ଟାଇଲ କରିଥିଲେ। ରେକର୍ଡ ମୁତାବକ, ଦାନୀ ଫ୍ୟାଶନ ଦୁନିଆରେ ୭ ବର୍ଷ ହେବ ଅଛନ୍ତି। ସେ ତାଙ୍କ କାମକୁ ଏକ କଳା ଭାବେ ଦେଖିଥାନ୍ତି। ଏହା ପୂର୍ବରୁ ସେ ଜଣେ ମହିଳାଙ୍କ ମୁଣ୍ଡରେ ଛୋଟ ଖ୍ରୀସ୍‌ମାସ ଟ୍ରି କରିଥିଲେ। କିନ୍ତୁ ଏବେ ସେ ଏକ ବଡ଼ ଖ୍ରୀସ୍‌ମାସ୍ ଟ୍ରି କରିବାର ଚ୍ୟାଲେଞ୍ଜ ନେଇଥିଲେ। ଏଥିରେ ସେ ସଫଳ ହୋଇ ଗିନିଜ୍ ୱାର୍ଲ୍ଡ ରେକର୍ଡ ବୁକ୍‌ରେ ନାମ ଲେଖାଇ ପାରିଛନ୍ତି। ସେ ଉକ୍ତ ମହିଳାଙ୍କ ମୁଣ୍ଡରେ ଏକ ହେଲମେଟ୍ ପିନ୍ଧାଇ ତା' ଉପରେ ଏହି ଖ୍ରୀସ୍‌ମାସ୍ ଟ୍ରି ତିଆରି କରିଥିଲେ।

# ଏକତା ହିଁ ଶକ୍ତି

କୁହାଯାଏ ଏକତା ହିଁ ସବୁଠାରୁ ବଡ଼ ଶକ୍ତି। ଏହାଦ୍ୱାରା ବିଭିନ୍ନ ସମସ୍ୟାର ସମାଧାନ ସହଜରେ ହୋଇପାରେ। ପ୍ରାକୃତିକ ବିପର୍ଯ୍ୟୟ ହେଉ ଅବା ଦେଶ ଦେଶ ମଧ୍ୟରେ ବିବାଦ ସମସ୍ତ ସମସ୍ୟାର ସହଜ ସମାଧାନ ପାଇଁ ଏକଜୁଟ ହେବା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। ବିଶ୍ୱସ୍ତରରେ ଏକତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଡିସେମ୍ବର ୨୦ରେ ଅନ୍ତର୍ଜାତୀୟ ମାନବ ଏକତା ଦିବସ ପାଳନ କରାଯାଇଥାଏ। ମିଳିତ ଜାତିସଂଘ ଏବଂ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ଏହି ଦିବସର ଅଧିକ ଗୁରୁତ୍ୱ ରହିଥାଏ। ଏହି ଦିବସ ପାଳନର ମୂଳ ଲକ୍ଷ୍ୟ ହେଉଛି ସଦସ୍ୟ ରାଷ୍ଟ୍ରଗୁଡ଼ିକର ଦାରିଦ୍ର୍ୟ ହ୍ରାସ କରିବା ତଥା ଦାରିଦ୍ର୍ୟ ହ୍ରାସ ରଣନୀତି ପ୍ରସ୍ତୁତ କରିବା।

### ଅନ୍ତର୍ଜାତୀୟ ମାନବ ଏକତା ଦିବସ

ସ୍ଥାୟୀ ବିକାଶ ଲକ୍ଷ୍ୟ ମାଧ୍ୟମରେ ଦାରିଦ୍ର୍ୟ ତଥା ଅନ୍ୟାନ୍ୟ ସାମାଜିକ ପ୍ରତିବନ୍ଧକ ବିରୋଧରେ ଏକଜୁଟ ହୋଇ ଲଢ଼େଇ କରିବା ଲାଗି ଏହି ଦିବସ ପାଳନ ଅବସରରେ ବିଭିନ୍ନ ସଦସ୍ୟ ରାଷ୍ଟ୍ରର ସରକାରଙ୍କୁ ଉତ୍ସାହିତ କରାଯାଇଥାଏ। ୨୦୦୫ରେ ବିଶ୍ୱ ଶିଖର ସମ୍ମିଳନୀରେ ଜାତିସଂଘ ସାଧାରଣ ସଭା ଦ୍ୱାରା ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅନ୍ତର୍ଜାତୀୟ ମାନବ ଏକତା ଦିବସ ହେଉଛି ବିବିଧତା ମଧ୍ୟରେ ଆମର ଏକତାକୁ ପାଳନ କରିବାର ଦିନ। ଅନ୍ତର୍ଜାତୀୟ ଚୁକ୍ତିନାମା ପ୍ରତି ଦେଇଥିବା ପ୍ରତିଶ୍ରୁତିକୁ ସମ୍ମାନ କରିବାକୁ ପ୍ରତି ସଦସ୍ୟ ରାଷ୍ଟ୍ରର ସରକାରଙ୍କୁ ମନେପକାଇବା ଲାଗି ଗୋଟିଏ ଦିନ।

## ଜୋତା ପାଇଁ ୮୦୩ ଦିନ ଅପେକ୍ଷା

ଡବ୍‌ଲିନ୍: ବର୍ତ୍ତମାନ ସମୟରେ ସମସ୍ତେ ଅନ୍‌ଲାଇନ୍ ଅର୍ଡର କରିବାକୁ ପସନ୍ଦ କରୁଛନ୍ତି। ଯଦ୍ୱାରା ସେମାନେ ତାଙ୍କ ପସନ୍ଦର ଜିନିଷ କିଛିଦିନ ମଧ୍ୟରେ ପାଇଯାଉଛନ୍ତି। ତେବେ ନିକଟରେ ଏମିତି ଏକ ଘଟଣା ଘଟିଛି, ଯେଉଁଥିରେ ଅର୍ଡର କରିଥିବା ଜଣେ ମହିଳାଙ୍କୁ କମ୍ପାନୀ ପକ୍ଷରୁ ୨ ବର୍ଷ ଅପେକ୍ଷା କରିବାକୁ ମେସେଜ୍ ଆସିଛି। ଜିସେ କିରି କିଂସେଲା ନାମ୍ନୀ ମହିଳା କିଛିଦିନ ତଳେ ଅନ୍‌ଲାଇଲ୍ ଶପିଂ ଆପ୍ 'ଏଏସ୍‌ଓଏସ୍'ରୁ ଏକ ଜୋତା ଅର୍ଡର କରିଥିଲେ। ଅର୍ଡର କରିବାର କିଛି ସମୟ ପରେ ତାଙ୍କ ମୋବାଇଲକୁ ଏକ ମେସେଜ୍ ଆସିଥିଲା। ସେଥିରେ ଅର୍ଡର ଥିବା ଜୋତା ପାଇବାକୁ ୮୦୩ ଦିନ ଅର୍ଥାତ୍ ୨ ବର୍ଷ ୨ ମାସ ସମୟ ଲାଗିବ ବୋଲି ଲେଖାଥିଲା।

## ସୁନ୍ଦର ଦିଶିବା ପାଇଁ ୧ କୋଟି ଖର୍ଚ୍ଚ

ଲଣ୍ଡନ: ବ୍ରିଟେନ୍‌ର ଜଣେ ମହିଳା ଇନ୍‌ଫ୍ଲୁଏନ୍ସର ସୁନ୍ଦର ଦେଖାଯିବା ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ କରିଥିବା ଜଣାପଡ଼ିଛି। ଟ୍ରେସିଙ୍କର ଛୋଟବେଳେ ବହୁତ ଚୁଟି ଥିଲା। କିନ୍ତୁ ପରେ କେମିକାଲ ବ୍ୟବହାର ଫଳରେ ତାଙ୍କ ମୁଣ୍ଡରୁ ଚୁଟି ଝଡ଼ିବାକୁ ଲାଗିଲା। ସେ ଏଥିପାଇଁ ହେୟାର ଟ୍ରାନ୍ସପ୍ଲାଣ୍ଟ କରିବାକୁ ନିଷ୍ପତ୍ତି ନେଲେ। ଏଥିରେ ତାଙ୍କ ପରିବାର ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କିନ୍ତୁ ପର ମୁହୂର୍ତ୍ତରେ ସେ ୧ କୋଟି ଟଙ୍କା ବ୍ୟୟ କରି ହେୟାର ଟ୍ରାନ୍ସପ୍ଲାଣ୍ଟ କରିଥିଲେ।


GOVERNMENT OF ODISHA No.A-894
**Office of the Superintending Engineer, Berhampur Irrigation Division, Berhampur**
Phone/FAX No. 0680 2281983, e-mail: eebam_irr@yahoo.com
**e-Procurement Notice No. e-BEID-03/2022-23**

1. Name of the Scheme : Critical, State Plan, Flood Protection, Restoration & Road works for the F.Y. 2022-23
2. Total No. of Works : 21 (Twenty One) Nos. of Individual works.
3. Estimated Cost : Varies from Rs.8.47 Lakhs to Rs.38.13 Lakhs.
4. Period of Completion : Varying from Two to Six months.
5. Other details as follows :

| Sl. No. | Procurement Officer | Bid Identification No. | Period of availability of Bids online | Period of submission of Bids online | Date and Place of opening of Bids online |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 to 21 | Superintending Engineer, Berhampur Irrigation Division, Berhampur | e-BEID-72/ 2022-23 to e-BEID-92/ 2022-23 | From 21.12.2022 (10.00 A.M.) to 30.12.2022 (5.30 P.M.) | From 21.12.2022 (10.00 A.M.) to 30.12.2022 (5.30 P.M.) | 31.12.2022 (11.00 A.M.) in the Office of the Superintending Engineer, Berhampur Irrigation Division |

Bidders are to participate in online bidding only. Further details can be seen from the Govt. of Odisha e-Procurement Web-site **www.tendersorissa.gov.in**. Any addendum/Corrigendum/cancellation of the tender can be seen in the above website only.
OIPR-32025/11/0005/2223 Sd./- Superintending Engineer, Berhampur Irrigation Division

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA**
e-mail - serwsbd2003@yahoo.com
No.5083 **1st Corrigendum** Dt:17.12.2022
**No.O-1467:**In continuation to this office Bid Identification No- CCERWCSBD Online-34/2022-23 invited vide this office Notice No. 4840 Dtd. 03.12.2022, partial modification of TCN has been made as follows:-

| Sl No. | Item | Time Schedule as per original TCN | Time Schedule as per Corrigendum Notice |
|---|---|---|---|
| 1 | Availability of Tender online for bidding | 09.12.2022 at 11 .00 AM to 29.12.2022 up to 5.30 PM | Extended from 21.12.2022 at 11. 00 AM to 11. 01. 2023 up to 5.30 PM |
| 2 | Date and Time of seeking tender clarification if any | 28.04.2022 up to 2.00 PM | 09.01.2023 up to 2.00 PM |
| 3 | Date & Time of opening of tender (Technical Bid) | 30.12.2022 at 11.00 AM | 12.01. 2023 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the Successful bidders | Will be intimated later on to the successful bidders |

All other terms and conditions will remain unaltered.
Sd./- Chief Construction Engineer, Rural Works Circle, Sunabeda
OIPR-25182/11/0046/2223

GOVERNMENT OF ODISHA , DEPARTMENT OF WATER RESOURCES
**OFFICE OF THE CHIEF ENGINEER & BASIN MANAGER, TEL BASIN, BHAWANIPATNA**
E-mail ID: cetelbasinbhp@gmail.com/ Phone No: 06670-230209
**NOTICE INVITING TENDER**
**E-Procurement Notice No:- CE&BM, TEL -12/2022-23, Bid Identification No: CETEL-TID-03/2022-23**
**No.A-890:**The Chief Engineer & Basin Manager, Tel Basin, Bhawanipatna on behalf of Governor of Odisha invites on-line percentage rate tender through e-procurement in double cover system.
**Table - 1: Details of Critical Dates, details of work, Bid Security**

| Pkg. No. | Name of Works | Approx. Tender Cost in lakh | Class of Contractor | Bid Security/ EMD(Online) (in INR) | Cost of tender document (online) (in INR) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of FPE on Tel left from Karlamuhan to Maraduguccha from RD 00m to RD 7500m and from RD 18000m to RD 28500M under NABARD Assistance RIDF-XXVI | Rs.4489.51 (Excluding GST) | 'Super' & 'Special' Class | NIL (Bid Security Declaration to be furnished) | Rs.10,000/- | 24 (Twenty Four) Calendar Months |

**Table-2: e-Procurement Details**

| Procurement Officer | Bid Identification No. | Availability of tender online for bidding | | Date of Seeking tender clarification | Date & Time of opening of tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Chief Engineer & Basin Manager, Tel Basin, Bhawanipatna | CETEL-TID 03/2022-23 | Dt.22.12.2022 at 10.00 hours | Dt.16.01.2023 upto 17.30 hours | Dt.22.12.2022 to 13.01.2023 at office during office hours | Dt.17.01.2023 at 11.00 hours | To be intimated after evaluation of Technical Bid | Office of Chief Engineer & Basin Manager, Tel Basin, Bhawanipatna |

Further details can be seen from the Govt. Website www.tendersodisha.gov.in
*Other Terms & conditions can be seen from the Government website www.tendersodisha.gov.in
*The Corrigendum/ cancellation of Tender, if any, will be uploaded and can be seen from the above website only.
OIPR-32317/11/0016/2223 Sd./- Chief Engineer & Basin Manager, Tel Basin, Bhawanipatna

Government of Odisha
W & CD Department
No:WCD-IT-MISC-0002-2022/ 21277 Dated: 19/12/2022
**QUOTATION TENDER CALL NOTICE FOR OUTSOURCING IT MANPOWER SERVICE**
**No.g-80:**Sealed tender is invited for the Selection of an Agency for the deployment of IT resources for Software/Website/ Application Development, Maintenance, data analytics, regular monitoring and reporting on various online welfare services/ programs implemented by the Department of Women and Child Development. The details of the bidding process are as follows:

| Sl# | Items | Date & Time |
|---|---|---|
| (a) | Last date for receiving pre-bid queries through email | 21/Dec/2022 |
| (b) | Pre-Bid meeting/conference | 22/Dec/2022 (3 PM to 4 PM) |
| (c) | Last date of receipt of Bids | 31/Dec/2022 |
| (d) | Opening of Technical Bid | 03/Jan/2023 |
| (e) | Technical Presentation | 06/Jan/2023 |
| (f) | Opening of Commercial Bid | 10/Jan/2023 |

The bid document containing eligibility criteria, the scope of the work and other terms and conditions of the tender can be downloaded from the website https://wcd.odisha.gov.in.
**Complete Address for Submission of Bid:**
**The Additional Secretary to Government, IT Section, W & CD Department, Government of Odisha Lokseva Bhawan, Bhubaneswar-751001, Phone:9437087251 Email: itwcdodisha@gmail.com**
Sd./- Addl. Secretary to Government
OIPR-46005/11/0006/2223

**COLLECTORATE, RAYAGADA**
(Culture Section)
Notice No.: 293/2022 Date: 16.12.2022
No.RR-47:- Collector, Rayagada invites sealed "**Request for Proposal for Selection of Event Management Company / Firms / Agencies for Tentage & Allied Works for Chaiti & Palishree Mela-2022**" as per specifications from Event Management Agencies/Companies/Firms for Tentage & Allied Works for Chaiti & Pallishree Mela-2022 through two bid system.
Detailed RFP documents comprising Background, scope of work, Technical evaluation criteria, Financial Bid evaluation and annexure for submitting the RFP an be downloaded from district website www.rayagada.nic.in during the notice period.
RFP documents can be downloaded from district website during the notice period; **1.** Last date for submission of RFP documents: 26.12.2022 by 05.30 PM through Regd. Post/ Speed post/courier/dropped in the RFP box only; **2.** Technical Bid will be opened on: 27.12.2022 at 10.30 AM; **3.** Financial Bid will be opened on: 27.12.2022 at 11.30 AM; **4.** The cost of RFP Paper is Rs. 5,000/- (Rupees Two Thousand) (non-refundable) will only be received in shape of Banker's Cheque/Demand Draft only drawn in favour of "Collector, Rayagada" payable at Rayagada from any scheduled commercial bank; 5. EMD Rs. 5,00,000/- (Rupees Five lakh) only must be submitted in shape of Demand Draft / Bank Guarantee / TDR / NSC In favour of "Collector, Rayagada" drawn from any scheduled commercial bank payable at Rayagada.
**The authority reserves the right to reject any or all RFP without assigning any reason thereof.**
OIPR-24169/11/0023/2223 Sd./- Collector, Rayagada

GOVERNMENT OF ODISHA No.B-995:
**OFFICE OF THE CHIEF CONSTRUCTION ENGINEER JEYPORE (R&B) CIRCLE, JEYPORE**
e-mail ID - supenger_rbjyp@yahoo.co.in,
Phone No - 06854 - 231528
**INVITATIONS FOR BIDS (IFB)**
**Bid Identification No. C.C.E.J.C (R&B) - 13/2022-23**
No.4905 Date. 17.12.2022

1. Nature of the work : ROAD WORKS
2. Total No. of Works : 02 (Two) Nos.
3. Estimated cost : Rs. 415.12 Lakhs to 447.82 Lakhs As per works.
4. Period of completion : 03 (Three) Months Each.
5. Cost of Bid Document : Rs. 10,000/- Each.
6. Bid Security (EMD) : Bid Security Declaration (Schedule-K)
7. Class of Contractor : "A" Class as per cl no. 05 of TCN.
8. Date & time of availability of bid Document in the portal : From 10.00 hours of 21.12.2022 to 17.00 hours of 27.12.2022
9. Last date / Time for receipt of bids in the Portal : 17.00 hours of 27.12.2022
10. Opening date of Bid : 10.00 hours of 28.12.2022
11. Name and address of the Officer Inviting Bid : Chief Construction Engineer, Jeypore (R&B) Circle, Jeypore

Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.
Sd./- Chief Construction Engineer Jeypore (R&B) Circle, Jeypore
OIPR-34027/11/0009/2223

See Career Appointment on every Wednesday & Saturday

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER
KEONJHAR IRRIGATION DIVISION, KEONJHAR
'e' Procurement Notice No. KID-01/2022-23
Bid ID No. KID - 01/2022-23
Email - eekjrirrdivn@gmail.com
**CANCEL CORRIGENDUM**
No. A-885:- Tender Reference No. KID-01/2022-23 **(Canal Embankment for the year 2022-23) 23 Nos. of works.**
Other details remain unchanged.
Sd./- Executive Engineer, Keonjhar Irrigation Division, Keonjhar
OIPR-32476/11/0003/2223

GOVERNMENT OF ODISHA No.A-887:
DEPARTMENT OF WATER RESOURCES
**Office of the Executive Engineer Lower Indra R&R C&B Division**
At/Po: Khariar, Dist. Nuapada, e-mail ID- eelirrcbdivision@gmail.com
e-Procurement Notice No. - EELIRRCBD-01/2022-23 Dated 17.12.2022
**Bidders registered themselves under CDMS portal can only participate in the bidding process after 31.12.2020 as per works Deptt. Letter No. 9100, dated 17.07.2020.**

| | | |
|---|---|---|
| 1 | Nature and no. of works | Raising of Periphery road connecting village Matiapadar and Rajana of Lower Indra Irrigation Project. Khariar, Dist. Nuapada. |
| 2 | Tender value of works | 49.25 Lakhs as per DTCN |
| 3 | Period of completion | 06 (Six) Calendar months as per DTCN |
| 4 | Availability of tender in portal for bidding. | From 27.12.2022 at 10.00 AM to 10.01.2023 up to 5.00 PM |
| 5 | Date of opening of bid | 11.01.2023 at 11.30 AM |
| 6 | Tender Inviting Authority | Executive Engineer, LI R&R C&B Division, Khariar, Dist- Nuapada, PIN- 766107. e-mail ID - eelirrcbdivision@gmail.com |

Further details can be seen from the e-Procurement Portal https://tendersodisha.gov.in. Any addendum / corrigendum / cancellation of tender will be published in this website.
Sd./- Executive Engineer LI R&R C&B Division, Khariar
OIPR-32189/11/0001/2223

GOVERNMENT OF ODISHA No.A-896
DEPARTMENT OF WATER RESOURCES
**INVITATION FOR BIDS (IFB)**
**"e" Procurement Notice-3/2022-23**
**BID IDENTIFICATION NO. SAL-BDK-3-P1 OF 2022-23**

1. Name of work :- Maintenance of Canal and Embankment (River & Saline) works
2. Class of Contractor :- Varies from "D" Class to "B" Class
3. No of works :- 16 Nos. (Details as per NIT available in website)
4. Value of Work :- Rs.13.85 lakhs to 40.70 lakhs
5. Time of Completion :- 3 Calendar Months
6. Type of Bid :- Percentage Bid
7. Summary for key dates is provided below

| Procurement Officer | Bid Identification No. | Availability of tender for online bidding | | Date & time of opening Bid |
|---|---|---|---|---|
| | | From | To | |
| Superintending Engineer, Salandi Canal Division, Bhadrak | SAL-BDK-3 P1 OF 2022-23 | 23.12.2022 at 11.00 AM | 06.01.2023 UPTO 5.00 PM | 07.01.2023 at 11.00 A.M. |

Further details can be seen from the website http.//www.tendersorissa.gov.in / www.dowrodisha.gov.in. Any addendum/ Corrigendum/ Cancellation to the above notice will be published in this website only.
Sd./- Superintending Engineer, Salandi Canal Division, Bhadrak
OIPR-32005/11/0005/2223

GOVERNMENT OF ODISHA No.A-891:
**OFFICE OF THE EXECUTIVE ENGINEER MINOR IRRIGATION DIVISION, PADAMPUR**
AT/P.O-Padampur, Dist-Bargarh, PIN-768036
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
(WORLD BANK PROJECT ID: PI63533)
REQUEST FOR BIDS(RFB) E Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS
RFB No. OIIPCRA-BGH / W2-01 / 2022-23 Date. 12.12.2022

| | |
|---|---|
| Name of Work: | Modernization works of MIPs under M.I. Division, Padampur |
| Total No. of Works | 4 Nos. |
| Estimated Cost of Works(s): | Varies Approximately from 12.66 Lakh to 32.76 Lakh (Total estimated cost of the 4Nos. of Works 85.81 Lakh } |
| Cost of Bid Document: | Free of Cost. |
| Time for Completion: | Refer to DTCN |
| Availability of Bid Documents: | From 23.12.2022 10.00 Hrs to 23.01.2023 up to 15.00 Hrs through online. |
| Date of Pre-Bid Meeting: | On dt 27.12.2022 11.30 Hrs. |
| Period for receipt of bid(s): | From 23.12.2022 11.00 Hrs to 23-01-2023 up to 15.00 Hrs online. |
| Payment of bid cost/bid security: | Shall be Paid On-Line through the E-Procurement portal of Govt. of Odisha. |
| Date of opening of bid(s): | On dt: 23.01.2023 15.30 Hrs onwards. |
| Details about the tender: | Available in website of www.dowrodisha.gov.in and www. tendersodisha.gov. in |
| Name/ Address of the OIT: | Executive Engineer, M.I. Division, Padampur, At/PO-Padampur /Dist: Bargarh, PIN-768036 E-Mail:- eemipad@yahoo.co.in |

Executive Engineer M.I.Division, Padampur
OIPR-32037/11/0007/2223

## ସଂକ୍ଷେପରେ

### ଆଲ୍ଲାହାବାଦ ୟୁନିଭର୍ସିଟିରେ ଛାତ୍ର-ଗାର୍ଡ ସଂଘର୍ଷ

**ଲକ୍ଷ୍ନୌ,୧୯।୧୨:** ଆଲ୍ଲାହାବାଦ ୟୁନିଭର୍ସିଟି କ୍ୟାମ୍ପସରେ ପ୍ରବେଶକୁ ନେଇ ସୋମବାର ସନ୍ଧ୍ୟାରେ ଛାତ୍ର ଓ ସୁରକ୍ଷା ଗାର୍ଡଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ୟୁନିଭର୍ସିଟି ଗେଟ୍‌ରେ ଥିବା ପୋଲିସକର୍ମୀଙ୍କ ଉପରକୁ ଛାତ୍ରମାନେ ଟେକା ଫିଙ୍ଗିଥିବାବେଳେ ଉତ୍ତ୍ୟକ୍ତ ଛାତ୍ର ଏକ ମୋଟର ସାଇକେଲ ଜଳାଇ ଦେଇଛନ୍ତି। ସୂଚନା ପାଇ ପୋଲିସ ସେଠାରେ ପହଞ୍ଚି ଘଟଣାକୁ ଆୟତ୍ତ କରିଥିଲା। କିଛିମାସ ପୂର୍ବେ ୟୁନିଭର୍ସିଟି ଫି' ବୃଦ୍ଧି ନେଇ ବିକ୍ଷୋଭ କରିଥିବା ଛାତ୍ର ସଂଗଠନର ନେତା କ୍ୟାମ୍ପସରେ ଥିବା ବ୍ୟାଙ୍କ ଯାଉଥିବାବେଳେ ଗାର୍ଡ ତାଙ୍କୁ ଭିତରକୁ ଛାଡ଼ି ନ ଥିଲା। ଫଳରେ ଗାର୍ଡ ଓ ଛାତ୍ରଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ମାଡ଼ଗୋଳ ସ୍ଥିତି ଉପୁଜିଥିଲା।

### ପରିବାରର ୬ ଜୀବନ୍ତ ଦଗ୍ଧ ଘଟଣା
### ଘରେ ନିଆଁ ଲଗାଇବାକୁ ସୁପାରି ଦିଆଯାଇଥିଲା

**ହାଇଦ୍ରାବାଦ ,୧୯।୧୨:** ତେଲଙ୍ଗାନାର ମଞ୍ଚେରିଆଲ ଜିଲାରେ ଗତ ଶନିବାର ଭୋର ସମୟରେ ଏକ ଘରେ ନିଆଁ ଲାଗି ପରିବାରର ୬ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଜିଲାର ଭେଙ୍କଟପୁରରେ ଗ୍ରାମ ରାଜସ୍ୱ ସହାୟକ (ଭିଆର୍‌ଏ)ଙ୍କ ଘରେ ନିଆଁ ଲଗାଇବା ପାଇଁ ସୁପାରି ଦିଆଯାଇଥିଲା ବୋଲି ପୋଲିସ ସନ୍ଦେହ କରୁଛି। ଘଟଣା ପଛରେ ପରକୀୟା ପ୍ରୀତି ରହିଥିବା ପୋଲିସ ଜାଣିବାକୁ ପାଇଛି। ଭିଆର୍‌ଏ ଶିବାୟାଙ୍କ ସ୍ତ୍ରୀ ପଦ୍ମା (୪୫)ଙ୍କ ସହ ତାଙ୍କର ପାରିବାରିକ ବନ୍ଧୁ ଶାନ୍ତିଆହ ଅନୈତିକ ସମ୍ପର୍କ ରଖିଥିଲେ। ଶାନ୍ତିଆହ ତାଙ୍କ ସ୍ତ୍ରୀ ସୃଜନାଙ୍କଠାରୁ ଅଲଗା ହୋଇ ଭିଆର୍‌ଏଙ୍କ ଘର ନିକଟରେ ରହୁଥିଲେ। ନିଆଁ ଲାଗିବାର କାରଣ ସମ୍ପର୍କରେ ଫୋରେନ୍‌ସିକ ରିପୋର୍ଟକୁ ଅପେକ୍ଷା କରାଯାଇଥିବା ପୋଲିସ କହିଛି। କେତେଜଣ ସନ୍ଦିଗ୍ଧଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

### ୧୯୭୧ ଯୁଦ୍ଧର ହିରୋ ରାଠୋଡ଼ଙ୍କ ପରଲୋକ



**ଯୋଧପୁର, ୧୯।୧୨:** ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧର ହିରୋ କୁହାଯାଉଥିବା ଲାନ୍ସ ନାଏକ ଭୈରୋଂ ସିଂ ରାଠୋଡ଼ଙ୍କ ସୋମବାର ପରଲୋକ ଘଟିଛି। ଥଣ୍ଡା ଓ ଛାତିରେ ଯନ୍ତ୍ରଣା ଯୋଗୁ କିଛିଦିନ ଧରି ଅସୁସ୍ଥ ଥିବା ଭୈରୋଂ ସିଂ ଯୋଧପୁରର ଏମ୍ସରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଯୁଦ୍ଧରେ ଭୈରୋଂ ତାଙ୍କ ମେଶିନ୍ ଗନ୍ ସାହାଯ୍ୟରେ ବହୁ ପାକିସ୍ତାନୀ ସୈନ୍ୟଙ୍କୁ ନିହତ କରିଥିଲେ। ଯୁଦ୍ଧରେ ତାଙ୍କ ବୀରତ୍ୱ ପାଇଁ ୧୯୭୨ରେ ତାଙ୍କୁ ସେନା ମେଡାଲ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ରେ କାର୍ଯ୍ୟ କରୁଥିବା ଭୈରୋଂ ସିଂ ୧୯୮୭ରେ ଚାକିରିରୁ ଅବସର ନେଇଥିଲେ। ଭୈରୋଂ ସିଂଙ୍କ ଜୀବନୀକୁ ନେଇ ବଲିଉଡ୍‌ରେ 'ବର୍ଡର' ନାମରେ ଫିଲ୍ମ ତିଆରି ହୋଇଥିଲା, ଯେଉଁଥିରେ ଭୈରୋଂଙ୍କ ଭୂମିକାରେ ସୁନୀଲ ସେଟ୍ଟୀ ଅଭିନୟ କରିଥିଲେ।

### ୪ର୍ଥ ଶ୍ରେଣୀ ଛାତ୍ରଙ୍କୁ ବାଲକୋନିରୁ ଠେଲି ହତ୍ୟା

**ବେଙ୍ଗାଲୁରୁ ,୧୯।୧୨:** କର୍ନାଟକର ହଗଲି ଗ୍ରାମର ଆଦର୍ଶ ପ୍ରାଇମେରୀ ସ୍କୁଲ ଶିକ୍ଷକ ମୁଥାପ୍ପା ସ୍କୁଲର ୪ର୍ଥ ଶ୍ରେଣୀ ଛାତ୍ରଙ୍କୁ ବାଲକୋନିରୁ ଠେଲି ହତ୍ୟା କରିଛନ୍ତି। ପ୍ରଥମେ ମୁଥାପ୍ପା ୧୦ ବର୍ଷ ବୟସର ଭରତଙ୍କୁ ବେଲଚାରେ ପିଟିଥିଲେ, ଏହାପରେ ତାଙ୍କୁ ବାଲକୋନିରୁ ତଳକୁ ଠେଲିଦେଇଥିବା ଗଡକ ଜିଲା ବରିଷ୍ଠ ପୋଲିସ ଅଧିକାରୀ ଶିବପ୍ରକାଶ ଦେବରାଜୁ କହିଛନ୍ତି। ଭରତଙ୍କ ମା' ଗୀତା ବରକର ସେହି ସ୍କୁଲର ଶିକ୍ଷୟିତ୍ରୀ ହୋଇଥିବାବେଳେ ମୁଥାପ୍ପା ଏ ଘଟଣା ନେଇ ତାଙ୍କୁ ମାଡ଼ ମାରିଥିବା ଜଣାପଡ଼ିଛି। ମୁଥାପ୍ପା ବର୍ତ୍ତମାନ ଫେରାର୍ ଥିବାବେଳେ ପୋଲିସ ତାଙ୍କ ଖୋଜାଖୋଜି ଚଳାଇଛି।

## କର୍ନାଟକ-ମହାରାଷ୍ଟ୍ର ବିବାଦ
# ବେଲଗାଭିରେ ୧୪୪ ଧାରା
## ସୀମାରେ ୩୦୦ ନେତା ଅଟକ



**ବେଲଗାଭି/ନୂଆଦିଲ୍ଲୀ ,୧୯।୧୨**

ମହାରାଷ୍ଟ୍ର-କର୍ନାଟକ ସୀମା ବିବାଦ ସୋମବାର ଉଗ୍ର ରୂପ ଧାରଣ କରିଛି। ମହାରାଷ୍ଟ୍ର ଏକୀକରଣ ସମିତି (ଏମ୍‌ଇଏସ୍)ର ସଦସ୍ୟଙ୍କ ସହ ଏନ୍‌ସିପି ନେତାମାନେ ବେଲଗାଭିରେ ପ୍ରବେଶ ଅନୁମତି ଦାବି କରି ବିକ୍ଷୋଭ କରିବା ପରେ ସୀମାନ୍ତ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। କର୍ନାଟକ ବିଧାନସଭାରେ ବି.ଏସ୍. ବୋମାଇ ସରକାରଙ୍କ ଶେଷ ଶୀତ ଅଧିବେଶନ ସୋମବାର ଆରମ୍ଭ ହୋଇଥିବାବେଳେ ଏନ୍‌ସିପି ସମେତ ଶିବସେନା ନେତାମାନେ ବିକ୍ଷୋଭ ଯୋଜନା କରିଥିଲେ। ସୀମାରେ ୩୦୦ରୁ ଊର୍ଦ୍ଧ୍ୱ ଏନ୍‌ସିପି, କଂଗ୍ରେସ ଓ ଶିବସେନା ସଦସ୍ୟ ବେଲଗାଭିରେ ପ୍ରବେଶ ଉଦ୍ୟମ କରୁଥିବାବେଳେ ସେମାନଙ୍କୁ କର୍ନାଟକ ପୋଲିସ ଅଟକ ରଖି ଫେରାଇ ଦେଇଛି। ସେହିପରି ମହାରାଷ୍ଟ୍ର ପୋଲିସ ମଧ୍ୟ କେତେଜଣଙ୍କୁ ଅଟକ ରଖିଥିଲା। ତିଲକୱାଡ଼ିଠାରେ ଏମ୍‌ଇଏସ୍‌ର ବିକ୍ଷୋଭକୁ ରୋକିବା ଲାଗି ବ୍ୟାପକ ପୋଲିସ ମୁତୟନ ହେବା ସହ ବେଲଗାଭିରେ ୧୪୪ ଧାରା ଜାରି ହୋଇଛି।

ମହାରାଷ୍ଟ୍ର ଏକୀକରଣ ସମିତିର ସଦସ୍ୟମାନେ ୫ ଦଶନ୍ଧିର ସୀମା ବିବାଦ ପ୍ରସଙ୍ଗ ଉଠାଇ ଶୀତ ଅଧିବେଶନ ପୂର୍ବରୁ ବଡ଼ ଧରଣର ବିକ୍ଷୋଭ ଯୋଜନା କରିଥିଲେ। ସୀମା ବିବାଦ ପାଇଁ ମହାରାଷ୍ଟ୍ର କଂଗ୍ରେସ ସଭାପତି ନାନା ପାଟୋଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭାଜନ ନୀତିକୁ ଦାୟୀ କରିଛନ୍ତି। ମୋଦି ମହାରାଷ୍ଟ୍ରକୁ ବିଭାଜିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକ ବସିବା ସତ୍ତ୍ୱେ ସୀମା ବିବାଦର ସମାଧାନ ହୋଇପାରି ନାହିଁ। ନେତାମାନଙ୍କୁ ବେଲଗାଭି ଛଡ଼ା ନ ଯିବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟକୁ ସ୍ପଷ୍ଟ କରୁଛି ବୋଲି କଂଗ୍ରେସ ନେତା କହିଛନ୍ତି। ଏହି ମାମଲା ଉପରେ ସୁପ୍ରିମକୋର୍ଟ ରାୟ ନ ଶୁଣାଇବା ପର୍ଯ୍ୟନ୍ତ ଦୁଇ ରାଜ୍ୟ ସୀମାକୁ ନେଇ ଦାବି ଉଠାଇବେ ନାହିଁ ବୋଲି ଶାହାଙ୍କ ସହ ବୈଠକରେ ଦୁଇ ମୁଖ୍ୟମନ୍ତ୍ରୀ ରାଜି ହୋଇଥିଲେ। ତେବେ ଏହା ମହାରାଷ୍ଟ୍ର ଗର୍ବର ପ୍ରସଙ୍ଗ ହୋଇଥିବା କହି ଏହା ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସୋମବାର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ଆମେ ଆମ ଲୋକଙ୍କ ସହ ରହିଛୁ ଏବଂ ସବୁ ଆବଶ୍ୟକତା ଯୋଗାଇ ଦେବୁ ବୋଲି ଶିନ୍ଦେ କହିବା ସହ କର୍ନାଟକ ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍‌କୁ ବିରୋଧ କରିଛନ୍ତି।

ମହାରାଷ୍ଟ୍ର-କର୍ନାଟକ ସୀମା ବିବାଦ ବିଶେଷଜ୍ଞ କମିଟି ମୁଖ୍ୟ ତଥା ମହାରାଷ୍ଟ୍ର ଏମ୍‌ପି ଧୈର୍ଯ୍ୟଶୀଳ ସାମ୍ଭାଜିରାଓ ମାନେ ସୋମବାର ବେଲଗାଭି ଗସ୍ତ କରିବାକୁ ଥିବାବେଳେ ଜିଲା ପ୍ରଶାସନ ତାଙ୍କୁ ବାରଣ କରିଥିଲା। ମହାରାଷ୍ଟ୍ର ଏମ୍‌ପିଙ୍କ ପ୍ରବେଶ ଯୋଗୁ ଆଇନ ଶୃଙ୍ଖଳା ସ୍ଥିତି ଉପୁଜିପାରେ ବୋଲି ପୋଲିସ ଏଡିଜି ଆଲୋକ କୁମାର କହିଥିଲେ। କର୍ନାଟକ ବିଧାନସଭା ଅଧିବେଶନ ସମୟରେ ବିକ୍ଷୋଭ ପାଇଁ ୬୧ଟି ସଂଗଠନ ଅନୁମତି ଲୋଡ଼ିଥିଲେ। ଆଇନ ଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ବେଲଗାଭିରେ ୬ ଏସ୍‌ପି, ୧୧ ଏଏସ୍‌ପି, ୪୩ ଡିଏସ୍‌ପିଙ୍କ ସମେତ ୪,୦୦୦ରୁ ଊର୍ଦ୍ଧ୍ୱ ପୋଲିସ ମୁତୟନ ହୋଇଛନ୍ତି।

### ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ରାମାଫୋସା ଏଏନ୍‌ସି ନେତା ନିର୍ବାଚିତ



**ଜୋହାନ୍ସବର୍ଗ ,୧୯।୧୨(ପି.ଟି.)**

ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା ସୋମବାର ଶାସକ ଦଳ ଆଫ୍ରିକାନ୍ ନ୍ୟାଶନାଲ କଂଗ୍ରେସ (ଏଏନ୍‌ସି) ଅଧ୍ୟକ୍ଷ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ୭୦ ବର୍ଷୀୟ ରାମାଫୋସା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଜ୍ୱେଲି ମଖିଜେଙ୍କୁ ପରାସ୍ତ କରିଛନ୍ତି। କୋଭିଡ୍ ମହାମାରୀ ବେଳେ ଜ୍ୱେଲି ଓ ତାଙ୍କ ସହଯୋଗୀମାନେ ବହୁକୋଟି ଟଙ୍କା ଦୁର୍ନୀତିରେ ସଂପୃକ୍ତ ଥିବା ଅଭିଯୋଗ ହେବା ପରେ ସେ ମନ୍ତ୍ରିମଣ୍ଡଳରୁ ବିଦା ହୋଇଥିଲେ। ରାଷ୍ଟ୍ରପତି ରାମାଫୋସା ମନିଲଣ୍ଡରିଂ ଦୁର୍ନୀତି ମହାଭିଯୋଗରୁ ବର୍ତ୍ତିଯିବା ପରେ ତାଙ୍କୁ ଶାସକ ଦଳର ନେତା ଭାବେ ପୁନଃ ନିର୍ବାଚିତ କରାଯାଇଛି। ରାଷ୍ଟ୍ରପତିଙ୍କ ଘନିଷ୍ଠ ସହଯୋଗୀ ପଉଲ୍ ମାଶାଟିଲେଙ୍କୁ ଦଳର ଉପାଧ୍ୟକ୍ଷ ନିର୍ବାଚିତ କରାଯାଇଛି।

## ଭୁଶୁଡ଼ିଲା ୧୩ କୋଟିର ପୋଲ



**ପାଟନା,୧୯।୧୨**

ବିହାରରେ ନିର୍ମିତ ଏକ ପୋଲ ରବିବାର ଦୁଇଖଣ୍ଡ ହୋଇ ନଦୀରେ ଖସିପଡ଼ିଛି। ବେଗୁସରାଇ ଜିଲାରେ ବୁର୍ହି ଗଣ୍ଡକ ନଦୀ ଉପରେ ୧୩ କୋଟି ଟଙ୍କା ବ୍ୟୟରେ ଉକ୍ତ ବ୍ରିଜ୍ ନିର୍ମାଣ ହୋଇଥିଲା। ତେବେ ସଂଯୋଗ ରାସ୍ତା ନ ଥିବାରୁ ଉକ୍ତ ପୋଲ ଆଜି ପର୍ଯ୍ୟନ୍ତ ଉଦ୍‌ଘାଟନ ହୋଇପାରି ନ ଥିଲା। ୨୦୬ ମିଟର ଲମ୍ବ ଏହି ବ୍ରିଜ୍‌ରେ କିଛିଦିନ ହେଲା ଫାଟ ଦେଖାଦେଇଥିଲା। ତେବେ ରବିବାର ବ୍ରିଜ୍ ଭୁଶୁଡ଼ିବା ବେଳେ ସେଠାରେ କେହି ନ ଥିଲେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଶ୍ରଦ୍ଧାଳୁ ଭାବେ ମନ୍ଦିର ଆସି ଦୁର୍ନୀତି ଧରିଲେ ଜଜ୍

**ଚେନ୍ନାଇ, ୧୯।୧୨**

ମାଡ୍ରାସର ଧାଣ୍ଡୟୁଥାପାନି ମନ୍ଦିର ଦର୍ଶନ ଟିକେଟ୍‌କୁ ନେଇ ଏକାଧିକ ଦୁର୍ନୀତି ଅଭିଯୋଗ ପରେ ମାଡ୍ରାସ ହାଇକୋର୍ଟ ବିଚାରପତି ଏସ୍.ଏମ୍. ସୁବ୍ରମନିୟମ ମନ୍ଦିର ପରିଦର୍ଶନ କରିଛନ୍ତି। ସେ ସାଧାରଣ ଶ୍ରଦ୍ଧାଳୁ ଭାବେ ମନ୍ଦିର ଆସିଥିଲେ। ନିଜ ପରିଚୟ ଦେଇ ନ ଥିବାବେଳେ ଦର୍ଶନ ପାଇଁ ସେ ତିନିଟି ଟିକେଟ କିଣି ୧୫୦ ଟଙ୍କା ଦେଇଥିଲେ। କିନ୍ତୁ ଟିକେଟ କାଉଣ୍ଟରରେ ବସିଥିବା ବ୍ୟକ୍ତି ତାଙ୍କୁ ୫୦ ଟଙ୍କାରେ ୨ଟି ଟିକେଟ ସହ ୫ ଟଙ୍କିଆ ତୃତୀୟ ଟିକେଟ ଦେଇଥିଲେ। ଏ ନେଇ ବିଚାରପତି କାଉଣ୍ଟରରେ ପ୍ରଶ୍ନ କରିବାରୁ ମନ୍ଦିର କର୍ତ୍ତୃପକ୍ଷ ଦୁର୍ବ୍ୟବହାର କରିଥିଲେ। ଏହା ଉପରେ ଦୃଷ୍ଟି ଦେବାକୁ ସେ ହିନ୍ଦୁ ରିଲିଜିୟସ୍ ଆଣ୍ଡ ଚାରିଟେବୁଲ ଏଣ୍ଡୋମେଣ୍ଟସ୍‌କୁ ପରାମର୍ଶ ଦେଇଛନ୍ତି।

## ଟୁଇଟର ସିଇଓ ପଦରୁ ଓହରନ୍ତୁ ମସ୍କ



**ୱାଶିଂଟନ୍, ୧୯।୧୨**

ସୋସିଆଲ ମିଡିଆ ଜାଏଣ୍ଟ ଟୁଇଟର ୟୁଜର୍ସ ଏଲନ ମସ୍କଙ୍କ ଉପରେ ଖୁସି ନାହାନ୍ତି। ଟୁଇଟରର ମାଲିକାନା ଏଲନ ମସ୍କଙ୍କ ହାତକୁ ଯିବା ପରେ କମ୍ପାନୀର କର୍ମଚାରୀଙ୍କଠୁ ଆରମ୍ଭ କରି ୟୁଜର୍ସ ଅସୁଖୀ ଥିବା ଜଣାପଡ଼ିଛି। ରବିବାର ସନ୍ଧ୍ୟାରେ ମସ୍କ ଟୁଇଟର ସିଇଓ ପଦରେ ରହିବା ଉଚିତ୍ କି ନୁହେଁ ସେଥିଲାଗି ଟୁଇଟର ପୋଲ୍ ଜରିଆରେ ୟୁଜର୍ସଙ୍କ ମତ ଲୋଡ଼ିଥିଲେ। ସୋମବାର ଏହାର ଫଳ ପ୍ରକାଶ ପାଇଛି, ଯେଉଁଥିରେ ୫୭.୫% ୟୁଜର୍ସ ମସ୍କ ସିଇଓ ପଦରୁ ଓହରି ଯିବା ଦରକାର ବୋଲି ମତ ଦେଇଥିବାବେଳେ ମାତ୍ର ୪୨.୫% ମସ୍କଙ୍କ ସପକ୍ଷରେ ଭୋଟ ଦେଇଛନ୍ତି। ମୋଟ ୧୭ ନିୟୁତ ଟୁଇଟର ୟୁଜର୍ସ ଏଥିରେ ଅଂଶଗ୍ରହଣ କରିଥିଲେ। ପୋଲ ରେଜଲ୍ଟ ଅନୁସାରେ ମସ୍କ ଆଗାମୀ ନିଷ୍ପତ୍ତି ନେବେ ବୋଲି ରବିବାର କହିଥିବାବେଳେ ଏ ନେଇ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

### ୫୭% ୟୁଜର୍ସଙ୍କ ମତ

ମସ୍କଙ୍କ ଟୁଇଟର ପୋଲ୍‌କୁ ଅନୁକରଣ କରି ଆମେରିକୀୟ ର୍‍ୟାପର ସ୍ନୁପ ଡଗ୍ ଏହି ମାଇକ୍ରୋବ୍ଲଗିଂ ଆପ୍ ପରିଚାଳାନା କରିବା ଲାଗି ୟୁଜର୍ସଙ୍କ ମତ ଲୋଡିଛନ୍ତି। ଏଥିଲାଗି ସୋମବାର ସ୍ନୁପ ଟୁଇଟର ପୋଲ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୦ ଲକ୍ଷ ୟୁଜର୍ସ ନିଜ ମତ ଦେଇଛନ୍ତି। ଏଥିରୁ ୮୦ ପ୍ରତିଶତ ୟୁଜର୍ସ ସ୍ନୁପ ଟୁଇଟର ପରିଚାଳନା ଦାୟିତ୍ୱ ଗ୍ରହଣ କରନ୍ତୁ ବୋଲି ମତ ଦେଇଛନ୍ତି।



ଘନ କୁହୁଡ଼ି ଯୋଗୁ ସୋମବାର ସକାଳେ ଗୁରୁଗ୍ରାମର ସିଗ୍ନେଚର ଟାୱାର ନିକଟସ୍ଥ ଦିଲ୍ଲୀ-ଗୁରୁଗ୍ରାମ ଏକ୍ସପ୍ରେସ୍ ୱେରେ ଟ୍ରାଫିକ୍ ଜାମ।

## ଆମେରିକା ନିର୍ମିତ ୪ କ୍ଷେପଣାସ୍ତ୍ର ଖସାଇଥିବା ଦାବି କଲା ରୁଷିଆ



**ମସ୍କୋ,୧୯।୧୨**

ୟୁକ୍ରେନ୍ ଉପରେ ରୁଷିଆ ୧୦ ମାସ ହେଲା ଆକ୍ରମଣ ଚଳାଇଥିବାବେଳେ ଆମେରିକା ନିର୍ମିତ ୪ଟି କ୍ଷେପଣାସ୍ତ୍ରକୁ ଖସାଇଥିବା ପ୍ରଥମ ଥର ପାଇଁ ମସ୍କୋ ଦାବି କରିଛି। ୟୁକ୍ରେନ୍ ସୀମାକୁ ଲାଗି ରହିଥିବା ରୁଷିଆର ବେଲ୍‌ଗୋରୋଡ ଅଞ୍ଚଳ ଉପରେ ଆମେରିକାର ୪ଟି 'ହାର୍ମ' ଆଣ୍ଟି-ରାଡାର କ୍ଷେପଣାସ୍ତ୍ରକୁ ରୁଷୀୟ ସୈନ୍ୟ ଖସାଇଥିଲେ ବୋଲି ଏହାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୋମବାର କୁହାଯାଇଛି। ୟୁକ୍ରେନ୍‌କୁ ଆମେରିକା ସମେତ ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଅସ୍ତ୍ର ସହାୟତା ଯୋଗାଇ ଆସୁଛନ୍ତି। ବେଲ୍‌ଗୋରୋଡ ଅଞ୍ଚଳରେ ୟୁକ୍ରେନ୍ ପକ୍ଷରୁ ବାରମ୍ବାର କ୍ଷେପଣାସ୍ତ୍ର ମାଡ଼ କରାଯାଉଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି।

### ନାବାଳିକାଙ୍କୁ କୀଟ ନାଶକ ଦେଇ ହତ୍ୟା

**ଖଣ୍ଡୱା, ୧୯।୧୨**

ମଧ୍ୟପ୍ରଦେଶର ଜୱାରର ଫାଲିଆ ଆଦିବାସୀ ସମ୍ପ୍ରଦାୟର ଜଣେ ନାବାଳିକାଙ୍କୁ ଅପହରଣ ପରେ କୀଟନାଶକ ଦେଇ ହତ୍ୟା କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ଶନିବାର ସନ୍ଧ୍ୟାରେ ନାବାଳିକାଙ୍କୁ ଘରେ ନ ପାଇଁ ତାଙ୍କ ସମ୍ପର୍କୀୟ ତାଙ୍କୁ ଖୋଜାଖୋଜି କରିଥିଲେ। ରାତିରେ ପୋଲିସ ନାବାଳିକାଙ୍କୁ ଏକ ଖୋଲା ପଡ଼ିଆରେ ଅଚେତ ଅବସ୍ଥାରେ ପାଇଥିଲା। ବିଷକ୍ରିୟା ଯୋଗୁ ନାବାଳିକାଙ୍କ ମୁହଁରୁ ଫେଣ ଭଳି କିଛି ପଦାର୍ଥ ବାହାରୁଥିବାବେଳେ ପୋଲିସ ତାଙ୍କୁ ହସ୍ପିଟାଲ ନେଇ ଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଫିଫା ବିଶ୍ୱକପ୍ ପରାଜୟ ପରେ ଫ୍ରାନ୍ସ ସହରରେ ଦଙ୍ଗା

**ପ୍ୟାରିସ୍ ,୧୯।୧୨**

କାତାରରେ ରବିବାର ଶେଷ ହୋଇଥିବା ଫିଫା ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍‌ରେ ଫ୍ରାନ୍ସ ଆର୍ଜେଣ୍ଟିନାଠାରୁ ୪-୨ ପେନାଲ୍ଟିରେ ହାରିଯାଇଥିଲା। ଏହାକୁ ନେଇ ଫ୍ରାନ୍ସରେ ଉତ୍ତେଜନା ପ୍ରକାଶ ପାଇଛି। ହଜାର ହଜାର ଫୁଟ୍‌ବଲପ୍ରେମୀ ଫ୍ରାନ୍ସର ପ୍ୟାରିସ୍, ନାଇସ୍ ଏବଂ ଲିଓନ୍ ସହରରେ ରାଜରାସ୍ତାକୁ ଓହ୍ଲାଇବା ଫଳରେ ଦଙ୍ଗା ସୃଷ୍ଟି ହୋଇଛି। ଉତ୍ତ୍ୟକ୍ତ ଲୋକେ ଟେକାପଥର, ବୋତଲ ଏବଂ ବାଣ ପୋଲିସ ଉପରକୁ ପକାଇଥିଲେ। ଉତ୍ତେଜନାପୂର୍ଣ୍ଣ ସ୍ଥିତି ଜାରି ରହିଥିବାବେଳେ ଆଇନ ଶୃଙ୍ଖଳା ସ୍ଥିତି ରକ୍ଷା କରିବା ଲାଗି ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଲିଓନରେ ଦଙ୍ଗାକୁ ଏଡ଼ାଇ ଚାଲିଯିବାକୁ ଉଦ୍ୟମ କରୁଥିବା ଜଣେ ମହିଳାଙ୍କ ଉପରେ ଆକ୍ରମଣ ହୋଇଛି। ପ୍ୟାରିସ୍ ରାଜରାସ୍ତାରେ ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ସଶସ୍ତ୍ର ପୋଲିସକୁ ଲୁହବୁହା ବାଷ୍ପ ପ୍ରୟୋଗ କରିବାକୁ ପଡ଼ିଥିଲା। ଫ୍ରାନ୍ସ ରାଜଧାନୀର ଚାମ୍ପସ-ଏଲିସିଠାରେ ଦଙ୍ଗାନିରୋଧୀ ପୋଲିସ ସହ ଉତ୍ତ୍ୟକ୍ତ ଲୋକଙ୍କର ସଂଘର୍ଷ ହୋଇଥିଲା। ସୋସିଆଲ ମିଡିଆ ବ୍ୟବହାରକାରୀମାନେ ପ୍ୟାରିସ୍ ଓ ଲିଓନ୍ ସହର




### ସ୍ଥିତି ନିୟନ୍ତ୍ରଣ ପାଇଁ ଲୁହବୁହା ଗ୍ୟାସ୍ ପ୍ରୟୋଗ

ରାସ୍ତାଘାଟରେ ଦେଖାଦେଇଥିବା ଦଙ୍ଗା ଓ ଉତ୍ତେଜନାପୂର୍ଣ୍ଣ ସ୍ଥିତିର ଭିଡିଓ ପୋଷ୍ଟ କରିଛନ୍ତି। ପୋଲିସ ଟିଅର ଗ୍ୟାସ୍ ଛାଡୁଥିବାବେଳେ ଲୋକେ ଦୌଡ଼ି ପଳାଉଥିବା ଦେଖାଯାଇଛି।

ପୂର୍ବରୁ ବିଶ୍ୱକପ୍‌ର ବିଭିନ୍ନ ମ୍ୟାଚ୍‌ରେ ପରାଜୟକୁ ନେଇ ୟୁରୋପୀୟ ଦେଶଗୁଡ଼ିକରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଗତ ୧୫ ତାରିଖ ସେମିଫାଇନାଲରେ ଫ୍ରାନ୍ସଠାରୁ ମରକ୍କୋ ହାରିଯିବା ପରେ ଫ୍ରାନ୍ସ ଓ ବେଲ୍‌ଜିୟମର ବିଭିନ୍ନ ସହରରେ ଦଙ୍ଗା ହୋଇଥିଲା। ଫ୍ରାନ୍ସରେ ଜଣେ ୧୪ ବର୍ଷର ବାଳକ ହିଂସାତ୍ମକ ସଂଘର୍ଷରେ ପ୍ରାଣ ହରାଇଥିଲେ। ବ୍ରସେଲ୍ସରେ ପୋଲିସ ଶତାଧିକ ଲୋକଙ୍କୁ ଗିରଫ କରିଥିଲା।

## କେରଳରେ ଫୁଟ୍‌ବଲ ଉନ୍ମାଦନା: ୩ ଜଣଙ୍କୁ ହାଣିଲେ

**କନ୍ନୁର ,୧୯।୧୨**

ରବିବାର ରାତିରେ ଫ୍ରାନ୍ସ ଓ ଆର୍ଜେଣ୍ଟିନା ମଧ୍ୟରେ ଫିଫା ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଚାଲିଥିବାବେଳେ କେରଳର କେତେକ ସ୍ଥାନରେ ଏହାକୁ ନେଇ ହିଂସାକାଣ୍ଡ ଘଟିଛି। କନ୍ନୁରରେ ୩ ଜଣ ଯୁବକଙ୍କୁ ତାଙ୍କ ବିରୋଧୀ ଗୋଷ୍ଠୀ ହାଣିଥିବାବେଳେ କୋଚିରେ ୨ ପୋଲିସ କର୍ମଚାରୀଙ୍କ ଉପରେ ମାଡ଼ ହୋଇଛି। କୋଲାମ୍‌ରେ ଜଣେ ଯୁବକ ସଂଜ୍ଞାହୀନ ହୋଇପଡ଼ି ପ୍ରାଣ ହରାଇଛନ୍ତି। ଫ୍ରାନ୍ସକୁ ହରାଇ ଆର୍ଜେଣ୍ଟିନା ବିଶ୍ୱକପ୍ ହାତେଇବା ପରେ କନ୍ନୁର ଜିଲାର ପଲ୍ଲିୟାମୂଳାରେ ଦୁଇଟିଟିମ୍ ମଧ୍ୟରେ ସଂଘର୍ଷ ହୋଇଥିଲା। ବିରୋଧୀ ଟିମ୍‌ର ଆକ୍ରମଣରେ ଜଣେ ଗୁରୁତର ହୋଇଥିବାବେଳେ ଅନ୍ୟ ୨ ଜଣ ଆହତ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ କନ୍ନୁର ପୋଲିସ ୬ ଜଣଙ୍କୁ ଗିରଫ କରିଛି। ପୂର୍ବରୁ କ୍ରୋଏସିଆଠାରୁ ବ୍ରାଜିଲ ହାରିଯିବା ପରେ ପଲ୍ଲିୟାମୂଳାରେ ସଂଘର୍ଷ ହୋଇଥିଲା। ପୋଲିସ ସ୍ଥିତିକୁ ନିୟନ୍ତ୍ରଣ କରିଥିବାବେଳେ ଗ୍ୟାଙ୍ଗ ସଦସ୍ୟମାନେ ଡ୍ରଗ୍ସ ନିଶାରେ ଥିଲେ କି ନାହିଁ ତାହାର ତଦନ୍ତ କରୁଛି।

### ଉତ୍ସବ ପାଳନ ବେଳେ ସଂଜ୍ଞାହୀନ ହୋଇ ଜଣେ ମୃତ

ସେହିପରି ରବିବାର ରାତିରେ କଲ୍ଲୁର ଷ୍ଟାଡିୟମ ଛକଠାରେ କେତେଜଣ ଯୁବକ ରାସ୍ତା ଅବରୋଧ କରି ଆର୍ଜେଣ୍ଟିନା ବିଜୟରେ ଉତ୍ସବ ମନାଉଥିଲେ। ପୋଲିସ ସେମାନଙ୍କୁ ବିରୋଧ କରିବାରୁ ସେମାନେ ମାଡ଼ ମାରିବା ସହ ଜଣେ ପୋଲିସ କର୍ମଚାରୀଙ୍କୁ ରାସ୍ତାରେ ଘୋଷାଡ଼ିଥିଲେ। ଏଥିରେ କୋଚି ନର୍ଥ ଥାନାର ୨ ଜଣ କର୍ମଚାରୀ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପୋଲିସ ୨ ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋଜୁଛି। କୋଲାମ ସହରର ଲାଲ୍‌ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ରବିବାର ରାତିରେ ଆର୍ଜେଣ୍ଟିନା ବିଜୟ ପାଳନ ବେଳେ ଜଣେ ନାବାଳକ ସଂଜ୍ଞାହୀନ ହୋଇପଡ଼ିଥିଲେ। ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି।

# କ୍ଲିନ୍ ସୁଇପ୍ ପଥରେ ଇଂଲଣ୍ଡ

**କରାଚୀ, ୧୯।୧୨(ଏପି)**

ପାକିସ୍ତାନ ବିପକ୍ଷ ଟେଷ୍ଟ ସିରିଜକୁ ୩-୦ରେ କ୍ଲିନ୍ ସୁଇପ୍ ଜିତିବା ଦିଗରେ ଅଗ୍ରସର ହେଉଛି ଭ୍ରମଣକାରୀ ଇଂଲଣ୍ଡ କ୍ରିକେଟ ଦଳ। ଲେଗ୍‌ସ୍ପିନର ରେହାନ ଅହମ୍ମଦ ତାଙ୍କ ପଦାର୍ପଣ ମ୍ୟାଚରେ ସର୍ବକନିଷ୍ଠ ପୁରୁଷ ଖେଳାଳି ହିସାବରେ ୫ ଉଇକେଟ ସଫଳତା ହାସଲ କରି ବିଜୟପଥକୁ ସୁଗମ କରିଛନ୍ତି। ଇଂଲଣ୍ଡ ଦୀର୍ଘ ୧୭ ବର୍ଷ ପରେ ପାକିସ୍ତାନକୁ ପ୍ରଥମ ଟେଷ୍ଟ ଟୁର୍‌ରେ ଆସିଛି। ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ତୃତୀୟ ତଥା ଅନ୍ତିମ ଟେଷ୍ଟର ୩ୟ ଦିବସରେ ପାକିସ୍ତାନର ଦ୍ୱିତୀୟ ଇନିଂସ ୨୧୬ ରନ୍‌ରେ ସୀମିତ ହୋଇଯାଇଛି। ୧୮ବର୍ଷୀୟ ଅହମ୍ମଦ ୪୮ ରନ୍ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିବା ବେଳେ ଜ୍ୟାକ୍

## ରେହାନଙ୍କୁ ୫ ଉଇକେଟ

ଲିଚ୍ (୩/୭୨)ତାଙ୍କର ସମସ୍ତ ୩ ଉଇକେଟ ୬ଟି ଡେଲିଭରିରେ ନେଇଥିଲେ। ଫଳରେ ଇଂଲଣ୍ଡ ପାଇଁ ୧୬୭ ରନ୍ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଭ୍ରମଣକାରୀ ଦଳ ବ୍ୟାଟିଂ କରିବାକୁ ଯାଇ ସୋମବାର ଖେଳ ଶେଷସୁଦ୍ଧା ୨ ଉଇକେଟ ହରାଇ ୧୧୨ ରନ୍ କରିଛି। ଜ୍ୟାକ୍ କ୍ରଲି ୪୧ ରନ୍ କରିଥିବା ବେଳେ ବେନ୍ ଡକେଟ ୫୦ ରନ୍ କରି ଅପରାଜିତ ରହିଛନ୍ତି। କ୍ରଲି ଓ ଡକେଟ ପାର୍ଟନରଶିପ୍‌ରେ ୬୯ ବଲ୍‌ରୁ ୮୭ ରନ୍ କରିଥିଲେ। ରହସ୍ୟମୟ ପାକିସ୍ତାନୀ ବୋଲର ଅବ୍ରାର ଅହମ୍ମଦ ଇଂଲଣ୍ଡର ପତନ ଘଟିଥିବା ଦୁଇଟିଯାକ ଉଇକେଟ ହାସଲ କରିଛନ୍ତି। ୪ ଦିନ ମଧ୍ୟରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ ପାଇଁ ଇଂଲଣ୍ଡ ଆହୁରି ୫୫ ରନ୍ ଆବଶ୍ୟକ କରୁଛି। ଗତ ସପ୍ତାହରେ ମୁଲ୍‌ତାନଠାରେ ଦଳ ୨୬ ରନ୍‌ରେ ରୋମାଞ୍ଚକ ବିଜୟ ହାସଲ କରିଥିଲା। ଏହାପୂର୍ବରୁ ଇଂଲଣ୍ଡ ରାୱଲପିଣ୍ଡିଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌କୁ ୭୪ ରନ୍‌ରେ ଜିତିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୩୦୪
ଇଂଲଣ୍ଡ ପ୍ରଥମ ଇନିଂସ: ୩୫୪
ପାକିସ୍ତାନ ଦ୍ୱିତୀୟ ଇନିଂସ: ୨୧୬ (ବାବର ଆଜାମ-୫୪, ସାଉଦ୍ ଶକିଲ-୫୩, ଅବ୍‌ଦୁଲ୍ଲା ସଫିକ୍-୨୬; ରେହାନ ଅହମ୍ମଦ-୫/୪୮, ଜ୍ୟାକ୍ ଲିଚ୍-୩/୭୨)।
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୧୨/୨ (ବେନ୍‌ଡକେଟ-୫୦*, ଜ୍ୟାକ୍‌କ୍ରଲି-୪୧, ଅବ୍ରାର ଅହମ୍ମଦ-୨/୪୩)।


କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପ ଚାମ୍ପିୟନ ଆର୍ଜେଣ୍ଟିନା ଦଳ।

# ବିଶ୍ୱକପ୍ ଏକାଦଶରେ ମେସି, ଏମ୍ବାପେ


କିଲିଆନ୍ ଏମ୍ବାପେ

କାତାରରେ ଫିଫା ବିଶ୍ୱକପ୍‌ର ପରିସମାପ୍ତି ଘଟିଛି। ଫାଇନାଲରେ ଫ୍ରାନ୍ସକୁ ପେନାଲ୍ଟି ଶୁଟ୍‌ଆଉଟ ୪-୨ (ନିର୍ଦ୍ଧାରିତ ସମୟ ଖେଳ ୨-୨ ଓ ଅତିରିକ୍ତ ସମୟରେ ୧-୧) ଗୋଲରେ ହରାଇ ଆର୍ଜେଣ୍ଟିନା ଚାମ୍ପିୟନ ହୋଇଛି। ଏଥିସହ ପ୍ଲେ-ମେକର ଲିଓନେଲ ମେସିଙ୍କ ବିଶ୍ୱକପ ବିଜୟ ସ୍ୱପ୍ନ ସାକାର ହୋଇଛି। ଆସୋସିଏଟେଡ୍ ପ୍ରେସ୍ ପକ୍ଷରୁ ବିଭିନ୍ନ ଲେଖକ ଓ ସାମ୍ବାଦିକଙ୍କ ଭୋଟିଂ ଆଧାରରେ ବିଶ୍ୱକପ ଏକାଦଶ ଘୋଷଣା କରାଯାଇଛି। ଏଥିରେ ସ୍ୱାଭାବିକଭାବେ ମେସି ଏବଂ ଫାଇନାଲରେ ଗୋଲ ଦେବାରେ ହ୍ୟାଟ୍ରିକ ହାସଲକାରୀ ଫ୍ରାନ୍ସର କିଲିଆନ ଏମ୍ବାପେ ସ୍ଥାନ ପାଇଛନ୍ତି। ବିଭିନ୍ନ ଦେଶ ପକ୍ଷରୁ ୪-୩-୩ କମ୍ବିନେଶନକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଉକ୍ତ ଆଧାରରେ ହିଁ ଦଳ ଘୋଷଣା କରାଯାଇଛି। ୧୧ ଖେଳାଳିଙ୍କ ମଧ୍ୟରୁ ୧୦ ଜଣ ଅତିକମ୍‌ରେ ସେମିଫାଇନାଲ ଖେଳିଥିବା ବେଳେ କେବଳ ଇଂଲଣ୍ଡର ଜୁଡ୍ ବେଲିଂହାମ୍ ଏଥିରେ ବ୍ୟତିକ୍ରମ ରହିଛନ୍ତି।

## ଗୋଲ୍‌କିପର

**ଡୋମିନିକ୍ ଲିଭାକୋଭିକ୍ (କ୍ରୋଏସିଆ):** ନକ୍‌ଆଉଟ୍ ପର୍ଯ୍ୟାୟରେ ଲିଭାକୋଭିକ୍ ଦୁଇ ଦୁଇଟି ମ୍ୟାଚ୍‌ରେ ପେନାଲ୍ଟି ଶୁଟ୍‌ଆଉଟରେ ଦଳକୁ ବିଜୟୀ କରାଇଥିଲେ। ଜାପାନ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ୩ଟି ସ୍ପଟ୍ କିକ୍ ରୋକିଥିବା ବେଳେ ବ୍ରାଜିଲ ବିପକ୍ଷରେ ନେମାରଙ୍କ ଶଟ୍ ପୂର୍ବରୁ ଦଳ ବିଜୟୀ ହୋଇଥିଲା। ବର୍ତ୍ତମାନ କ୍ରୋଏସିଆର ଡାଇନାମୋ ଜାଗ୍ରେବ ପକ୍ଷରୁ ଖେଳୁଥିବା ବେଳେ ଆଗାମୀ ଦିନରେ ଅନେକ ୟୁରୋପୀୟ କ୍ଲବ ତାଙ୍କୁ ନେବାକୁ ଆଗ୍ରହ ପ୍ରକାଶ କରିପାରନ୍ତି।

## ବ୍ୟାକ୍

**ରାଇଟ୍ ବ୍ୟାକ୍ ଅଶ୍ରଫ୍ ହାକିମି (ମରକ୍କୋ):** କାତାରରେ ନିଜ ପ୍ରଦର୍ଶନ ଜରିଆରେ ହାକିମି ନିଜକୁ ବିଶ୍ୱର ଶ୍ରେଷ୍ଠ ରାଇଟ୍ ବ୍ୟାକ୍ ଭାବେ ପ୍ରତିଷ୍ଠିତ କରିଛନ୍ତି। ନିଜ ଅଭେଦ୍ୟ ଡିଫେନ୍ସ ସହିତ ପ୍ରତି ଆକ୍ରମଣ କରିବାରେ ମାହିର ଥିଲେ ହାକିମି। ଟୁର୍ନାମେଣ୍ଟରେ ଆହତ ଥିଲେ ମଧ୍ୟ ଏହା ତାଙ୍କ ପ୍ରଦର୍ଶନକୁ ପ୍ରଭାବିତ କରି ନ ଥିଲା। ପ୍ୟାରିସ୍ ସେଣ୍ଟ ଜର୍ମେନ୍ ପକ୍ଷରୁ ଖେଳୁଥିବା ହାକିମି ସେମିଫାଇନାଲରେ କିଲିଆନ୍ ଏମ୍ବାପେଙ୍କ ପ୍ରଭାବ କମ୍ କରିବାରେ ସହାୟକ ହୋଇଥିଲେ। ଏହାସହିତ ସ୍ପେନ୍ ବିପକ୍ଷ ଶୁଟ୍‌ଆଉଟରେ ମଧ୍ୟ ତାଙ୍କର ପାନେଙ୍କା ପେନାଲ୍ଟି ବେଶ୍ ପ୍ରଶଂସନୀୟ।

## ଲେଫ୍ଟ ବ୍ୟାକ୍

**ଥିଓ ହର୍ନାଣ୍ଡେଜ୍ (ଫ୍ରାନ୍ସ):** ଥିଓ ହର୍ନାଣ୍ଡେଜ ଫ୍ରାନ୍ସ ଦଳ ପାଇଁ ପ୍ରଥମ ପସନ୍ଦର ଖେଳାଳି ନ ଥିଲେ। ବଡ଼ଭାଇ ଲୁକାସ୍ ପ୍ରଥମ ମ୍ୟାଚ୍‌ର ୮ମ ମିନିଟ୍‌ରେ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବା ପରେ ତାଙ୍କୁ ଦଳରେ ସୁଯୋଗ ମିଳିଥିଲା। ତେବେ ଥିଓଙ୍କ ଆକ୍ରମଣାତ୍ମକ ଖେଳ ତାଙ୍କୁ ପ୍ରସିଦ୍ଧି ଆଣିଦେଇଥିଲା। ବାମପାର୍ଶ୍ୱରେ ଏମ୍ବାପେ ଓ ଆଡ୍ରେନ୍ ରାବିଓଟ୍‌ଙ୍କ ସହିତ ସେ ଦେଖାଇଥିଲେ ଚମତ୍କାର ତାଳମେଳ। ଏହାସହିତ ମରକ୍କୋ ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ସେ ଦଳ ପାଇଁ ସ୍କୋର କରିଥିଲେ ପ୍ରଥମ ଗୋଲ୍। କ୍ୱାର୍ଟର ଫାଇନାଲରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ବ୍ୟତୀତ ଥିଓ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଥିଲେ।

## ସେଣ୍ଟର ବ୍ୟାକ୍

**ଜୋସକୋ ଜିଭାର୍ଡିଓଲ୍ (କ୍ରୋଏସିଆ):** କ୍ରୋଏସିଆକୁ ସେମିରେ ପହଞ୍ଚାଇବାରେ ୨୦ ବର୍ଷୀୟ ଜିଭାର୍ଡିଓଲ୍‌ଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। କ୍ରୋଏସିଆ ବିଶ୍ୱକପ୍‌ରେ ୩ୟ ସ୍ଥାନ ହାସଲ କରିଥିବା ବେଳେ ବେଲ୍‌ଜିୟମ ଓ ବ୍ରାଜିଲ ବିପକ୍ଷରେ ତାଙ୍କର ଖେଳ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ଲିଟିଲ ପେପ୍ ନାମରେ ପରିଚିତ ଏହି ଖେଳାଳି ଜଣଙ୍କ ତୃତୀୟ ସ୍ଥାନ ପ୍ଲେ ଅଫ୍‌ରେ ମଧ୍ୟ ଗୋଟିଏ ଗୋଲ ସ୍କୋର କରିଥିଲେ।

## ସେଣ୍ଟର ବ୍ୟାକ୍

**ନିକୋଲାସ୍ ଓଟାମେଣ୍ଡି (ଆର୍ଜେଣ୍ଟିନା):** ଲିଓନେଲ ମେସିଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ଚଳିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ପାଇଁ ସମସ୍ତ ମିନିଟ୍ ଖେଳିଛନ୍ତି ନିକୋଲାସ୍ ଓଟାମେଣ୍ଡି। ଆର୍ଜେଣ୍ଟିନାର ଶକ୍ତିଶାଳୀ ଡିଫେନ୍ସର ନେତୃତ୍ୱ ନେଉଥିବା ଓଟାମେଣ୍ଡିଙ୍କ ପାଇଁ ମଧ୍ୟ ଏହା ସମ୍ଭବତଃ ଶେଷ ବିଶ୍ୱକପ୍। ରାଉଣ୍ଡ ଅଫ୍ ୧୬ରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଏମି ମାର୍ଟିନେଜ୍ ପୋଷ୍ଟ ବାହାରେ ରହିଥିବା ବେଳେ ଓଟାମେଣ୍ଡି ଏକ ଚମତ୍କାର ସେଭ୍ କରିଥିଲେ।

## ମିଡ୍‌ଫିଲ୍ଡର

**ସୋଫ୍ୟାନ ଆମ୍ରାବଟ (ମରକ୍କୋ):** ଡିଫେନ୍ସିଭ୍ ମିଡ୍‌ଫିଲ୍ଡର ଭାବରେ ଆମ୍ରାବଟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମରକ୍କୋ ଡିଫେନ୍ସର ଢାଲ ଭାବେ ଥିବା ଏହି ୨୬ ବର୍ଷୀୟ ଖେଳାଳିଙ୍କ ପାଇଁ ସେମି ପର୍ଯ୍ୟନ୍ତ ଦଳ ଗୋଟିଏ ବି ଗୋଲ ବରଣ କରି ନ ଥିଲା। ସେମିଫାଇନାଲରେ ନିଜ ଦକ୍ଷତା କାରଣରୁ ଏମ୍ବାପେଙ୍କୁ ନୀରବ ରଖିବାରେ ମଧ୍ୟ ସମର୍ଥ ହୋଇଥିଲେ।


ଲିଓନେଲ ମେସି

## ମିଡ୍‌ଫିଲ୍ଡର

**ଜୁଡ୍ ବେଲିଂହାମ୍ (ଇଂଲଣ୍ଡ):** ୧୯ ବର୍ଷୀୟ ବେଲିଂହାମ୍ ନିଜ ଚମତ୍କାର ପ୍ରଦର୍ଶନ ଜରିଆରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ବିଶ୍ୱକପ୍ ପ୍ରଦର୍ଶନ ପରେ ବିଭିନ୍ନ କ୍ଲବ ପାଇଁ ସେ ପ୍ରଥମ ପସନ୍ଦର ଖେଳାଳି ପାଲଟି ଯାଇଛନ୍ତି। ଟୁର୍ନାମେଣ୍ଟରେ ସେ ଇରାନ୍ ବିପକ୍ଷରେ ଗୋଲ ସ୍କୋର କରିଥିବା ବେଳେ ସେନେଗାଲ ବିପକ୍ଷ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କ୍ୱାର୍ଟର ଫାଇନାଲରେ ଫ୍ରାନ୍ସ ବିପକ୍ଷ ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ମଧ୍ୟ ତାଙ୍କ ପ୍ରଦର୍ଶନ ସମସ୍ତଙ୍କୁ ପ୍ରଭାବିତ କରିଥିଲା।

**ଆଣ୍ଟୋନିଓ ଗ୍ରିଜ୍‌ମ୍ୟାନ (ଫ୍ରାନ୍ସ):** ସମୁଦାୟ କ୍ୟାରିୟରରେ ଫରୱାର୍ଡ ଭାବରେ ଖେଳିଥିବା ଗ୍ରିଜ୍‌ମ୍ୟାନଙ୍କୁ ମିଡ୍‌ଫିଲ୍ଡରର ଦାୟିତ୍ୱ ମିଳିଥିବା ବେଳେ ସେ ଏହାକୁ ଠିକ୍ ଭାବେ ନିର୍ବାହ କରିଛନ୍ତି। ଏପରି କି ବିଶ୍ୱକପ୍‌ର ଶ୍ରେଷ୍ଠ ଖେଳାଳି ଦୌଡ଼ରେ ସେ ମେସି ଓ ଏମ୍ବାପେଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗ୍ରୁପ୍ ପର୍ଯ୍ୟାୟରେ ସର୍ବାଧିକ ୧୧ଟି ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ ଗ୍ରିଜ୍‌ମ୍ୟାନ୍। ଇଂଲଣ୍ଡ ଓ ମରକ୍କୋ ବିପକ୍ଷ ମ୍ୟାଚ୍‌ରେ ସେ ଶ୍ରେଷ୍ଠ ଖେଳାଳି ରୂପେ ମଧ୍ୟ ପୁରସ୍କୃତ ହୋଇଥିଲେ। କେବଳ ଲଙ୍ଗ୍ ଓ ଶର୍ଟ ପାସ୍ ନୁହେଁ ବରଂ ଡିଫେନ୍ସିଭ୍ ଦକ୍ଷତା ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ।

## ଷ୍ଟ୍ରାଇକର

**କିଲିଆନ୍ ଏମ୍ବାପେ (ଫ୍ରାନ୍ସ):** କ୍ରମାଗତ ଦ୍ୱିତୀୟ ବିଶ୍ୱକପ୍‌ରେ ଫ୍ରାନ୍ସ ପାଇଁ ଟପ୍ ସ୍କୋରର ରହିଛନ୍ତି ୨୩ ବର୍ଷୀୟ ଏମ୍ବାପେ। ୨୦୧୮ରେ ୪ ଗୋଲ ସ୍କୋର କରିଥିବା ବେଳେ ଚଳିତବର୍ଷ ସ୍କୋର କରିଛନ୍ତି ୮ ଗୋଲ୍। ପୋଲାଣ୍ଡ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଡବଲ ଗୋଲ ସ୍କୋର କରିଥିବା ଏମ୍ବାପେ ଫାଇନାଲରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏହାସହିତ ଫିଟ୍ ରହିଲେ ସେ ସହଜରେ ମିରୋସ୍ଲାଭ୍ କ୍ଲୋଜ୍‌ଙ୍କ ୧୬ କ୍ୟାରିୟର ଗୋଲ ରେକର୍ଡ ଭାଙ୍ଗିପାରିବେ।

**ଲିଓନେଲ ମେସି (ଆର୍ଜେଣ୍ଟିନା):** ନିଜ କ୍ୟାରିୟରର ପ୍ରଥମ ବିଶ୍ୱକପ୍ ଜିତିଥିବା ମେସିଙ୍କ ପ୍ରଦର୍ଶନ ବେଶ୍ ଉଲ୍ଲେଖନୀୟ। କେବଳ ଗୋଲ ସ୍କୋର କରିବା ନୁହେଁ, ଆସିଷ୍ଟରେ ମଧ୍ୟ ସେ ଏକ ନମ୍ବର ସ୍ଥାନରେ ରହିଛନ୍ତି। ୭ ଗୋଲ ସହିତ ଏମ୍ବାପେଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦଳ ପାଇଁ ୨୬ ବିଶ୍ୱକପ ମ୍ୟାଚ୍ ଖେଳିଥିବା ମେସି ୧୩ ଗୋଲ ସହିତ ଆର୍ଜେଣ୍ଟିନାର ସର୍ବକାଳୀନ ଶ୍ରେଷ୍ଠ ଗୋଲସ୍କୋରର ରହିଛନ୍ତି। କାତାର ବିଶ୍ୱକପର ସେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

**ଜୁଲିଆନ ଆଲଭାରେଜ୍ (ଆର୍ଜେଣ୍ଟିନା):** ଲାଉଟାରୋ ମାର୍ଟିନେଜ୍‌ଙ୍କ ଖରାପ ଫର୍ମ କାରଣରୁ ଦୁଇଟି ମ୍ୟାଚ୍ ପରେ ଆଲଭାରେଜଙ୍କୁ ସୁଯୋଗ ମିଳିଥିଲା। ପରବର୍ତ୍ତୀ ୪ ମ୍ୟାଚ୍‌ରୁ ୪ ଗୋଲ ସହିତ ଗୋଲ୍ଡେନ୍ ବୁଟ୍ ଦୌଡ଼ରେ ମଧ୍ୟ ସାମିଲ ଥିଲେ ଏହି ମାଞ୍ଚେଷ୍ଟର ସିଟି ଷ୍ଟ୍ରାଇକର।

# ମେସିଙ୍କୁ ଗୋଲ୍ଡେନ୍ ବଲ୍

**ଦୋହା,୧୯।୧୨(ପି.ଟି.):** ଆର୍ଜେଣ୍ଟିନା ଫୁଟବଲ୍ ବିଶ୍ୱକପରେ ନିଜର ତୃତୀୟ ଟାଇଟଲ ହାସଲ କରିଥିବା ବେଳେ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ଗୋଲ୍ଡେନ୍ ବଲ୍ ହାସଲ କରିଛନ୍ତି ଲିଓନେଲ୍ ମେସି। ମେସି ଚଳିତ ଟୁର୍ନାମେଣ୍ଟରେ ୭ଟି ଗୋଲ୍ ସ୍କୋର କରିବା ସହିତ ୩ଟି ଆସିଷ୍ଟ କରିଥିଲେ। ଆର୍ଜେଣ୍ଟିନାର ଅନ୍ୟତମ ଫରୱାର୍ଡ ଖେଳାଳି ଜୁଲିଆନ୍ ଆଲଭାରେଜ୍‌ଙ୍କୁ ଟୁର୍ନାମେଣ୍ଟର ଦ୍ୱିତୀୟ ଶ୍ରେଷ୍ଠ ଖେଳାଳି ଭାବରେ ମିଳିଛି ସିଲ୍‌ଭର ବଲ୍। ଏହା ମେସିଙ୍କ କ୍ୟାରିୟରର ଦ୍ୱିତୀୟ ଗୋଲ୍ଡେନ୍ ବଲ୍। ପୂର୍ବରୁ ଆର୍ଜେଣ୍ଟିନା ରନର୍ ଅପ୍ ହୋଇଥିବା ୨୦୧୪ ସଂସ୍କରଣରେ ମଧ୍ୟ ସେ ଗୋଲ୍ଡେନ ବଲ୍ ହାସଲ କରିଥିଲେ। ଟୁର୍ନାମେଣ୍ଟରେ ସର୍ବାଧିକ ୮ ଗୋଲ ସ୍କୋର କରିଥିବା କିଲିଆନ୍ ଏମ୍ବାପେଙ୍କୁ ଗୋଲ୍ଡେନ୍ ବୁଟ୍ ଏବଂ ସର୍ବାଧିକ ସେଭ୍ କରିଥିବା ଆର୍ଜେଣ୍ଟିନା ଗୋଲକିପର ଏମିଲିଆନୋ ମାର୍ଟିନେଜଙ୍କୁ ଗୋଲ୍ଡେନ୍ ଗ୍ଲୋଭ୍ ପ୍ରଦାନ କରାଯାଇଛି।

## ଟପ୍ ଟେନ୍ ଗୋଲ ସ୍କୋରର

| ଖେଳାଳି | ଦେଶ | ଗୋଲସଂଖ୍ୟା |
|---|---|---|
| କିଲିଆନ୍ ଏମ୍ବାପେ | ଫ୍ରାନ୍ସ | ୮ |
| ଲିଓନେଲ ମେସି | ଆର୍ଜେଣ୍ଟିନା | ୭ |
| ଅଲିଭର ଗିରୁଡ୍ | ଫ୍ରାନ୍ସ | ୪ |
| ଜୁଲିଆନ୍ ଆଲ୍‌ଭାରେଜ୍ | ଆର୍ଜେଣ୍ଟିନା | ୪ |
| ରିଚାର୍ଲିସନ୍ | ବ୍ରାଜିଲ | ୩ |
| ଗୋନ୍ସାଲୋ ରାମୋସ୍ | ପର୍ତ୍ତୁଗାଲ | ୩ |
| ଏନ୍ନର ଭାଲେନ୍ସିଆ | ଇକ୍ୱେଡର | ୩ |
| ବୁକାୟୋ ସାକା | ଇଂଲଣ୍ଡ | ୩ |
| କୋଡି ଗାକ୍‌ପୋ | ନେଦରଲାଣ୍ଡ୍ସ | ୩ |
| ଆଲଭାରେ ମୋରାଟା | ସ୍ପେନ୍ | ୩ |

# ୟୁ ଆଣ୍ଡ୍ ମି ବାଲେଶ୍ୱର ବିଜୟୀ

**ସୋର,୧୯।୧୨(ଡି.ଏନ୍.ଏ):** ସୋର ବ୍ଲକ ମହୁମୁହାଣ ପଞ୍ଚାୟତର ବାବା ମହାବୀର କ୍ଲବ ଆନୁକୂଲ୍ୟରେ ବାଗୁଡି ନବୋଦୟ ପଡ଼ିଆରେ ୨୪ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସୋର ବ୍ଲକ ଉପାଧ୍ୟକ୍ଷ ଭ୍ରମରବର ନାୟକ, ସମ୍ମାନିତ ଅତିଥିଭାବେ ସରପଞ୍ଚ ଗଦାଧର ମହାପାତ୍ର, ସମିତିସଭ୍ୟା ମୋନାଲିସା ପୃଷ୍ଟି, ଯୁବ ବ୍ୟବସାୟୀ ଅଶୋକ କୁମାର ଜେନା ଯୋଗଦେଇ ଏହି ଟୁର୍ନାମଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ୟୁନିକ-୧୧ ଭଦ୍ରକକୁ ହରାଇ ୟୁଆଣ୍ଡମି ବାଲେଶ୍ୱର ବିଜୟୀ ହୋଇଥିଲା। ଭଦ୍ରକ ଟିମ୍ ନିର୍ଦ୍ଧାରିତ ୨୫ ଓଭରରୁ ୨୨.୪ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୪୫ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲେଶ୍ୱର ଟିମ୍ ୧୯.୩ ଓଭରରେ ୩ ୱିକେଟ ହରାଇ ୧୪୯ରନ୍ କରି ବିଜୟୀ ହୋଇଥିଲା। ୟୁଆଣ୍ଡମି ବାଲେଶ୍ୱରର ଖେଳାଳି ମାନସ ମହାଳିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ତାଙ୍କୁ ସରପଞ୍ଚ ଗୟାଧର ନାୟକ ପୁରସ୍କୃତ କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ଆଶୁତୋଷ ପାଣି ଏବଂ ଦେବବ୍ରତ ଦାସ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ପ୍ରଶାନ୍ତ ଜେନା ଓ ଉତ୍ତମ ବେହେରା ଦାୟିତ୍ୱ ତୁଲାଇଥିବା ବେଳେ ଯଦୁନାଥ ଜେନା ଏବଂ ବାସୁଦେବ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଖଡଗପୁର ରେଲୱେ ଏବଂ ସାଇ-୧୧ ଭୁବନେଶ୍ୱର ମଧ୍ୟରେ ୨ୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।

# ଜାତୀୟ ର୍‍ୟାଙ୍କିଂ ସନ୍ତରଣରେ ଓଡ଼ିଶାରୁ ୨୩

**ଭୁବନେଶ୍ୱର, ୧୯।୧୨**
**(କ୍ରୀଡ଼ା ପ୍ରତିନିଧି)**

ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ) ଆନୁକୂଲ୍ୟରେ ଜାତୀୟ ର୍‍ୟାଙ୍କିଂ ସନ୍ତରଣ ଚାମ୍ପିୟନଶିପ୍ ମଙ୍ଗଳବାରଠାରୁ ହାଇଦ୍ରାବାଦରେ ଆରମ୍ଭ ହେବାକୁ ଯାଉଛି। ୨୩ ତାରିଖ ପର୍ଯ୍ୟନ୍ତ ଗାଚିବାୱଲି ସୁଇମିଂ ପୁଲ୍‌ରେ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ମୋଟ ୨୩ (୧୧ ବାଳିକା, ୧୨ ବାଳକ) ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଚଳିତ ମାସ ୧ରୁ ୧୧ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ ସୁଇମିଂ ପୁଲ୍‌ରେ ଅନୁଷ୍ଠିତ ଜୋନ୍‌ସ୍ତରୀୟ ର୍‍ୟାଙ୍କିଂ ଚାମ୍ପିୟନଶିପ୍‌ରେ ପ୍ରଦର୍ଶନ ଭିତ୍ତିରେ ଓଡ଼ିଶା ଦଳ ଚୟନ କରାଯାଇଛି। ମନୋନୀତ ହୋଇଥିବା ଓଡ଼ିଶାର ମହିଳା ସନ୍ତରଣକାରୀମାନେ ହେଲେ ପ୍ରତ୍ୟାଶା ରାୟ, ମନ୍ନତା ମିଶ୍ର, ଭଦ୍ରା ଶତପଥୀ, ଆଦ୍ୟାଶା ମିଶ୍ର, ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ଆକାଂକ୍ଷା ନାୟକ, ସୋନିଆ ପଟେଲ, ଅର୍ପିତା ସାହୁ, ପୁଣ୍ୟତୋୟା ବେହେରା, ନନ୍ଦିନୀ ଦଳବେହେରା ଓ ସୁନୀତା ସାହୁ। ସେହିପରି ପୁରୁଷ ବର୍ଗରେ ବିକାଶ ହରିପାଲ, ଜାତ୍ରୁ ବୁଡେକ, ନବୀନ ଶର୍ମା, ନୀତେଶ ସେଠ୍, ଅମିୟ କୁମାର ପ୍ରଧାନ, ୟଜତ ଗୁପ୍ତା, ପୀୟୂଷ ଠାକୁର, ଅନମୋଲ ମହାନ୍ତି, ଗଣେଶ ନାଏକ, ସୁନୀଲ କୁମାର ବେହେରା, ଆୟୁଷ ଆର୍ଯ୍ୟମାନ ବତ୍ସ, ସୁବ୍ରତ ଦଳବେହେରା ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ।



ଜାତୀୟ ର୍‍ୟାଙ୍କିଂ ସନ୍ତରଣ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ମନୋନୀତ ଓଡ଼ିଶା ପ୍ରତିଯୋଗୀ।

# ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୯।୧୨**
**(କ୍ରୀଡ଼ା ପ୍ରତିନିଧି)**

ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ), ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟର ସହଯୋଗକ୍ରମେ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ୪୫ତମ ଆନ୍ତଃରାଜ୍ୟ, ଆନ୍ତଃଜୋନ୍ ଏବଂ ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଏହି ପ୍ରତିଯୋଗିତାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଏବଂ କିଟ୍ ବିଶ୍ୱବିଦ୍ୟାଳୟ ଭାଇସ୍ ଚାନ୍ସେଲର ସସ୍ମିତା ସାମନ୍ତ, ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, ଶୈଳେନ୍ଦ୍ର ଜେନା, ବାଇର ଉପସଭାପତି ଏସ୍. ମୁରଲୀଧରନ, ଯୁଗ୍ମ ସମ୍ପାଦକ ଓମାର ରଶିଦ, ଯୁଗ୍ମ ଆବାହକ ରାଜେଶ କମଲ ରାଜପୁତ, ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଡିଆର ଚେୟାରମ୍ୟାନ ପ୍ରଭାକର ରାଓ, ରାଜ୍ୟ ଆସୋସିଏଶନ ସମ୍ପାଦକ ନିଲେନ କୁମାର ଓ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ଟିମ୍ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ଏଥିରେ ୫ ଜୋନ୍ (ଆନ୍ତଃରାଜ୍ୟ)ର ବିଜେତା ଏବଂ ଆୟୋଜକ ଓଡ଼ିଶା ଦଳ ଭାଗ ନେଇଛି। ଏଥିରେ ପୂର୍ବାଞ୍ଚଳରୁ ଉତ୍ତରାଖଣ୍ଡ, ପଶ୍ଚିମାଞ୍ଚଳରୁ ଛତିଶଗଡ଼, ଉତ୍ତରାଞ୍ଚଳରୁ ହରିୟାଣା, ଦକ୍ଷିଣାଞ୍ଚଳରୁ ତାମିଲନାଡୁ, ଉତ୍ତରପୂର୍ବ ଜୋନ୍‌ରୁ ମଣିପୁର ପ୍ରତିନିଧିତ୍ୱ କରୁଛନ୍ତି। ବ୍ୟକ୍ତିଗତ ଇଭେଣ୍ଟ ଚଳିତ ମାସ ୨୧ରୁ ଆରମ୍ଭ ହେବ। ୨୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ଜାତୀୟ ଚାମ୍ପିୟନଶିପ୍‌ରେ ୩୩ ରାଜ୍ୟରୁ ପାଖାପାଖି ୯୦୦ ଖେଳାଳି ଭିନ୍ନ ଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ବାଳିକା-ବାଳକ ସିଙ୍ଗଲ୍ସ, ବାଳିକା-ବାଳକ ଡବଲ୍ସ ଏବଂ ମିକ୍ସଡ ଡବଲ୍ସରେ ପ୍ରତିଯୋଗିତା ହେବ। ଜୁନିୟର ନମ୍ବର ୱାନ୍ ବାଳକ ସିଙ୍ଗଲ୍ସ ଖେଳାଳି ଶଙ୍କର ମୁଥୁସ୍ୱାମୀ, ବାଳିକା ସିଙ୍ଗଲ୍ସରେ ତସ୍‌ନିମ ମୀର ଏବଂ ଓଡ଼ିଶା ଓପନ ମହିଳା ସିଙ୍ଗଲ୍ସ ବିଜେତା ଉନ୍ନତି ହୋଦା ପ୍ରମୁଖ ପ୍ରତିଯୋଗିତାର ଆକର୍ଷଣରେ ରହିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଆନ୍ତଃରାଜ୍ୟ, ଆନ୍ତଃଜୋନ୍ ଏବଂ ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

# ଫ୍ୟୁଜନ୍ ମାନିଆ



## ଫ୍ୟାଶନ ଦୁନିଆରେ ନିଜକୁ ଅପ୍‌ଡେଟ୍ ରଖିବା ଏବଂ ଏଥିରେ ନୂଆ ଏକ୍ସପେରିମେଣ୍ଟ କରିବାରେ ଏବେ ମହିଳାଙ୍କଠାରେ ବଢୁଛି କ୍ରେଜ୍। ବିଭିନ୍ନ ୱେଷ୍ଟର୍ନ ସହ ଇଣ୍ଡିଆନ୍ ପୋଷାକର ଫ୍ୟୁଜନ୍ ପାଲଟିଛି ଅନେକଙ୍କ ଲାଗି ଲାଟେଷ୍ଟ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ...

ଟ୍ରାଡିଶନାଲ ପୋଷାକର ଡିମାଣ୍ଡ ସବୁବେଳେ ରହି ଆସିଛି। ହେଲେ ବିଭିନ୍ନ ୱେଷ୍ଟର୍ନ ୱେର୍‌ଗୁଡ଼ିକର ଆଟ୍ରାକ୍ଟିଭ୍ ଡିଜାଇନ ଅଧିକାଂଶଙ୍କୁ ବେଶି ପସନ୍ଦ ଆସୁଥିବା ଦେଖିବାକୁ ମିଳୁଛି। ତେଣୁ ଏହା ଭିତରେ ଯେପରି ଟ୍ରାଡିଶନାଲ ୱେର୍‌ର ଚାହିଦା କମି ନ ଯାଉ ସେଥିପାଇଁ ବର୍ତ୍ତମାନ କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟତା ହାସଲ କରିଥିବା ରିତୁ କୁମାର, ମନୀଷ ମାଲହୋତ୍ରା, ସନ୍ଦୀପ୍ ଖୋସ୍‌ଲାଙ୍କ ଭଳି ବଡ଼ ବଡ଼ ଫ୍ୟାଶନ ଡିଜାଇନର ମଧ୍ୟ ଏହାକୁ ବିଭିନ୍ନ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ଫ୍ୟୁଜନ୍ କରି ନୂଆ ନୂଆ ଡିଜାଇନ ପ୍ରସ୍ତୁତ କରୁଛନ୍ତି। ଆମ ଦେଶ ସମେତ ବାହାର ଦେଶଗୁଡ଼ିକରେ ମଧ୍ୟ ଇଣ୍ଡିଆନ୍ ଟେକ୍ସଟାଇଲର ଡିମାଣ୍ଡ ବେଶ୍ ବଢ଼ିବାରେ ଲାଗିଛି। ବିଶେଷକରି ଚିକେନ୍‌କରି, ଇକତ୍, ବ୍ଲକ ପ୍ରିଣ୍ଟ, ଖଦି ଭଳି ଅନ୍ୟାନ୍ୟ ଇଣ୍ଡିଆନ୍ ଫେବ୍ରିକ୍‌ରେ ପ୍ରସ୍ତୁତ ୱେଷ୍ଟର୍ନ ଡ୍ରେସ୍ ଅଧିକାଂଶଙ୍କୁ ବେଶି ଆକୃଷ୍ଟ କରୁଛି। ଓଡ଼ିଶାର ବିଭିନ୍ନ ପାରମ୍ପରିକ ପାଟ କପଡ଼ାକୁ ବ୍ୟବହାରକରି ଭଳିକି ଭଳି ଆକର୍ଷଣୀୟ ଡିଜାଇନ୍‌ର ପୋଷାକ ପ୍ରସ୍ତୁତ କରାଯାଉଛି। ୱେଷ୍ଟର୍ନ ଡ୍ରେସ୍ ସହ ଟ୍ରାଡିସନାଲ ଇଣ୍ଡିଆନ୍ ଆଉଟ୍‌ଫିଟ୍‌କୁ ମିକ୍ସ ମ୍ୟାଚ୍ କରି ଦିଆଯାଉଥିବା ଭିନ୍ନ ରୂପ ଅଧିକ ଆଇ କ୍ୟାଚି ମଧ୍ୟ ଲାଗୁଛି। ଏହାକୁ ଲୋକଲୋଚନକୁ ଆଣିବା ପାଇଁ ବଡ଼ ବଡ଼ ଫ୍ୟାଶନ ଶୋ' ମଧ୍ୟ ଆୟୋଜନ କରାଯାଉଛି। ବର୍ତ୍ତମାନ ଏଭଳି ଫ୍ୟୁଜନ୍ ଆଉଟଫିଟ୍ ଛୋଟ ବଡ଼ ଶୋ' ରୁମ୍‌ରୁ ଆରମ୍ଭକରି ଅନ୍‌ଲାଇନ ଶପିଂ ସାଇଟ୍‌ଗୁଡ଼ିକରେ ବି ଉପଲବ୍ଧ ହେଉଛି। ଦିନକୁ ଦିନ ଫ୍ୟାଶନ ପ୍ରିୟ ମହିଳାମାନଙ୍କ ଠାରେ ଏଭଳି ଆଉଟ୍‌ଫିଟ୍‌ର କ୍ରେଜ୍ ବଢ଼ିବାରେ ଲାଗିଛି...

**ମିକ୍ସ ମ୍ୟାଚ୍ ଫ୍ୟୁଜନ୍‌ର ଡିମାଣ୍ଡ ବେଶି:** ଇଣ୍ଡିଆନ୍ ଡ୍ରେସ୍ ସହ ୱେଷ୍ଟର୍ନ ଆସେସରିଜ୍ ଯେପରି ଶାଢ଼ି ସାଙ୍ଗକୁ ଜିନ୍ସ କିମ୍ବା ଅନ୍ୟ ପ୍ୟାଣ୍ଟ, ଶାଢ଼ି ସହ ଲଙ୍ଗ୍ କୋଟ୍ କିମ୍ବା ଧୋତିପ୍ୟାଣ୍ଟ, ଚୁଡିଦାର କୁର୍ତ୍ତା ସାଙ୍ଗକୁ ଡିଜାଇନର ଜ୍ୟାକେଟ୍, ଷ୍ଟାଇଲିଶ୍ ଫୁଟ୍‌ୱେର ଆଦି ମିକ୍ସ ମ୍ୟାଚ୍ କରି ପିନ୍ଧିବା ବି ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି। ସେହିପରି ୱେଷ୍ଟର୍ନ ଆଉଟ୍‌ଫିଟ୍ ପସନ୍ଦ କରୁଥିବା ମହିଳାମାନେ ଏହାକୁ ଭାରତୀୟ ଝଲକ ଦେବା ଲାଗି କୋହ୍ଲାପୁରୀ ଜୁତି କିମ୍ବା ଅନ୍ୟ ଏଥ୍‌ନିକ୍ ଫୁଟ୍‌ୱେର, ଷ୍ଟୋଲ୍, ସ୍କାର୍ଫ, ଏବଂ ଟ୍ରାଡିଶନାଲ୍ ଜୁଏଲେରି ଭଳି ଟ୍ରାଡିଶନାଲ ଆସେସରିଜ୍ ବ୍ୟବହାର କରୁଛନ୍ତି।

**ହସ୍ତତନ୍ତ ମେଳା ସାଜିଛି ମୁଖ୍ୟ:** ବର୍ତ୍ତମାନ ଏହି ଫ୍ୟାଶନ ଫ୍ୟୁଜନ୍‌ର ଡିମାଣ୍ଡ ଏତେ ମାତ୍ରାରେ ବଢୁଛି ଯେ, ଦେଶର ପ୍ରତିଟି ବଡ଼ ବଡ଼ ସହରରେ ହ୍ୟାଣ୍ଡଲୁମ୍ ଏକ୍‌ଜିବିଶନ୍ ବା ହସ୍ତତନ୍ତ ପ୍ରଦର୍ଶନୀମାନ ଆୟୋଜନ କରାଯାଉଛି। ଏଥିରେ ପ୍ରତ୍ୟେକ ରାଜ୍ୟର ପାରମ୍ପରିକ ପୋଷାକ ଉପଲବ୍ଧ ହେଉଛି। ତା' ସହ ଏହାକୁ ବ୍ୟବହାରକରି ଫ୍ୟାଶନ ଡିଜାଇନରମାନଙ୍କ ଦ୍ୱାରା ପ୍ରସ୍ତୁତ ଇଣ୍ଡୋ-ୱେଷ୍ଟର୍ନ ଫ୍ୟୁଜନ ମଧ୍ୟ ସମସ୍ତଙ୍କୁ ଆକୃଷ୍ଟ କରୁଛି। ବହୁ ସଂଖ୍ୟାରେ ଫ୍ୟାଶନପ୍ରିୟ ମହିଳା ଏଭଳି ଆଉଟ୍‌ଫିଟ୍ କିଣିବା ଲାଗି ଗହଳି ଜମାଉଥିବା ଦେଖିବାକୁ ମିଳୁଛି।

**ବଢୁଛି ଖଦିର ଡିମାଣ୍ଡ:** ଖଦିରେ କେବଳ କୁର୍ତ୍ତୀ, ପାଇଜାମା, ଶାଢ଼ି ଆଦି ପ୍ରସ୍ତୁତ ହେଉଥିଲା। ହେଲେ ବର୍ତ୍ତମାନ ଖଦିରେ ବିଭିନ୍ନ ପ୍ରକାର ଷ୍ଟାଇଲିଶ୍ ଜ୍ୟାକେଟ୍, ୱେଷ୍ଟ କୋଟ୍, ଡିଜାଇନର୍ ଟପ୍ସ, ସ୍କର୍ଟ, ପଲାଜୋ, ସେପାରେଟର୍ସ ଏବଂ ନୂଆ ଡିଜାଇନର ଶାଢ଼ି ପ୍ରସ୍ତୁତ କରାଯାଉଛି, ଯାହା କେବଳ ଦେଖିବାକୁ ଆକର୍ଷଣୀୟ ଲାଗୁନାହିଁ ପିନ୍ଧିବାକୁ ମଧ୍ୟ ବେଶ୍ ଆରାମଦାୟକ ଲାଗୁଛି।

**ବଦଳୁଛି ସିଲ୍କର ଅନ୍ଦାଜ:** କେବଳ ପର୍ବପର୍ବାଣି, ବିବାହ କିମ୍ବା କୌଣସି ଉତ୍ସବରେ ନୁହେଁ, ଏବେ ବଡ଼ ବଡ଼ ଫ୍ୟାଶନ ଶୋ'ରେ ବି ମଡେଲମାନେ ସିଲ୍କ ପୋଷାକରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିବାର ଦେଖିବାକୁ ମିଳୁଛି। ସିଲ୍କ କେବଳ ଶାଢ଼ିରେ ସୀମିତ ନାହିଁ ଏହାକୁ ବ୍ୟବହାର କରି ଲେହେଙ୍ଗା, ଜ୍ୟାକେଟ୍, ବିଭିନ୍ନ ପ୍ରକାର ଡ୍ରେସ୍ ଏବଂ ଆସେସରିଜ୍ ପ୍ରସ୍ତୁତ କରାଯାଉଛି, ଯାହାକି ଅପେକ୍ଷାକୃତ ଟ୍ରେଣ୍ଡି ଲୁକ୍ ଦେଉଥିବାରୁ ଯୁବତୀ ଓ ମହିଳାମାନେ ଏହାକୁ ବେଶି ପସନ୍ଦ କରୁଛନ୍ତି। ନୀତା ଲୁଲା, ରିତୁ କୁମାର ଏବଂ ଅନ୍ୟ ନାମୀ ଫ୍ୟାଶନ ଡିଜାଇନରମାନେ ଏଭଳି ସିଲ୍କ ଫ୍ୟାବ୍ରିକ୍‌କୁ ନେଇ ନୂଆ ନୂଆ ଏକ୍ସପେରିମେଣ୍ଟ କରୁଛନ୍ତି, ଯାହାକି ବେଶ୍ ଲୋକାଦୃତ ହୋଇପାରୁଛି।





### ଏମାନେ କ'ଣ କରନ୍ତି



**ଅନୀତା ପରିଡ଼ା**(ଗୃହିଣୀ, ସତ୍ୟବାଦୀ, ପୁରୀ)- ନୂଆ ରୂପରେ ବାହାରିଥିବା ଶାଢ଼ି ଗାଉନ୍ ହେଉ ଅବା ଇଣ୍ଡୋ-ୱେଷ୍ଟର୍ନ ଫ୍ୟୁଜନ୍ ଆଉଟ୍‌ଫିଟ୍‌ଗୁଡିକ ଦେଖିବାକୁ ଯେମିତି କ୍ଲାସି ପିନ୍ଧି ସାରିବା ପରେ ମଡର୍ନ ଲୁକ୍ ଦେଇଥାଏ। ଏସବୁକୁ ଯେକୌଣସି ପାର୍ଟି ଫଙ୍କସନ୍‌କୁ ପିନ୍ଧି ଯାଇପାରୁଛି। ଏଥିସହ ଶାଢ଼ି ଦାମ୍ ବି ବଜେଟ ଫେଣ୍ଡ୍ରଲି। ମୋତେ ଶାଢ଼ି ସହ ମ୍ୟାଚ୍ କରି ଜୁଏଲେରି ପିନ୍ଧିବାକୁ ଭଲ ଲାଗେ। ତେବେ ଆସେସରିଜ୍‌କୁ ଏହି ଶାଢ଼ି ସହ ମ୍ୟାଚ୍‌କରି ପିନ୍ଧିଲେ ବହୁ ସୁନ୍ଦର ଲାଗୁଛି। ବର୍ତ୍ତମାନ ମୋର ଫ୍ୟୁଜନ୍ ଶାଢ଼ି ଫେଭରାଇଟ୍ ହୋଇସାରିଛି।



**ବିଶ୍ୱଜିତା ମହାନ୍ତି**(ଭୁବନେଶ୍ୱର)- ଶାଢ଼ି ଭଳି ଟ୍ରାଡିଶନାଲ ଆଉଟ୍‌ଫିଟ୍ ହେଉ ଅବା ଜିନ୍ସ - ଟପ୍ସ, ଗାଉନ୍, ଲଙ୍ଗ୍ ଫ୍ରକ୍ ଭଳି ୱେଷ୍ଟର୍ନ ଡ୍ରେସ୍ ଭିନ୍ନ ଭିନ୍ନ ଅବସର ଅନୁଯାୟୀ ପିନ୍ଧିବାକୁ ପସନ୍ଦକରେ। ତେବେ ବର୍ତ୍ତମାନ ଲାଟେଷ୍ଟ ଫ୍ୟାଶନ ଡିଜାଇନ ପାଲଟିଥିବା ବିଭିନ୍ନ ଇଣ୍ଡୋ- ୱେଷ୍ଟର୍ନ ଡ୍ରେସ୍ ବେଶ୍ ଆଇକ୍ୟାଚି ଲାଗୁଛି। ତେଣୁ ହ୍ୟାଣ୍ଡଲୁମ୍ ଏକ୍ସପୋ କିମ୍ବା ଅନ୍ୟ କୌଣସି ସ୍ଥାନରେ ପ୍ରଦର୍ଶନୀ ଥିଲେ ଏଭଳି ଲାଟେଷ୍ଟ କଲେକ୍ସନ ନିଶ୍ଚୟ ଆଣିଥାଏ। ବର୍ତ୍ତମାନ ସମ୍ବଲପୁରୀ କପଡ଼ା ଏବଂ ଅନ୍ୟ ପାଟ କପଡ଼ାରେ ପ୍ରସ୍ତୁତ ହେଉଥିବା ଲାଟେଷ୍ଟ ଡିଜାଇନ ବ୍ୟବହାର କରିବାକୁ ଭଲ ଲାଗୁଛି।

# ଅଧିକ ପେନ୍‌କିଲର ଖାଉଥିଲେ



## ଅନେକ ମହିଳାଙ୍କଠାରେ କାର୍ଯ୍ୟବ୍ୟସ୍ତତାର ଚାପ ସାଙ୍ଗକୁ ନିଜ ଖାଦ୍ୟ ପ୍ରତି ଅବହେଳା କାରଣରୁ ଅଣ୍ଟା, ଆଣ୍ଠୁ ଆଦି ଗଣ୍ଠି ଯନ୍ତ୍ରଣା ଦେଖାଦେଇଥାଏ। ଆଉ ଏଥିରୁ ଉପଶମ ପାଇବା ଲାଗି ଡାକ୍ତରଙ୍କ ବିନା ପରାମର୍ଶରେ ଅନେକେ ସଙ୍ଗେ ସଙ୍ଗେ ପେନ୍‌କିଲରର ସାହାଯ୍ୟ ନେଉଛନ୍ତି। ହେଲେ ଆପଣ ଜାଣନ୍ତି କି, ଏଭଳି ଔଷଧର ଅଧିକ ସେବନ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ...

- ବର୍ତ୍ତମାନ ଅନେକଙ୍କଠାରେ ଡାଇବେଟିସ୍ କିମ୍ବା ବ୍ଲଡ୍‌ପ୍ରେସର ସମସ୍ୟା ଦେଖିବାକୁ ମିଳୁଛି। ଏହି ରୋଗ ଥିବା ମହିଳାମାନେ ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପେନ୍‌କିଲର ଅଧିକ ମାତ୍ରାରେ ବ୍ୟବହାର କରିବା ଦ୍ୱାରା କିଡ୍‌ନୀ ଫେଲ୍ୟୁଅର ହେବାର ଆଶଙ୍କା ରହିଥାଏ।
- ପୁଣି କିଛି ପେନ୍‌କିଲରର ମାତ୍ରାଧିକ ସେବନ କେତେକଙ୍କଠାରେ ରକ୍ତକୁ ପତଳା କରିବା ବା ରକ୍ତର ସାନ୍ଦ୍ରତା ହ୍ରାସ କରିବା ସହ ରକ୍ତଚାପ ସମସ୍ୟା ସୃଷ୍ଟି କରିଥାଏ।
- ଗ୍ରେଟର ଶିକାଗୋରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଡାକ୍ତରଙ୍କ ବିନା ପରାମର୍ଶରେ କିମ୍ବା ମନଇଚ୍ଛା ଦୈନିକ ଆବଶ୍ୟକ ମାତ୍ରାଠାରୁ ଅଧିକ ପେନ୍‌କିଲର୍ ବା ନନ୍-ଷ୍ଟେରଇଡାଲ୍ ଆଣ୍ଟି-ଇମ୍‌ଫ୍ଲାମେଟୋରି ଡ୍ରଗ୍ସର ସେବନ କରିବା ଦ୍ୱାରା ଲିଭର(ଯକୃତ) ଖରାପ ହେବା ଆଶଙ୍କା ଖୁବ୍ ବେଶି।
- ଥଣ୍ଡା, ସାଇନସ୍ ଏବଂ ଗ୍ୟାସ୍ ଭଳି ସମସ୍ୟା ଲାଗି ବ୍ୟବହୃତ ପେନ୍‌କିଲର ଅଧିକ ମାତ୍ରାରେ ସେବନ କରିବା ଦ୍ୱାରା ଯକୃତ ସହିତ ପାକିସ୍ଥଳୀ ମଧ୍ୟ ପ୍ରଭାବିତ ହୋଇଥାଏ, ଯାହାକି ପରବର୍ତ୍ତୀ ସମୟରେ ଅଲ୍‌ସର୍‌ର ଆଶଙ୍କାକୁ ବି ଦ୍ୱିଗୁଣିତ କରିଥାଏ।
- ତେଣୁ ସହଜ ଉପଲବ୍ଧ ହୋଇଥିବାରୁ ପେନ୍‌କିଲର ସେବନକୁ ନ ଆପଣେଇ ବିଭିନ୍ନ ଘରୋଇ ଉପଚାର ସହ ଯୋଗ ବ୍ୟାୟାମକୁ ଜୀବନଶୈଳୀରେ ସାମିଲକରି ଏକ ଯନ୍ତ୍ରଣା ମୁକ୍ତ ଜୀବନ ଜିଅନ୍ତୁ।





ଖାଦ୍ୟରୁଚି

# ଗ୍ରୀନ୍ ମୋମୋ

**ଆବଶ୍ୟକ ସାମଗ୍ରୀ:** ପାଳଙ୍ଗ- ୨୦୦ଗ୍ରାମ୍, ମଇଦା- ୨ କପ୍, ଲୁଣ ସ୍ୱାଦ ଅନୁସାରେ, ତେଲ- ୧ ଚାମଚ, ମ୍ୟାଗି ନୁଡଲ୍ସ- ୨ ପ୍ୟାକେଟ୍, ଛୋଟ ଛୋଟ କଟାହୋଇଥିବା ବନ୍ଧାକୋବି ୧ କପ୍, ପନିର- ୫୦ ଗ୍ରାମ, ଗୋଲ ମରିଚ ଗୁଣ୍ଡ ଅଳ୍ପ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପାଳଙ୍ଗକୁ ଗ୍ରାଇଣ୍ଡିଂ କରି ଛାଣି ଦିଅନ୍ତୁ। ସେଥିରେ ମଇଦା, ଲୁଣ ଏବଂ ଅଳ୍ପ ତେଲ ଦେଇ ଭଲ ଭାବେ ଚକଟି ଦିଅନ୍ତୁ। ଏହାକୁ କିଛି ସମୟ ଘୋଡ଼ାଇ ରଖିଦିଅନ୍ତୁ। ଚୁଲାରେ ଏକ ପ୍ୟାନ୍ ବସାଇ ୨ କପ୍ ପାଣିରେ ମସଲା ଏବଂ ମ୍ୟାଗି ପକାଇ ୩ ମିନିଟ୍ ଫୁଟିବାକୁ ଦିଅନ୍ତୁ। ନୁଡଲ୍ସ ସିଝିଗଲେ ଏହାକୁ କାଢ଼ି ଥଣ୍ଡା କରିବାକୁ ଦିଅନ୍ତୁ। ଏକ ପାତ୍ରରେ କଟା ବନ୍ଧାକୋବି, କୋରା ହୋଇଥିବା ପନିର, ଗୋଲମରିଚ ଗୁଣ୍ଡ ସହ ପୂର୍ବରୁ ପ୍ରସ୍ତୁତ ମ୍ୟାଗି ଏବଂ ଆବଶ୍ୟକ ଲୁଣ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ।

ବର୍ତ୍ତମାନ ଚକଟା ହୋଇଥିବା ମଇଦାକୁ ଗୁଳାକରି ଛୋଟ ଛୋଟ ଗୋଲ ପୁରି ଭଳି ବେଲି ଦିଅନ୍ତୁ। ଏହା ଭିତରେ ପ୍ରସ୍ତୁତ ହୋଇଥିବା କୋବି ଓ ନୁଡଲ୍ସ ପୁର ଦେଇ ଆଙ୍ଗୁଠିରେ ଚାପି ପିଠା ଭଳି ବନ୍ଦ କରନ୍ତୁ। ଆପଣ ଚାହିଁଲେ ଏଥିପାଇଁ ମାର୍କେଟରେ ମିଳୁଥିବା ମୋମୋ ମେକରର ସାହାଯ୍ୟ ନେଇପାରିବେ। ଏକ କୁକରରେ କିମ୍ବା ଇଡ୍‌ଲି ଛାଞ୍ଚରେ ପାଣି ଗରମକରି ଏହା ଉପରେ କଣା କଣା ଥିବା ପ୍ଲେଟ୍ ରଖି ମୋମୋ ରଖନ୍ତୁ। ଏହାକୁ ଘୋଡ଼ାଇ ୫-୬ ମିନିଟ୍ ସିଝିବାକୁ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗ୍ରୀନ୍ ମୋମୋ। ଚୁଲା ବନ୍ଦ କରି ପ୍ଲେଟ୍‌ରେ କାଢ଼ିଦିଅନ୍ତୁ। ବର୍ତ୍ତମାନ ଗ୍ରୀନ୍ ମୋମୋ ଖାଇବାର ମଜା ନିଅନ୍ତୁ।



# ଘରେ କରନ୍ତୁ ହେୟାର୍ ସ୍ପା




## ଶୀତଦିନେ ଥଣ୍ଡା ପବନରେ କେଶ ଶୁଷ୍କ ହୋଇଯାଏ ଏବଂ ରୁପି ସମସ୍ୟା ମଧ୍ୟ ଦେଖାଦିଏ। ଏହାକୁ ଦୂରକରିବା ଲାଗି ଆପଣ ହେୟାର ସ୍ପା କରିପାରିବେ। ତେବେ ବ୍ୟୁଟିପାର୍ଲର ଯାଇ ଏଥିପାଇଁ ଅଧିକ ଖର୍ଚ୍ଚ କରିବା ଅପେକ୍ଷା ଆପଣ ଘରେ ମଧ୍ୟ ହେୟାର ସ୍ପା କରି ମଜଭୁତ ଓ ସୁନ୍ଦର କେଶ ପାଇପାରିବେ...

**କୋକୋନଟ୍ କ୍ରିମ୍ ସ୍ପା:** କେଶ ପାଇଁ ନଡ଼ିଆତେଲ କେତେ ଭଲ ସମସ୍ତେ ଜାଣନ୍ତି। କେବଳ ତେଲ ନୁହେଁ, ନଡ଼ିଆକୁ ବ୍ୟବହାର କରି ଆପଣ ହେୟାର ସ୍ପା କରିପାରିବେ। ନଡ଼ିଆକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ପ୍ରଥମେ ଏକ ଟାୱେଲକୁ ଗରମପାଣିରେ ବୁଡ଼ାଇ କେଶକୁ ୧୦ ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ୍ ଦିଅନ୍ତୁ। ଏହାପରେ ପେଷ୍ଟକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଭଲ ଭାବେ ଲଗାଇ ୧ରୁ ଦେଢଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ। ଏହାକୁ ମାଇଲ୍ଡ ଶାମ୍ପୁ ବ୍ୟବହାର କରି ଭଲ ଭାବେ ଧୋଇଦିଅନ୍ତୁ। ସପ୍ତାହରେ ଥରେ ଏହି ସ୍ପା କଲେ ନଡ଼ିଆରେ ଥିବା ଭିଟାମିନ୍ ବି୧, ବି୩, ବି୬, ସି, ଇ ସହିତ ଥିବା ଅନେକ ମିନେରାଲ୍ସ ତତ୍ତ୍ୱ କେଶକୁ ମଜଭୁତ କରେ ଏବଂ ଚମକପ୍ରଦ କରିଥାଏ।

**କକୁମ୍ବର ହେୟାର ସ୍ପା:** ପ୍ରଥମେ ଗୋଟିଏ କାକୁଡ଼ିକୁ ଛୋଟ ଛୋଟ କାଟି ସେଥିରେ ଏକ ଚାମଚ ଅଲିଭ ଅଏଲ ପକାଇ ଗ୍ରାଇଣ୍ଡିଂ କରିନିଅନ୍ତୁ। କେଶକୁ ୧୦ମିନିଟ୍ ଷ୍ଟିମ୍ ଦେବା ପରେ ଏହି ପେଷ୍ଟକୁ ଭଲ ଭାବେ ଲଗାଇଦିଅନ୍ତୁ। ଅଧଘଣ୍ଟା ରଖିବା ପରେ ମାଇଲ୍ଡ ଶାମ୍ପୁ ଲଗାଇ ଧୋଇଦିଅନ୍ତୁ। ଏହାକୁ ଲଗାଇଲେ କେଶ ଝଡ଼ିବା କିମ୍ବା ଶୁଷ୍କ ହେବା ଭଳି ସମସ୍ୟା ଦୂର ହୋଇଥାଏ।



**ବିଅର ସ୍ପା:** ଏକ କାଚ ଗିନାରେ ଅଧା ପର୍ଯ୍ୟନ୍ତ ବିଅର ନେଇ ରାତି ସାରା ରଖି ଦିଅନ୍ତୁ। ଏପରି କଲେ ତାହା ଅଳ୍ପ ଗାଢ଼ ହୋଇଯିବ। କେଶକୁ ୧୦ ମିନିଟ୍ ଷ୍ଟିମ୍ ଦେବା ପରେ ମାଇଲ୍ଡ ଶାମ୍ପୁରେ ଧୋଇ ଦିଅନ୍ତୁ। ବର୍ତ୍ତମାନ ପୂର୍ବରୁ ରଖାଯାଇଥିବା ବିଅରକୁ କେଶରେ ଭଲ ଭାବେ ମସାଜ କରନ୍ତୁ। ୧୦- ୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଏହା କେଶକୁ ମଜଭୁତ ଓ ସାଇନିଂ କରିବାରେ ସାହାଯ୍ୟ କରେ।

# ବକ୍ସ ଅଫିସରେ ଟିକେଟ ବିକ୍ରି



କଳିଙ୍ଗ ଷ୍ଟାଡିୟମ ନିକଟସ୍ଥ ବକ୍ସ ଅଫିସରୁ ଟିକେଟ କିଣିବା ପରେ ହକିପ୍ରେମୀ।

**ଭୁବନେଶ୍ୱର, ୧୯।୧୨ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଓ ରାଉରକେଲାରେ ୨୦୨୩ ଜାନୁୟାରୀ ୧୩ରୁ ଆରମ୍ଭ ହେବାକୁ ଯାଉଥିବା ହକି ବିଶ୍ୱକପ୍ ପାଇଁ ସୋମବାରଠାରୁ ବକ୍ସ ଅଫିସ ଟିକେଟ ବିକ୍ରି ହୋଇଛି। ଅନ୍‌ଲାଇନ୍‌ରେ ଉପଲବ୍ଧ ସମସ୍ତ ଟିକେଟ ବିକ୍ରି ସରିଥିବାରୁ ବକ୍ସ ଅଫିସରୁ ଟିକେଟ କିଣିବା ପାଇଁ ଦର୍ଶକଙ୍କ ମଧ୍ୟରେ ଅହେତୁକ ଆଗ୍ରହ ପରିଲକ୍ଷିତ ହୋଇଛି। ଭୁବନେଶ୍ୱର କଳିଙ୍ଗ ହକି ଷ୍ଟାଡିୟମର ୮ ନମ୍ବର ଗେଟ୍‌ସ୍ଥିତ ରିଜର୍ଭ ପୋଲିସ ଲାଇନ୍ ଗ୍ରାଉଣ୍ଡ ପଡ଼ିଆରେ ଖୋଲାଯାଇଥିବା ବକ୍ସ ଅଫିସରେ ସକାଳୁ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମର ୬ ନମ୍ବର ଗେଟ୍ (ଇଷ୍ଟ ଓ ସାଉଥ୍ ଷ୍ଟାଣ୍ଡ) ଏବଂ ୨ ନମ୍ବର ଗେଟ୍ (ନର୍ଥ ଓ ୱେଷ୍ଟ ଷ୍ଟାଣ୍ଡ) ନିକଟରେ ଉପଲବ୍ଧ ବକ୍ସ ଅଫିସରେ ମଧ୍ୟ ସମାନ ଅବସ୍ଥା ଦେଖା ଦେଇଥିଲା। ତେବେ ଗ୍ରୁପ୍ ପର୍ଯ୍ୟାୟରେ ଭାରତ ଖେଳିବାକୁ ଥିବା ମ୍ୟାଚ୍‌ର ଟିକେଟ ଉପଲବ୍ଧ ନ ଥିବାରୁ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭାରତ ଖେଳିବାକୁ ଥିବା ୩ଟିଯାକ ଗ୍ରୁପ୍ ମ୍ୟାଚ୍‌ର ସମସ୍ତ ଟିକେଟ ଅନ୍‌ଲାଇନ୍‌ରେ ବିକ୍ରି ହୋଇଯାଇଛି। ବକ୍ସ ଅଫିସରେ ଅନ୍ୟ ମ୍ୟାଚ ଗୁଡ଼ିକର ଟିକେଟ ବିକ୍ରି ଚାଲିଛି। ବଳକାଥିବା ଟିକେଟ ଗୁଡ଼ିକର ବିକ୍ରି ଜାରି ରହିବ। ପ୍ରକାଶଯୋଗ୍ୟ, ଲିଗ୍ ପର୍ଯ୍ୟାୟରେ ଭାରତ ଯେଉଁ ୩ଟି ମ୍ୟାଚ୍ ଖେଳିବାର ଅଛି, ସେଥିରୁ ୨ଟି ରାଉରକେଲାରେ ଏବଂ କେବଳ ଗୋଟିଏ ମ୍ୟାଚ୍ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦର୍ଶକମାନେ ଉଭୟ ସ୍ଥାନରୁ ଟିକେଟ କିଣିବା ସହିତ ଅନ୍‌ଲାଇନ୍ ଟିକେଟ ରିଡେମ୍ପଶନ କରିଛନ୍ତି।

**୨୦୨୩ ହକି ବିଶ୍ୱକପ୍**

**ଭାରତ ଖେଳିବାକୁଥିବା ମ୍ୟାଚର ଟିକେଟ ନ ପାଇ ହକିପ୍ରେମୀ ନିରାଶ**

ଆଗାମୀ ବିଶ୍ୱକପ୍ ଲାଗି ଆୟୋଜକ ଭାରତ ସହ ଅଷ୍ଟ୍ରେଲିଆ, ବେଲ୍‌ଜିୟମ, ନେଦରଲାଣ୍ଡ୍ସ, ଆର୍ଜେଣ୍ଟିନା, ଜର୍ମାନୀ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଫ୍ରାନ୍ସ, କୋରିଆ, ମାଲେସିଆ, ସ୍ପେନ୍, ଦକ୍ଷିଣ ଆଫ୍ରିକା, ଜାପାନ, ଚିଲି ଓ ୱେଲ୍ସ ରହିଛନ୍ତି। ସେଥିରେ ଭାରତ ଗ୍ରୁପ୍ 'ଡି'ରେ ସ୍ପେନ୍, ଇଂଲଣ୍ଡ ଓ ୱେଲ୍ସ ସହିତ ସ୍ଥାନ ପାଇଛି। ରାଉରକେଲାରେ ଜାନୁୟାରୀ ୧୩ରେ ସ୍ପେନ୍ ବିପକ୍ଷରେ ମ୍ୟାଚ୍ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ୧୫ରେ ଇଂଲଣ୍ଡ ଏବଂ ୧୯ରେ ୱେଲ୍ସ ବିପକ୍ଷରେ ମୁକାବିଲା କରିବ। ଭାରତର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ରାତି ୭ଟାରେ ଆରମ୍ଭ ହେବ। ଜାନୁୟାରୀ ୨୯ରେ ପ୍ରତିଯୋଗିତାର ଫାଇନାଲ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବିର୍ସାମୁଣ୍ଡା ଷ୍ଟାଡିୟମ ହେଉଛି ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ। ଏହାର ଦର୍ଶକ କ୍ଷମତା ୨୦,୦୦୦। ମାତ୍ର କଳିଙ୍ଗ ଷ୍ଟାଡିୟମରେ ୧୫,୦୦୦ ଦର୍ଶକ ମ୍ୟାଚ୍ ଉପଭୋଗ କରିବାର ବ୍ୟବସ୍ଥା ରହିଛି।

## ତମାଣ୍ଡୋ କପ୍ ଫୁଟବଲ: ସେମିରେ ପପୁଲାର

**ଭୁବନେଶ୍ୱର, ୧୯।୧୨ (କ୍ରୀଡ଼ା ପ୍ରତିନିଧି):** ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ଢେଙ୍କାନାଳର ପପୁଲାର ସ୍ପୋର୍ଟିଂ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ପପୁଲାର ସ୍ପୋର୍ଟିଂ ସଡନ୍‌ଡେଥ୍ ୬-୫ ଗୋଲରେ ଗଣ୍ଡରପୁରର ୟୁନାଇଟେଡ୍ ୟୁଥ୍ କ୍ଲବକୁ ପରାସ୍ତ କରିଛି। ମ୍ୟାଚ୍‌ର ୪ର୍ଥ ମିନିଟରେ ୟୁନାଇଟେଡ୍ କ୍ଲବର ରାଜା ନାଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ୫୦ତମ ମିନିଟ୍‌ରେ ପପୁଲାରର ବିଜୟ ଓରାମ ଗୋଲଟିକୁ ପରିଶୋଧ କରିଦେଇଥିଲେ। ନିର୍ଦ୍ଧାରିତ ସମୟ ଏବଂ ଟାଇବ୍ରେକରରେ ଫଳାଫଳ ନ ମିଳିବାରୁ ସଡନ୍‌ଡେଥ୍ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ ଗଣ୍ଡରପୁର ପକ୍ଷରୁ ବାବୁଲାଲ ସାହୁ, ଅବିନାଶ ସାମଲ, ଚନ୍ଦନ ନାୟକ ଓ କାର୍ତ୍ତିକ ଭୋଳ ଗୋଲ ଦେଇଥିବାବେଳେ ଢେଙ୍କାନାଳ ଦଳ ପକ୍ଷରୁ ଅଜୟ ନାୟକ, ସାଗର ବିଶ୍ୱାଳ, ବିଜୟ ଓରାମ, ମଣ୍ଟୁ ସ୍ୱାଇଁ ଓ ଭାବଗ୍ରାହୀ ପଡ଼ିହାରୀ ଗୋଲ ସ୍କୋର କରିଥିଲେ। ଖେଳ ଶେଷରେ ବିଜୟୀ ଦଳର ସରୋଜ ପ୍ରଧାନଙ୍କୁ ଅତିଥି ଜମେଶ୍ୱର ଦାସ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଟି. ମୋହନରାଓ, ସୁଜିତ ପାତ୍ର, ଚନ୍ଦ୍ରକାନ୍ତ ବାରିକ ଓ ସୁଶାନ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ।







ମୁଁ ଦେବେନ୍ଦ୍ର ସିଂହ, ବୟସ ୬୨ ବର୍ଷ, ଜିଲ୍ଲା ବୈଶାଳୀ, ବିହାରର ବାସିନ୍ଦା । ମୋର ବହୁତ ସମୟ ଧରି ଗ୍ୟାସ୍, କୋଷ୍ଠକାଠିନ୍ୟ, ଏସିଡିଟିର ସମସ୍ୟା ଥିଲା । ଯେଉଁ କାରଣରୁ ପେଟ ବ୍ୟଥାର ବିକାର ମଧ୍ୟ ଲାଗି ରହୁଥିଲା । ସକାଳେ ଫ୍ରେଶ୍ ହେବା କଷ୍ଟକର ଥିଲା । ଅନେକ ଔଷଧ ଖାଇଲି କିନ୍ତୁ କିଛି ଆରାମ ମିଳିଲା ନାହିଁ । ଦିନେ ମୋତେ ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟାବ୍‌ଲେଟ୍ସ ବିଷୟରେ ଜଣାପଡ଼ିଲା। ଯାହାର ପ୍ରଭାବ ପ୍ରଥମ ଦିନରୁ ହିଁ ଦେଖିବାକୁ ମିଳିଲା । ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟାବ୍‌ଲେଟ୍ସ ମୋ ପେଟର ସମସ୍ତ ସମସ୍ୟାରେ ଅପେକ୍ଷାକୃତ ପ୍ରଭାବୀ ସାବ୍ୟସ୍ତ ହେଲା । ଆଜି ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ । ଏଥିପାଇଁ ମୁଁ ପେଟ ସଫାକୁ ଧନ୍ୟବାଦ ଜ୍ଞାପନ କରୁଛି ।



ମୋର ନାମ ଫୁସରାଜ ସୋନି, ବୟସ 50 ବର୍ଷ, ଜିଲ୍ଲା ବିକାନେର, ରାଜସ୍ଥାନର ବାସିନ୍ଦା ଅଟେ । ମୋର ଅନେକ ସମୟ ଧରି ଗ୍ୟାସ୍, କୋଷ୍ଠକାଠିନ୍ୟ, ଏସିଡିଟିର ଭାରି ସମସ୍ୟା ଥିଲା । ଏହି କାରଣରୁ ପେଟ ଯନ୍ତ୍ରଣାର ବିକାର ମଧ୍ୟ ଲାଗି ରହୁଥିଲା । ଫ୍ରେଶ୍ ହେବାରେ କଠିନତାର ସମ୍ମୁଖୀନ ହେବାକୁ ପଡୁଥିଲା। ଦିନେ ମୋର ଜଣେ ବନ୍ଧୁ ମୋତେ 16 ଖାସ୍ ଆୟୁର୍ବେଦିକ ଜଡ଼ିବୁଟିରେ ପ୍ରସ୍ତୁତ ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟାବ୍‌ଲେଟ୍ସ ବିଷୟରେ କହିଲେ, ଯାହା କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ପାଇଁ ଅବ୍ୟର୍ଥ ଔଷଧି ଅଟେ । ମୁଁ ପେଟ ସଫା ସେବନ ଆରମ୍ଭ କଲି । ଏହାର ପରିଣାମ ବାସ୍ତବରେ ବହୁତ ପ୍ରଭାବୀ ଅଟେ । ପେଟ ସଫା ମୁହଁରେ ଲାଖେ ମଧ୍ୟ ନାହିଁ ଏବଂ ଏହା ଅଭ୍ୟାସରେ ମଧ୍ୟ ପଡ଼େନାହିଁ ।



ମୋର ନାମ ଗୋପାଳ ସମ୍ପତ ଦେଓରେ, ବୟସ 70 ବର୍ଷ, ଜିଲ୍ଲା ଜଳଗାଓଁ, ମହାରାଷ୍ଟ୍ରର ବାସିନ୍ଦା ଅଟେ । ମୁଁ ଗତ 3-4 ବର୍ଷ ଧରି ଗ୍ୟାସ୍, କୋଷ୍ଠକାଠିନ୍ୟ, ଏସିଡିଟି କାରଣରୁ ଅନେକ ସମସ୍ୟା ଭୋଗୁଥିଲି । ଏହି କାରଣରୁ ସବୁବେଳେ ମୋ ଚେହେରା ଝାଉଁଳା ରହୁଥିଲା । କିନ୍ତୁ ଦିନେ ମୋତେ ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲ୍ସ ଏବଂ ଟାବ୍‌ଲେଟ୍ସ ବିଷୟରେ ଜଣା ପଡ଼ିଲା । ଏହା 16ଟି ଖାସ୍ ଜଡ଼ିବୁଟିରେ ପ୍ରସ୍ତୁତ । ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ମୁଁ ଏହାକୁ ସେବନ କରିବା ଆରମ୍ଭ କଲି । ବିଶ୍ୱାସ କରନ୍ତୁ, ପରଦିନ ସକାଳେ ପେଟ ଭଲଭାବେ ସଫା ହୋଇଗଲା । ଏବେ ମୋ ଚେହେରା ବି ସତେଜ ରହୁଛି । ଏହା ବାସ୍ତବରେ ବହୁତ ଭଲ । ସମ୍ପୂର୍ଣ୍ଣ ଆୟୁର୍ବେଦିକ ହୋଇଥିବାରୁ ଏହାର କୌଣସି ସାଇଡ୍-ଇଫେକ୍ଟ ମଧ୍ୟ ନାହିଁ ।

petsaffa.com | 24x7 Helpline: 91197 88888 | Available at all medical & general stores




କର୍ପୋରେଟ୍/ସରକାରୀ/ସିଏସଡି ସମ୍ପର୍କିତ ବିବରଣ ପାଇଁ ଅନୁଗ୍ରହ କରି ଲେଖନ୍ତୁ bijoy.dutta@tatamotors.com

TATA MOTORS ASSURED ଟାଟା ମୋଟର୍ସ ଆସିଓର୍ଡ ମାଧ୍ୟମରେ ଆପଣଙ୍କ ପୁରୁଣା କାର ଏକ୍ସଚେଞ୍ଜ କରନ୍ତୁ ।

THE TATA MOTORS #FinanceEasy FESTIVAL | Exciting Benefits upto ₹ 75 000 | iRA TECHNOLOGY Versatile iRA Connected Car Technology | Majestic Panoramic Sunroof | Ventilated Seats | Android Auto™/Apple CarPlay™ over Wi-Fi | Unmatched Safety GLOBAL NCAP ★★★★★ 5-STAR SAFETY RATING#

BALASORE: Premier Motors: BALASORE: 7506018732. BARIPADA: 9152102450. BHADRAK: 9152102461. Gugnani Autocars: JAJPUR: 9152102472. CUTTACK: 7506018750. BHUBANESWAR: 9619127347. KEONJHAR: 8291650635. CHANDIKHOL: 9152102472.

#5-star safety rating applicable on Altroz only. *Terms and conditions apply. This offer is available on select models. Please contact nearest Tata Motors Passenger Vehicles dealership for more details. Images and illustrations are indicative and for information purposes only. Discount mentioned is at the discretion of Tata Motors Passenger Vehicles Limited. All Features/specifications are not available in all variants and may vary for different variants. Specifications/features are subject to change without prior information. Please consult an authorised Tata Motors dealer for latest information on features/specifications before deciding to place an order. Colours may vary due to printing limitations. Local taxes and Octroi extra. All offers are at sole discretion of Tata Motors and can be changed by Tata Motors without any prior notice. Offer available till stocks last. Finance available at sole discretion of financier.


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ବିଦ୍ୟୁତ୍ ସଂସ୍ପର୍ଶରେ ଚାଷୀଙ୍କ ମୃତ୍ୟୁ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇ ପଶି ପଞ୍ଚାୟତ ସାନଗମାରିଆ ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ନାରଣ ମୁଣ୍ଡା( ୫୦)। ସୋମବାର ସନ୍ଧ୍ୟାରେ ନାରଣ ବଗିଚାରେ ପାଣି ମଡ଼ାଉଥିଲେ। ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ମୟୂରଭଞ୍ଜରେ ୧୨ଘଣ୍ଟିଆ ହରତାଳ ଆଜି

**ବାରିପଦା ଅଫିସ, ୧୯।୧୨:** ଆଦିବାସୀ ଭାଷା ଓ ଲିପିକୁ ସରକାରୀ ସ୍ୱୀକୃତି ଦାବି ନେଇ ମିଳିତ ଆଦିବାସୀ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ମୟୂରଭଞ୍ଜ ଜିଲାରେ ୧୨ ଘଣ୍ଟିଆ ହରତାଳ ଡାକରା ଦିଆଯାଇଛି। ଜିଲାରେ ୨୦୦୭ରେ ରାଜ୍ୟ ସରକାର ୧୦୦ ଜଣ ଅଲିଚିକି କମ୍ୟୁନିଟି ମୋବିଲାଇଜର ଓ ୨୦୦୯ରେ ୨୦ଜଣ ମୁଣ୍ଡାରୀ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ। ସ୍ୱଳ୍ପ ଦରମା ପାଉଥିବା ସତ୍ତ୍ୱେ ବିଦ୍ୟାଳୟରେ ଏମାନେ ଅନ୍ୟ ଶିକ୍ଷକଙ୍କ ଭଳି ଶିକ୍ଷାଦାନ କରିବା ସହ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ମଧ କରି ଆସୁଛନ୍ତି। ଦୀର୍ଘ ୧୫ ବର୍ଷ ନିରବଚ୍ଛିନ୍ନ କାର୍ଯ୍ୟ କରିଥିବା ଯୋଗୁ ସରକାର ତାଙ୍କୁ ନିୟମିତ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ପ୍ରକାଶ ଯେ, ଏହି ଦାବି ପ୍ରତି ସରକାର କର୍ଣ୍ଣପାତ ନ କରିବାରୁ ରାଇରଙ୍ଗପୁରର ପୋଖରିଆ ଗ୍ରାମରୁ ନବୀନ ନିବାସ ଅଭିମୁଖେ ପଦଯାତ୍ରାରେ ଯାଇଛନ୍ତି ସମସ୍ତ ଶିକ୍ଷକ। ୨୮ଦିନ ପରେ ସେମାନେ ଭୁବନେଶ୍ୱରରେ ପହଞ୍ଚିବା ସତ୍ତ୍ୱେ ସରକାର ସେମାନଙ୍କ ସହ କୌଣସି ପ୍ରକାର ଆଲୋଚନା ଆରମ୍ଭ ନ କରିବା ଦୁର୍ଭାଗ୍ୟଜନକ। ରାଜ୍ୟ ସରକାରଙ୍କ ଏଭଳି ଉଦାସୀନତା ପାଇଁ ବିଭିନ୍ନ ଆଦିବାସୀ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ହରତାଳ ଆହ୍ୱାନ ଦିଆଯାଇଛି। ଆଦିବାସୀ-ମୂଳବାସୀ ମଞ୍ଚ ଓ ଜିଲା ପେସା ଗ୍ରାମସଭା ସମନ୍ୱୟ କମିଟି, ମାସା ଆର୍ମି, ମାଝି ପାର୍ଗାନା ମାହଲ, ମୁଣ୍ଡାରୀ ସମାଜ ସାୱାର ଜାମଡା ଓ ଭଞ୍ଜସେନା ଆଦିବାସୀ ଶାଖାର ମିଳିତ ଆହ୍ୱାନରେ ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ହରତାଳ କରାଯିବ।

### ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

**ବନ କର୍ମଚାରୀଙ୍କୁ ଘେରିଲେ ଗ୍ରାମବାସୀ**

**ଯୋଡ଼ା,୧୯।୧୨(ଡି.ଏନ.ଏ.):** କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ବାମେବାରୀ ସେକ୍ସନ ବଡ଼କାଳି ମାଟି ପଞ୍ଚାୟତ ପୀଢ଼ପୋଖରୀ ଗ୍ରାମରେ ସୋମବାର ସନ୍ଧ୍ୟାରେ ଦନ୍ତାହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମହିଳା ଜଣଙ୍କ ଗ୍ରାମର ସୁରୁ ମୁଣ୍ଡା(୪୫) ବୋଲି ଜଣାପଡ଼ିଛି। ଘଟଣାକୁ କେନ୍ଦ୍ର କରି ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଛି। ଉତ୍ତ୍ୟକ୍ତ ଲୋକେ ଘଟଣାସ୍ଥଳରେ ବନ କର୍ମଚାରୀଙ୍କୁ ଘେରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଉକ୍ତ ଗ୍ରାମର ମହିଳା ଘରୁ ବାହାରକୁ ବାହାରିଥିଲେ। ଅନ୍ଧାରରେ ଥିବା ଦନ୍ତା ତାଙ୍କୁ ଘୋଷାଡ଼ି ଦଳି ଦେଇଥିଲା। ଫଳରେ ମହିଳାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

### ନାବାଳକଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

**ନୀଳଗିରି,୧୯।୧୨(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ବାଙ୍କୀଶୂଳ ଗାଁର ଜଣେ ନାବାଳକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ରବିବାର ସନ୍ଧ୍ୟାରେ ମା' ବାପା ଘରକୁ ଫେରିବା ପରେ ନାବାଳକ ଜଣଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣିବା ପରେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କେହି ତାଙ୍କୁ ହତ୍ୟା କରି ଟାଙ୍ଗି ଦେଇଥିବା ନେଇ ମା'ବାପା ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଅବସରକାଳୀନ ସମ୍ବର୍ଦ୍ଧନା

**ଧାମନଗର,୧୯।୧୨ (ଡି.ଏନ.ଏ./ସ୍ୱ.ପ୍ର.):** ଭଦ୍ରକ ଜିଲା ଧାମନଗର ବ୍ଲକ ଇନ୍ଦ୍ରଗୋବିନ୍ଦ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସୋରିଷଡିହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆର୍‌ସିସି ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିଆର୍‌ସିସି ଗୋବିନ୍ଦ ମାଝୀ, ଅନ୍ୟତମ ଅତିଥି ଭାବେ ଶିକ୍ଷକ ଖଗେଶ୍ୱର ସାମଲ, ସଞ୍ଜିତ ସାହୁ, ମୁଜାଫର ହୋସେନ, ନିରୋଦ କୁମାର ଜେନା, ରଞ୍ଜନ ସେଠି, ପୂର୍ଣ୍ଣଚନ୍ଦ୍ର ନାୟକ, କମଳାକାନ୍ତ ସେଠି, ସାହା ମୁମତାଜ, ଶିକ୍ଷୟିତ୍ରୀ ସୁମିତ୍ରା ମିସ୍ତ୍ରୀ, ମମତା ଦାଶ, ମଧୁସ୍ମିତା ରାଉତ, ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅବସର ନେଇଥିବା ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଅନିଲ କୁମାର ବଳ ଓ ଦଇପୁରସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଶଶୀଭୂଷଣ ସେଠୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ସନାତନ ମୁର୍ମୁ, ଭୀମସେନ ହାଁସଦା, କାଇରାସିଂ କୋଡଡା, ମନୋରଞ୍ଜନ ଗୋସ୍ୱାମୀ, ସୀତାଂଶୁ ସେଠି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ନିର୍ମଳ କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ରେଞ୍ଜ୍ ଦାୟିତ୍ୱରେ ତଳିଆ କର୍ମଚାରୀ

- ଖାଲିପଡ଼ିଛି ୯ ପଦବୀ
- ନିଯୁକ୍ତି ପରେ ଦାୟିତ୍ୱ ଦିଆଯିବ

**ବାରିପଦା ଅଫିସ,୧୯।୧୨**

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ରେଞ୍ଜ କାର୍ଯ୍ୟାଳୟ ଦାୟିତ୍ୱରେ ରହୁଛନ୍ତି ତଳିଆ କର୍ମଚାରୀ। ଦୀର୍ଘଦିନ ଛୁଟି ଦର୍ଶାଇ ସହରରେ ରେଞ୍ଜରମାନେ ବୁଲୁଥିବା ବେଳେ ଦାୟିତ୍ୱକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇପଡୁଥିବା ସହ କାଠ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି।

ଶିମିଳିପାଳରେ ଦନ୍ତା ହାତୀ ଶିକାର ଓ ପ୍ରମାଣ ନଷ୍ଟ, ମହାବଳ ବାଘ ଚମଡ଼ା ବିକ୍ରି ଘଟଣାରେ ବନ ବିଭାଗ ପ୍ରତି ଲୋକଙ୍କ ଆସ୍ଥା ତୁଟିବାକୁ ବସିଛି। ଅଭୟାରଣ୍ୟ ନାଁରେ ଭୟର ବାତାବରଣ ଲାଗିରହିଛି। ଚାରିଆଡ଼େ ଶିକାର ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟି ନିରୀହ ଜୀବଜନ୍ତୁଙ୍କ ଉପରେ ପଡ଼ିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନରେ ଥିବା ୯ଟି ରେଞ୍ଜରୁ ୫ ଓ ଉତ୍ତର ଡିଭିଜନରେ ୭ଟିରୁ ୪ ମୋଟ ୯ ରେଞ୍ଜର ପଦବୀ ଦୀର୍ଘଦିନ ଧରି ଖାଲିପଡ଼ିଛି। ଜେନାବିଲ ଓ ବାରହାକାମୁଡା ଭଳି ଗୁରୁତ୍ୱପୂର୍ଣ୍ଣ ରେଞ୍ଜ୍ କାର୍ଯ୍ୟାଳୟରେ ରେଞ୍ଜର ପଦବୀରେ ଫରେଷ୍ଟର ଦାୟିତ୍ୱ ତୁଲାଉଛନ୍ତି। ଫରେଷ୍ଟରଙ୍କୁ ରେଞ୍ଜ୍ ଦାୟିତ୍ୱ ଦିଆଯାଉଥିବା ବେଳେ ରେଞ୍ଜରମାନଙ୍କୁ ଅଫିସ କାର୍ଯ୍ୟରେ ନିୟୋଜିତ କରାଯାଇଛି। ରେଞ୍ଜରମାନେ ବଣ ଜଙ୍ଗଲ ଓ ଜୀବଜନ୍ତୁଙ୍କ ସହ ନ ରହି ସହରୀ ଚାକଚକ୍ୟ ମଧ୍ୟରେ ରହିବା ପାଇଁ ଦାୟିତ୍ୱ ଅପସାରଣ କରିବାରେ ଲାଗିଛନ୍ତି। ବିଭାଗୀୟ ଉଚ୍ଚ ପଦାଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ରେଞ୍ଜ୍ କାର୍ଯ୍ୟାଳୟଗୁଡ଼ିକ ହୁଗୁଳା ହୋଇପଡ଼ିଛି। କାର୍ଯ୍ୟାଳୟ ପରିସରକୁ ବିଷ ଆସିବା ଓ ଏହାକୁ କର୍ମଚାରୀ ତୁରାମ ପୁର୍ତ୍ତି ପିଇବା ଘଟଣାରେ ବନ ବିଭାଗ ଚୁପ ହୋଇ ବସିଛି। ସତ୍ୟତା ପ୍ରକାଶ କରିବାରେ ବିଭାଗ ସାହସ ଜୁଟାଇ ପାରୁନାହିଁ ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

ସେହିପରି ଶିମିଳିପାଳର ଶୋଭା ବଢ଼ାଉଥିବା ଓ ସୁରକ୍ଷା ଯୋଗାଉଥିବା କୁମ୍‌କୀ ହାତୀ 'ଶୋଭା'ର ମୃତ୍ୟୁକୁ ନେଇ କରାଯାଇଥିବା ଅବହେଳାରେ ଦୋଷୀଙ୍କୁ ଦଣ୍ଡିତ କରିବା ଉଚିତ ବୋଲି ପ୍ରାଣୀପ୍ରେମୀମାନେ ଦାବି କରୁଛନ୍ତି। ୮ ଦିନ ବିତିବାକୁ ବସିବା ପରେ ମଧ ବେପାରୀଙ୍କଠାରେ ଥିବା ଦୁଇଟି ବାଘ ଚମଡ଼ା ଓ ଗୋଟିଏ ହାତୀଦାନ୍ତକୁ କ୍ରାଇମବ୍ରାଞ୍ଚ ଜବତ କରିବାରେ ବିଫଳ ହୋଇଛି। ଶିମିଳିପାଳ ଜୈବମଣ୍ଡଳ ତଥା ଅଭୟାରଣ୍ୟକୁ ସୁରକ୍ଷା ଯୋଗାଇବାରେ ନିୟୋଜିତ ଥିବା ଅନଭିଜ୍ଞ ଅଧିକାରୀଙ୍କୁ ତୁରନ୍ତ ବଦଳି କରିବା ସହ ସେମାନଙ୍କ ଆୟବର୍ହିଭୂତ ସମ୍ପତ୍ତିର ଆକଳନ କରାଯାଉ। ଜଙ୍ଗଲ ମଧ୍ୟରେ ରହି ବନ୍ୟଜନ୍ତୁ ଶିକାରରେ ଜଡ଼ିତ ଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି। ଏ ସମ୍ପର୍କରେ ଆଞ୍ଚଳିକ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାର କହନ୍ତି, ହାତୀ ଶିକାର ଓ ପୋଡ଼ିବା ଘଟଣା ପରେ ଛୁଟି ନେଇଥିବା ରେଞ୍ଜରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଫାଙ୍କା ପଡ଼ିଥିବା ରେଞ୍ଜର ପଦବୀ ପୂରଣ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରେଞ୍ଜର ନିଯୁକ୍ତି ହେଲେ ତଳିଆ କର୍ମଚାରୀଙ୍କୁ ଦାୟିତ୍ୱରୁ ଅପସାରଣ କରାଯିବ। ତେବେ ବନ୍ୟଜନ୍ତୁ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କଲେ ଅଭୟାରଣ୍ୟରେ ଜୀବଜନ୍ତୁ ନିର୍ଭୟରେ ରହିପାରିବେ ବୋଲି ମତପ୍ରକାଶ ପାଇଛି।

## ସରକାରୀ ଅନୁଦାନରୁ ବଞ୍ଚିତ ତାରିଣୀ ପୀଠ



ଧାରଣାରେ ବସିଥିବା ସେବାୟତ ସନ୍ତୋଷ ବସା ।

### ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଭକ୍ତଙ୍କ ସହ ଅନଶନରେ ବସିଲେ ସେବାୟତ

**ବାଙ୍ଗିରିପୋଷି, ୧୯।୧୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ପଞ୍ଚାୟତ ମଣଦା ଗ୍ରାମସ୍ଥିତ ମା' ତାରିଣୀ ପୀଠକୁ ସରକାରୀ ଅନୁଦାନ ମିଳୁ ନ ଥିବା ଅଭିଯୋଗ ଆଣି ସେବାୟତ ସନ୍ତୋଷ କୁମାର ବସା ସୋମବାର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ମା' ତାରିଣୀଙ୍କ ନାଁରେ ନିଜସ୍ୱ ଜମି ଥିବାବେଳେ ଟ୍ରଷ୍ଟ ୨୦୧୭ରେ ପଞ୍ଜୀକୃତ ହୋଇଥିବା ସତ୍ତ୍ୱେ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛି। ବିଭିନ୍ନ ପୂଜା, ଓଷା ସମୟରେ ପାନୀୟଜଳ ଟୋପେ ପାଇଁ ଡହଳବିକଳ ହୁଅନ୍ତି। ଏଠାରେ ଏକ ନଳକୂପ ସ୍ଥାପନ ଲାଗି ବାରମ୍ବାର ଧାଇଁ ହତାଶ ହେଲା ପରେ ସେବାୟତ ସନ୍ତୋଷ ବାଙ୍ଗିରିପୋଷି ବିଡିଓଙ୍କ ଅଫିସ ଆଗରେ ଭକ୍ତଙ୍କ ସହ ବିଭିନ୍ନ ଦେବଦେବୀଙ୍କ ଘଟ ସ୍ଥାପନା କରି ଅନଶନରେ ବସିଥିଲେ। ବିଡିଓ ସତ୍ୟବାନ ନାୟକ ଅନୁପସ୍ଥିତ ଥିବାରୁ ସ୍ଥାନୀୟ ତହସିଲଦାର ମାଧବ ଚନ୍ଦ୍ର ବିରୁଆ, ଅତିରିକ୍ତ ତହସିଲଦାର ସାହେବରାମ ବାସ୍କେ, ଥାନାଧିକାରୀ କମଳାକାନ୍ତ ଦାସ, ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ସିଂ, ବ୍ଲକ ନିର୍ବାହୀ ଯନ୍ତ୍ରୀ ଦୀପକ ଗଡତିଆ ତାଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଗୁରୁବାର ଏକ ବୈଠକ ଡକାଯାଇ ସମାଧାନ କରାଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଲା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

# ଶାରଦୀୟ ଅମୃତ କୁମ୍ଭ ଅଫରର ବିଜେତା ଚୟନ




ଖବରଦାତା ସମ୍ମିଳନୀରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର ଓ ଅନ୍ୟମାନେ।

### ୫ଲକ୍ଷ ୬୨ ହଜାର ଗ୍ରାହକଙ୍କ ମଧ୍ୟରୁ ୩୪୦ ବିଜେତା

**ବାଲେଶ୍ୱର ଅଫିସ,୧୯।୧୨**

ବାଲେଶ୍ୱର ରେମୁଣା ଗୋଲେଇ ନିକଟସ୍ଥ ଟାଟା ପାୱାର ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଶାରଦୀୟ ଅମୃତ କୁମ୍ଭ ଅଫରର ବିଜେତା ଚୟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ୍ ୫ଲକ୍ଷ ୬୨ ହଜାର ଗ୍ରାହକଙ୍କୁ ସାମିଲ୍ କରାଯାଇ କମ୍ପ୍ୟୁଟର ମାଧ୍ୟମରେ ଲକି ଡ୍ର ଉଠାଣ କରାଯାଇ ୩୪୦ ଜଣ ବିଜେତା ଚୟନ କରାଯାଇଥିଲା। ସେମାନଙ୍କୁ ବିଭିନ୍ନ ସ୍ତରରେ ପୁରସ୍କୃତ କରାଯିବା ବୋଲି କମ୍ପାନୀର ସିଇଓ ଭାସ୍କର ସରକାର ଆୟୋଜିତ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି।

ଟିପିଏନ୍‌ଓଡିଏଲ୍ ପକ୍ଷରୁ ଉତ୍ତର ଓଡ଼ିଶାର ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ ଗତ ଅକ୍ଟୋବର ମାସରୁ ବକେୟା ବିଦ୍ୟୁତ୍ ବିଲ ଆଦାୟ ପାଇଁ 'ଶାରଦୀୟ ଅମୃତ କୁମ୍ଭ ଅଫର' ମାଧ୍ୟମରେ ଗ୍ରାହକଙ୍କୁ ପୁରସ୍କାରର ଅଫର ଆରମ୍ଭ ହୋଇଥିଲା। ଅଫର ଅବଧି ମଧ୍ୟରେ ବକେୟା ଥିବା ବିଦ୍ୟୁତ ଦେୟକୁ ଶୂନ୍ୟ ଅର୍ଥାତ ଜିରୋ ଏରିଅର କରୁଥିବା ଗ୍ରାହକମାନଙ୍କ ମଧ୍ୟରୁ ବିଜେତା ଚୟନ ସହ ସେମାନଙ୍କ ପାଇଁ ଭଲ ଭଲ ପୁରସ୍କାର ଘୋଷଣା କରାଯାଇଥିଲା। ସେହି କ୍ରମରେ ୪ଟି ଯୋଜନାରେ ବାଲେଶ୍ୱର ଜିଲାର ୧,୯୬,୪୯୨, ଭଦ୍ରକର ୬୨,୭୭୫, ମୟୂରଭଞ୍ଜର ୧,୧୬,୪୮୧, ଯାଜପୁରର ୮୦,୧୯୩ ଏବଂ କେନ୍ଦୁଝରର ୧,୦୬,୨୪୯ ଜଣ ଗ୍ରାହକଙ୍କୁ ମିଶାଇ ମୋଟ ୫ଲକ୍ଷ ୬୨ହଜାର ୧୯୦ ଜଣ ଗ୍ରାହକ ଜିରୋ ଏରିଅର କରି ଏହି ଅଫରରେ ସାମିଲ ହୋଇଥିଲେ। ବିଜେତା ଚୟନ ପାଇଁ ଏକ ସ୍ୱତନ୍ତ୍ର କମ୍ପ୍ୟୁଟର ଆପ୍ଲିକେସନ ଦ୍ୱାରା ଲଟେରି ଉଠାଣ ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ମୋଟ୍ ୩୪୦ ଜଣଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଟିପିଏନ୍‌ଓଡିଏଲ୍‌ର ଚିଫ୍ ଅଫ୍ କମର୍ସ ଦୁଷ୍ମନ୍ତ କୁମାର ତ୍ୟାଗୀ, ଚିଫ୍-କମର୍ସିଆଲ୍ ଅଫିସର ରମେଶ କୌଲ୍, ଏଚ୍‌ଓଡି ରେଭିନ୍ୟୁ ଅଧିକାରୀ ଶୁଭଜ୍ୟୋତି ଦାସ, ଜନ ସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ, ଆଇଟିଏବଂ ଓଟି ବିଭାଗ ମୁଖ୍ୟ ତରୁଣ ବତ୍ରା, କଷ୍ଟମର୍ ସର୍ଭିସ୍ ବିଭାଗ ମୁଖ୍ୟ ବିନୋଦ କୁମାରଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

## ସରସ୍ୱତୀ ଗୋସ୍ୱାମୀଙ୍କ ଜୟନ୍ତୀ

**ଗୋପବନ୍ଧୁ ନଗର,୧୯।୧୨(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ କୁଆମରା ଗୌଡୀୟ ମଠ ପରିସରରେ ସାରସ୍ୱତ ବୈଷ୍ଣବ ସଂଘ କୁଆମରା ଆନୁକୂଲ୍ୟରେ ଶ୍ରୀଗୌଡୀୟ ମଠର ସମୂହ ପ୍ରତିଷ୍ଠାତା ଆଚାର୍ଯ୍ୟ ଭାସ୍କର ଜଗତଗୁରୁ ପ୍ରଭୁପାଦ ଶ୍ରୀଳ ଭକ୍ତ ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ କୋଲକାତାସ୍ଥିତ ମାୟାପୁର ଶ୍ରୀ ଚୈତନ୍ୟ ଆଶ୍ରମର ଅଧ୍ୟକ୍ଷ ଶ୍ରୀପଦ ଭକ୍ତି କମଳ ହୃଷୀକେଶ ଗୋସ୍ୱାମୀ, ବୃନ୍ଦାବନର ଶ୍ରୀଗୋପିନାଥ ନଗରୀର ସାଧୁ ଭକ୍ତି ରକ୍ଷକ ବିକ୍ରମ, ଉଦଳା ଗୌଡ଼ିୟ ମଠର ଉପାଧ୍ୟକ୍ଷ ସୌରଭ କେଶବ, ମାୟାପୁର ଚୈତନ୍ୟ ମଠର ବ୍ରହ୍ମଚାରୀ ମଦନମୋହନ ପ୍ରମୁଖ ଯୋଗଦେଇଥିଲେ। ପୁଣ୍ୟ ତିଥିରେ ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଉଦ୍ରକ ଏବଂ ପୋଡ଼ଶୀ ରାଜ୍ୟରୁ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ଆର୍ଶୀବାଦ ଭିକ୍ଷା କରିଥିଲେ। ଶ୍ରୀଳ ପ୍ରଭୁପାଦଙ୍କର ବିଗ୍ରହକୁ ସୁସଜ୍ଜିତ ବିମାନରେ ବସାଇ ଗ୍ରାମ ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମକୁ ଶଶିବନ୍ଦନ, ମହେଶ୍ୱର, ମୃତ୍ୟୁଞ୍ଜୟ, ହରିପଦ, ପ୍ରଦ୍ୟୁମ୍ନ ପ୍ରମୁଖ ପରିଚାଳନା କରିଥିଲେ। ପ୍ରକାଶ ଥାଉକି, ଶ୍ରୀଳ ପ୍ରଭୁପାଦ ୧୯୧୮ ଜୁନ୍ ୧୩ରେ କୁଆମରା ଭ୍ରମଣରେ ଆସି ଦୁଇ ଦିନ ଅବସ୍ଥାନ କରିଥିଲେ। ସେହି ଦିନଠାରୁ ଉକ୍ତ ମଠ ଭକ୍ତଙ୍କ ଦ୍ୱାରା ପରିଚାଳିତ ହୋଇ ଆସୁଛି।

## ବ୍ଳକସ୍ତରୀୟ ଶିଶୁ ଉତ୍ସବ

**ମୋରଡ଼ା,୧୯।୧୨(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ ବାରମାଇଲସ୍ଥିତ ଉପେନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ସୌଦାମିନୀ ସିଂ, ସଭାପତି ବଂଶୀଧର ପାଣିଗ୍ରାହୀ, ମୁଖ୍ୟବକ୍ତା ଅକ୍ଷୟ ପତି, ଓଷ୍ଟା ସମ୍ପାଦକ ନୀଳକଣ୍ଠ ନାୟକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଝରଣା ମୁର୍ମୁ, ଓଷ୍ଟା ଉପସଭାପତି ଅଶୋକ କୁମାର ସି, ଯୁଗ୍ମ ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା ଓ ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାନ୍ତ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ତର୍କ ପ୍ରତିଯୋଗିତାରେ ରୁପାଲି ଦେଓ, କଣ୍ଠ ସଙ୍ଗୀତରେ ମାହୀ ହେମ୍ବ୍ରମ, ଚିତ୍ରାଙ୍କନରେ ସୁଇଟିଲ ଦେଓ, ଆବୃତ୍ତିରେ ଗୌରୀ ହେମ୍ବ୍ରମ, ଗଳ୍ପ ଲିଖନରେ ହେମାଳୀ ଚପେୟାର, କବିତା ରଚନାରେ ରିଙ୍କି ସିଂ, ଏକକ ଅଭିନୟରେ ରଞ୍ଜିତା ମହାନ୍ତ, ନୃତ୍ୟରେ ଅଲିଭା ପାତ୍ର, ଜିକେରେ ପାଦୁମୀ ଟୁଡୁ ଓ କୁଇଜରେ ଲାଲୁଟୁ ଦିଗାର କୃତିତ୍ୱ ଅର୍ଜନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଓଷ୍ଟାର ଜିଲା ସଭାପତି ସନ୍ତୋଷ କାନ୍ତ, ମୁଖ୍ୟବକ୍ତା ଜିଲା ସମ୍ପାଦକ ଚିତ୍ତରଞ୍ଜନ ପଳତା, ସମ୍ମାନିତ ଅତିଥି ଅଜୟ ପାଳ, ସମିତିସଭ୍ୟା ଝୁନାରାଣୀ ସେଠି, ଦୟାନିଧି ମହାନ୍ତ, ପ୍ରଦୀପ ମହାନ୍ତ, ନର୍ମଦା ମହାନ୍ତ, ଅକ୍ଷୟ ସି, ଗୋପାଳ ଚନ୍ଦ୍ର ଜେନା ଓ ନୀଳକଣ୍ଠ ନାୟକ ଯୋଗ ଦେଇଥିଲେ।

# ୧୧ ଲକ୍ଷ ଟଙ୍କାର କମ୍ପ୍ୟୁଟର ସାମଗ୍ରୀ ନେଇଗଲେ

### କାଳିକାପ୍ରସାଦ ଉଚ୍ଚ ବିଦ୍ୟାଳୟରୁ ଚୋରି

**ଚମ୍ପୁଆ,୧୯।୧୨(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ କାଳିକାପ୍ରସାଦ ଉଚ୍ଚ ବିଦ୍ୟାଳୟରୁ ରବିବାର ରାତିରେ ଦୁର୍ବୃତ୍ତମାନେ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କମ୍ପ୍ୟୁଟର ସାମଗ୍ରୀ ନେଇଯାଇଛନ୍ତି। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗତ ପ୍ରସାଦ ମହାନ୍ତ ଚମ୍ପୁଆ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ମୁତାବକ, ରବିବାର ରାତିରେ ବିଦ୍ୟାଳୟର ୱାଚ୍‌ମ୍ୟାନ ଅନ୍ୟ ଏକ ରୁମ୍‌ରେ ଶୋଇଥିଲେ। ସେହି ସମୟରେ ବିଦ୍ୟାଳୟ ପଛପଟ ଗେଟ୍‌ର ତାଲା ଭାଙ୍ଗି ଦୁର୍ବୃତ୍ତ କମ୍ପ୍ୟୁଟର ଲ୍ୟାବରେ ପଶିଥିଲେ। ସେଠାରୁ ୯ କମ୍ପ୍ୟୁଟର, ଗୋଟେ ପ୍ରୋଜେକ୍ଟର, ୟୁପିଏସ, ଷ୍ଟାବିଲାଇଜର, ଡିଜି ସେଟ୍, ସ୍ମାର୍ଟ ଟିଭି, ବ୍ୟାଟେରି ଓ ସିସି ଟିଭିକୁ ନେଇଯାଇଛନ୍ତି। ଜଗୁଆଳ ଭୋର ୪ ଟାରେ ଗେଟ୍ ତାଲା ଭଙ୍ଗା ଯାଇଥିବା ଦେଖି ପ୍ରଧାନଶିକ୍ଷକଙ୍କୁ ଅବଗତ କରିଥିଲେ। ପରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ପ୍ରଧାନଶିକ୍ଷକ ଲ୍ୟାବରେ ପହଞ୍ଚି ଘଟଣା ସମ୍ବନ୍ଧରେ ଅବଗତ ହେବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ସାମଗ୍ରୀ ମୂଲ୍ୟ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ପ୍ରଧାନଶିକ୍ଷକ କହିଛନ୍ତି। ଚମ୍ପୁଆ ଥାନାରେ ୧୭୪/୨୨ରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ଶୀଘ୍ର ଦୁର୍ବୃତ୍ତଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ଗଗନ ବିହାରୀ ନାଏକ କହିଛନ୍ତି।

## ଗ୍ରସେରି ଦୋକାନରୁ ଚୋରି

**ଲଙ୍ଗଳେଶ୍ୱର/ରୂପସା, ୧୯।୧୨ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ଦନେଇପୁର ଗ୍ରାମରେ ଥିବା ଏକ ଗ୍ରସେରି ଦୋକାନରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଲୁଟେରାମାନେ ଦୋକାନର କବାଟ ଭାଙ୍ଗି ଫ୍ରିଜ୍, ଇନଭର୍ଟର ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟିନେଇଥିବା ଦୋକାନ ମାଲିକ ପ୍ରଦୀପ ରାଜ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସବୁଦିନ ଭଳି ଗତ ରବିବାର ରାତିରେ ପ୍ରଦୀପ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ସକାଳେ ତାଙ୍କ ଦୋକାନରୁ ଚୋରି ହୋଇଥିବା ଜଣାପଡ଼ିଥିଲା। ସିଂଲା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିଥି ଓ ଅଧିକାରୀ।

**ବାଲେଶ୍ୱର ଅଫିସ,୧୯।୧୨**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ମାନବ ସମ୍ବଳ ବିକାଶ କେନ୍ଦ୍ର ଏବଂ ରାଜ୍ୟ ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ କେନ୍ଦ୍ରର ମିଳିତ ସହଯୋଗରେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ସମ୍ମାନିତ ଅତିଥିଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ, ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ମିଶ୍ର, ପ୍ରୋଗ୍ରାମ କୋ ଅର୍ଡିନେଟର ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ ଓ ବାଲେଶ୍ୱର ଜିଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରୋଗ୍ରାମ ଅଫିସର ଡ. ପ୍ରତିମା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ଓ ଭଦ୍ରକ ଜିଲାରୁ ୪୦ଜଣ କାର୍ଯ୍ୟକ୍ରମ ଅଧିକାରୀ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରୋଗ୍ରାମ ଅଫିସର ଡ. ଜଗନ୍ନାଥ ବେହେରା, ପ୍ରଦୀପ କୁମାର ଦାସ ଓ ତାପସ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟାଟାଷ୍ଟିଲର ଖଣିଜ ସଂରକ୍ଷଣ ସପ୍ତାହ

**ଯୋଡ଼ା,୧୯।୧୨(ଡି.ଏନ୍.ଏ)**

ଟାଟା ଷ୍ଟିଲର କାଟାମାଟି ଲୌହ ଖଣି ଓ ମାଙ୍ଗାନିଜ ମାଇନ୍ସ (ଏମଜିଏମ) ପକ୍ଷରୁ କ୍ଷେତ୍ରର ଇଣ୍ଡିଆନ ବ୍ୟୁରୋ ଅଫ ମାଇନ୍ସ (ଆଇବିଏମ) ଅଧୀନରେ ସୋମବାର ନୋଆମୁଣ୍ଡି ଓ ଏବଂ ବିଛାକୁଣ୍ଡିଠାରେ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ-୨୦୨୨ର ପାଳିତ ହୋଇଯାଇଛି। ସେଲର ବଲାଣୀ ୟୁନିଟ୍‌ର ସଂଯୋଜକ ଆର ପି ମଣ୍ଡଳ ଅଗ୍ରାଧିକାର ଓ ରଣନୀତି ଆଧାରିତ ଏକ ସୁନିୟନ୍ତ୍ରିତ ଏବଂ ଦୀର୍ଘସ୍ଥାୟୀ ଦୃଷ୍ଟିକୋଣ ମାଧ୍ୟମରେ ଆମେ ନିଜ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ପରିବେଶ ଓ ଖଣିଜ ପଦାର୍ଥର ସୁରକ୍ଷା କରିପାରିବା ବୋଲି କହିଥିଲେ। ଏହି ଅବସରରେ ମ୍ୟାଲେରିଆ ସଚେତନତା ଧର୍ମୀ ଚଳଚ୍ଚିତ୍ର ଦମନ ପ୍ରଦର୍ଶିତ କରାଯାଇଥିଲା। ଚଳଚ୍ଚିତ୍ରକୁ ବିଛାକୁଣ୍ଡି ଓ ଆଖପାଖ ଗ୍ରାମର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଲୋକ ଦେଖିଥିଲେ। ଏହି ଅବସରରେ ଦେବୀ ପ୍ରସାଦ ଲେଙ୍କା (ସମ୍ପାଦକ) ଏବଂ ପ୍ରଯୋଜକ ଦିପେନ୍ଦ୍ର ସାମଲ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଚାର ପତ୍ର, ସ୍ଲୋଗାନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।



ଦମନ ଦେଖୁଛନ୍ତି ଲୋକେ।

# ମୋଚି ଛକ-ଭଦ୍ରକାଳୀ ରାସ୍ତା ଜବରଦଖଲ ଉଚ୍ଛେଦ, ପ୍ରଶସ୍ତୀକରଣ ଦାବି

**ଭଦ୍ରକ ଅଫିସ, ୧୯।୧୨**

ଭଦ୍ରକ କଚେରୀ ବଜାର ମୋଚି ଛକଠାରୁ ନଙ୍ଗାମହଲା, ଶଙ୍କରପୁର, ପୁରୁଣାବଜାର, ବାଙ୍କାବଜାର, ସଙ୍ଗତଛକଠାରୁ ଭଦ୍ରକାଳୀ ପୀଠ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ, ରାସ୍ତାର ପ୍ରଶସ୍ତୀକରଣ ଓ ସ୍ଥାୟୀ ନିର୍ମାଣ ପାଇଁ କଂଗ୍ରେସ ଦାବି କରିଛି। ଏନେଇ ଦଳ ପକ୍ଷରୁ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭଦ୍ରକ ପୌରପାଳିକାର ୧୪ଟି ୱାର୍ଡର ପ୍ରାୟ ୬୦ହଜାର, ଗୁଜିଦରଡ଼ା, ଖଣ୍ଡତଡା ଓ ବେନ୍ତାଳ ପଞ୍ଚାୟତର ୩୫ ହଜାରରୁ ଉର୍ଦ୍ଧ୍ୱ ଲୋକ ଦୈନନ୍ଦିନ ଏହି ରାସ୍ତାରେ ଯାତାୟାତ କରନ୍ତି। ରାସ୍ତାଟି ଅଣଓସାରିଆ ହୋଇଥିବାରୁ ଦମକଳ ଓ ଆମ୍ବୁଲାନ୍ସ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି। ସେହିପରି ମା' ଭଦ୍ରକାଳୀ ପୀଠକୁ ଯାଇଥିବା



କଂଗ୍ରେସ କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ରାସ୍ତା ଜବରଦଖଲ ଓ ଅଣଓସାରିଆ ଯୋଗୁ ଶ୍ରଦ୍ଧାଳୁମାନଙ୍କ ଯିବାଆସିବାରେ ସମସ୍ୟା ଦେଖାଦେଉଛି। ଏହି ରାସ୍ତାର ସ୍ଥାୟୀ ନିର୍ମାଣ ପାଇଁ ୨୦୧୮ରୁ ୫ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ହୋଇଥିଲେ ମଧ୍ୟ ଜବରଦଖଲ ଯୋଗୁ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ଜବରଦଖଲ ଉଚ୍ଛେଦ କରି ରାସ୍ତା ପ୍ରଶସ୍ତୀକରଣ ଓ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବାକୁ କଂଗ୍ରେସ ପକ୍ଷରୁ ଅବଦୁଲ ମୋକିତ ଖାଁ, ଅସରଫ୍ ଅଲ୍ଲୀ ଖାଁ, ପୁଷ୍ପାରାଣୀ ନାୟକ, ବିଜୟ ବାରିକ, ପୀତବାସ ଧଳ, ମିର୍ଜା ଏକ୍ରାମ, ରଞ୍ଜନ କୁମାର ଜେନା, ମୀର ସବୀର ଅଲ୍ଲୀ, ଶେଖ୍ ତବାରଖ, ସୁଶାନ୍ତ କୁମାର ଦାସ, ମୀର ଜଲାଲ ଉଦ୍ଦିନ, ଶଶିକାନ୍ତ ଜେନା ପ୍ରମୁଖ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।